# ଆମ ସାହିତ୍ୟ

## ଷଷ୍ଠ ଶ୍ରେଣୀ

CLLH17

ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ
ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ,
ଓଡ଼ିଶା, ଭୁବନେଶ୍ୱର

ଓଡ଼ିଶା ବିଦ୍ୟାଳୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ,
ଭୁବନେଶ୍ୱର

# ଆମ ସାହିତ୍ୟ

## ଷଷ୍ଠ ଶ୍ରେଣୀ


**ସମ୍ପାଦକ ମଣ୍ଡଳୀ :**

ଡ. ରେଖା ମହାନ୍ତି
ପ୍ରଫେସର ବାଉରିବନ୍ଧୁ ସାହୁ
ଡ. ମହେଶ୍ୱର ମହାନ୍ତି
ଡ. ସନ୍ଧ୍ୟାରାଣୀ ସିଂ
ଡ. ବସନ୍ତ କୁମାର ପଣ୍ଡା
ଡ. ଲକ୍ଷ୍ମୀକାନ୍ତ ଖୁଣ୍ଟିଆ
ଡ. ମୀନାକ୍ଷୀ ଦାସ
ସୁଶ୍ରୀ ବିଦ୍ୟୁଲତା ମିଶ୍ର

**ସମୀକ୍ଷକ ମଣ୍ଡଳୀ :**

ଡ. କୈଳାଶଚନ୍ଦ୍ର ଟିକାୟତରାୟ
ଶ୍ରୀ ବଟକୃଷ୍ଣ ଓଝା
ଡ. ସିତାଂଶୁ କୁମାର ଦାଶ
ଶ୍ରୀ ବ୍ରହ୍ମାନନ୍ଦ ସ୍ୱାଇଁ
ଶ୍ରୀମତୀ ସଂଯୁକ୍ତା ଷଡ଼ଙ୍ଗୀ

**ସଂଯୋଜନା :** ଡ. ପ୍ରୀତିଲତା ଜେନା
ଡ. ତିଳୋତ୍ତମା ସେନାପତି
ଡ. ସବିତା ସାହୁ



**ପ୍ରକାଶକ :**

ଓଡ଼ିଶା ସରକାର
ବିଦ୍ୟାଳୟ ଓ ଗଣ ଶିକ୍ଷା ବିଭାଗ, ଭୁବନେଶ୍ୱର

**ମୁଦ୍ରଣ ବର୍ଷ :** ୨୦୧୦
୨୦୧୯

**ପ୍ରସ୍ତୁତି :**

ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ, ଓଡ଼ିଶା, ଭୁବନେଶ୍ୱର
ଓ
ଓଡ଼ିଶା ରାଜ୍ୟ ପାଠ୍ୟପୁସ୍ତକ ପ୍ରଣୟନ ଓ ପ୍ରକାଶନ ସଂସ୍ଥା, ଭୁବନେଶ୍ୱର

**ମୁଦ୍ରଣ :** ପାଠ୍ୟପୁସ୍ତକ ଉତ୍ପାଦନ ଓ ବିକ୍ରୟ, ଓଡ଼ିଶା, ଭୁବନେଶ୍ୱର



ଜଗତମାତାଙ୍କର ଚରଣରେ ଅଦ୍ୟାବଧି ମୁଁ ଯେଉଁ ଯେଉଁ ଭେଟି ଦେଉଅଛି, ସେଗୁଡ଼ିକ ମଧ୍ୟରେ ମୌଳିକ ଶିକ୍ଷା ମୋତେ ସବୁଠାରୁ ଅଧିକ କ୍ରାନ୍ତିକାରୀ ଓ ମହତ୍ତ୍ୱପୂର୍ଣ୍ଣ ମନେ ହେଉଛି । ଏହାଠାରୁ ଅଧିକ ମହତ୍ତ୍ୱପୂର୍ଣ୍ଣ ଓ ମୂଲ୍ୟବାନ ଭେଟି ମୁଁ ଯେ ଜଗତ ସମ୍ମୁଖରେ ଥୋଇପାରିବି, ତାହା ମୋର ପ୍ରତ୍ୟୟ ହେଉନାହିଁ । ଏଥିରେ ରହିଛି ମୋର ସମଗ୍ର ରଚନାତ୍ମକ କାର୍ଯ୍ୟକ୍ରମକୁ ପ୍ରୟୋଗାତ୍ମକ କରିବାର ଚାବିକାଠି । ଯେଉଁ ନୂଆ ଦୁନିଆ ପାଇଁ ମୁଁ ଛଟପଟ ହେଉଛି, ତାହା ଏହିଥିରୁ ହିଁ ଉଦ୍ଭବ ହୋଇପାରିବ । ଏହା ମୋର ଅନ୍ତିମ ଅଭିଳାଷ କହିଲେ ଚଳେ ।

ମହାତ୍ମା ଗାନ୍ଧି

# ଆମ ଜାତୀୟ ସଙ୍ଗୀତ

"ଜନ-ଗଣ-ମନ-ଅଧିନାୟକ ଜୟ ହେ
ଭାରତ-ଭାଗ୍ୟ-ବିଧାତା
ପଞ୍ଜାବ-ସିନ୍ଧୁ-ଗୁଜୁରାଟ-ମରାଠା
ଦ୍ରାବିଡ଼ ଉତ୍କଳ ବଙ୍ଗ
ବିନ୍ଧ୍ୟ-ହିମାଚଳ-ଯମୁନା ଗଙ୍ଗା
ଉଚ୍ଛଳ ଜଳଧି ତରଙ୍ଗ
ତବ ଶୁଭ ନାମେ ଜାଗେ
ତବ ଶୁଭ ଆଶିଷ ମାଗେ
ଗାହେ ତବ ଜୟ ଗାଥା
ଜନଗଣ-ମଙ୍ଗଳ ଦାୟକ ଜୟ ହେ,
ଭାରତ ଭାଗ୍ୟ ବିଧାତା,
ଜୟ ହେ ଜୟ ହେ ଜୟ ହେ,
ଜୟ ଜୟ ଜୟ ଜୟ ହେ ।"

# ବିଷୟ ସୂଚୀ

## ପଦ୍ୟ ବିଭାଗ


| | ବିଷୟ | | କବି | ପୃଷ୍ଠା |
|---|---|---|---|---|
| ୧. | ବର୍ଷା | – | ଜଗନ୍ନାଥ ଦାସ | ୧ |
| ୨. | ପ୍ରଭାତ ଅବକାଶ | – | ବନମାଳୀ ଦାସ | ୬ |
| ୩. | ଜନ୍ମଭୂମି | – | ପଦ୍ମଚରଣ ପଟ୍ଟନାୟକ | ୧୦ |
| ୪. | ଶରତ-ନଈ-କୂଳେ | – | ରାଧାମୋହନ ଗଡ଼ନାୟକ | ୧୬ |
| ୫. | ଧୂଳି | – | ବିଦ୍ୟୁତ୍‌ପ୍ରଭା ଦେବୀ | ୨୧ |


## ଗଦ୍ୟ ବିଭାଗ


| | ବିଷୟ | | ଲେଖକ | ପୃଷ୍ଠା |
|---|---|---|---|---|
| ୬. | ବନବାଣୀ | – | ଗୋପବନ୍ଧୁ ଦାସ | ୨୬ |
| ୭. | ମୋ ଜୀବନର ଅଭୁଲା କଥା | – | ସତ୍ୟନାରାୟଣ ରାଜଗୁରୁ | ୩୨ |
| ୮. | କ'ଣ ଶିଖିବା | – | ଗୋଲୋକ ବିହାରୀ ଧଳ | ୩୮ |
| ୯. | ସଡ଼କ ସୁରକ୍ଷା ଜୀବନ ରକ୍ଷା | – | ସଂଗୃହୀତ | ୪୪ |
| ୧୦. | ଦେଶପ୍ରେମୀ କଏଦୀ | – | ରାମ ପ୍ରସାଦ ମହାନ୍ତି | ୫୦ |
| ୧୧. | କିଏ ଭାସେ କିଏ ବୁଡ଼େ | – | ଡ. କୁଳମଣି ସାମଲ | ୫୮ |

| | ବିଷୟ | | ଲେଖକ | ପୃଷ୍ଠା |
|---|---|---|---|---|
| ୧୨. | ବିଶ୍ୱବିଜୟୀ ବିବେକାନନ୍ଦ | - | ଡ. ଶୁଭେନ୍ଦ୍ର ମୋହନ ଶ୍ରୀଚନ୍ଦନସିଂ | ୬୫ |
| ୧୩. | ବୃକ୍ଷଲତା ଆମର ବନ୍ଧୁ | - | ଡ. ଜଗନ୍ନାଥ ମହାନ୍ତି | ୭୨ |
| ୧୪. | ଅଲିମ୍ପିକ କ୍ରୀଡ଼ା | - | ବୀରେନ୍ଦ୍ର କୁମାର ସାମନ୍ତରାୟ | ୭୯ |
| ୧୫. | ଓଡ଼ିଶାର ସଂସ୍କୃତି | - | ଡ. ଚାରୁବାଳା ମହାନ୍ତି | ୮୬ |
| | | | **ଗଳ୍ପ ଓ ଏକାଙ୍କିକା** | |
| ୧୬. | ନ୍ୟାୟ ବିଚାର | - | ସୁନନ୍ଦ କର | ୯୪ |
| ୧୭. | ରାଜୋଚିତ ବ୍ୟବହାର | - | ସାରଦା ପ୍ରସନ୍ନ ନାୟକ | ୧୦୦ |

CLVS2U

# ବର୍ଷା

ଜଗନ୍ନାଥ ଦାସ



ଏମନ୍ତେ ଗ୍ରୀଷ୍ମକାଳ ଗଲା
ବରଷା ଋତୁ ପ୍ରକାଶିଲା ॥
ସକଳ ଋତୁଙ୍କର ସାର
ଶସ୍ୟ-ସମ୍ପଦ ମଞ୍ଜପୁର ॥
ମେଘେ ମିଳିଲେ ଶୂନ୍ୟପଥେ
ବିଜୁଳି ଶବଦ ସଙ୍ଗତେ ॥
ମହୀ ମଣ୍ଡଳ ଦୁଃଖ ଚାହିଁ
ଜଳ ଛାଡ଼ିଲା ତୋଷ ହୋଇ ॥
ଘୋର ଶବଦେ ମେଘମାଳ
ଗର୍ଜିଣ ବରଷନ୍ତି ଜଳ ॥



ପ୍ରାଣୀ-ଜୀବନ ଜଳରାଶି
କରୁଣା ଚିତ୍ତରେ ବରଷି ॥
ପୃଥିବୀ ରବି ତେଜ ଗ୍ରାସେ
ତାପିତ ଥିଲା ଅଷ୍ଟମାସେ ॥
ଜଳ ପାଇଲା ତୋଷଚିତ୍ତେ
ତପସ୍ୱୀ ଜନଙ୍କର ମତେ ॥
ତପସ୍ୟା ଫଳ ଯେହ୍ନେ ପାଇ
ଭୁଞ୍ଜନ୍ତି ଅତି ସୁଖୀ ହୋଇ ॥

ଖଦ୍ୟୋତ କୀଟ ନିଶାମୁଖେ
ଜଗତ ଆବୋରିଲେ ସୁଖେ ॥
ମଣ୍ଡୁକେ ମେଘ ନାଦ ଶୁଣି
ଗର୍ଜନ୍ତି ଆବୋରିଣ ପାଣି ॥
ଅଳପ ନଦୀଏ ପୂରିଲେ
ଲହରି ମତେ ଉଛୁଳିଲେ ॥
× × ×



ନାନା ପ୍ରକାରେ ଶସ୍ୟରାଶି
ଏଣେ ପୂରିତ ମହୀ ଦିଶି ॥
ଛତୁ ଯେ ଛତ୍ର ପ୍ରାୟ ହୋଇ
ରାଜାର ପ୍ରାୟ ଦିଶେ ମହୀ ॥

ମୟୂରେ ଗିରି ଶିଖେ ଥାଇ
ନୃତ୍ୟ କରନ୍ତି ମେଘେ ଋହିଁ ॥
ଅତିଥି ଦେଖି ଭକ୍ତ ଜନେ
ଯେସନେ ତୋଷ ହୁନ୍ତି ମନେ ॥



ଭକ୍ତକବି ଜଗନ୍ନାଥ ଦାସ (ପଞ୍ଚଦଶ ଶତାବ୍ଦୀ)– ପୁରୀ ଜିଲ୍ଲାର କପିଳେଶ୍ୱରପୁରରେ ଜନ୍ମ। ତାଙ୍କ ରଚିତ ଓଡ଼ିଆ ଭାଗବତ ଏକ ପବିତ୍ର ଗ୍ରନ୍ଥ ଭାବରେ ଓଡ଼ିଶାରେ ସର୍ବତ୍ର ଜନପ୍ରିୟ ।'ବର୍ଷା'କବିତାଟି ଓଡ଼ିଆ ଭାଗବତର ଦଶମ ସ୍କନ୍ଧ, ଏକବିଂଶ ଅଧ୍ୟାୟରୁ ଆନୀତ।

ସୂଚନା : ନିଶାମୁଖ- ସନ୍ଧ୍ୟାବେଳ ତ୍ରାସ- ଭୟ

**ଆସ ଜାଣିବା କେତୋଟି ନୂଆ ଶବ୍ଦ**

ମଞ୍ଜପୁର, ଖଦ୍ୟୋତ, ଭୁଞ୍ଜନ୍ତି, ମଣ୍ଡୂକ, ତୋଷ

# ଅଭ୍ୟାସ

୧. **ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ଉତ୍ତର କୁହ :**

(କ) ବର୍ଷରେ କେତୋଟି ଋତୁ ଆସେ ?

(ଖ) ଗ୍ରୀଷ୍ମଋତୁ ପରେ କେଉଁ ଋତୁ ଆସେ ?

(ଗ) ମେଘମାନେ କେଉଁଠି ମିଳିତ ହୁଅନ୍ତି ?

(ଘ) ପୃଥିବୀ ସୂର୍ଯ୍ୟଙ୍କ ଉତ୍ତାପରେ କେତେ ମାସ ଉତପ୍ତ ଥିଲା ?

(ଙ) ଖଦ୍ୟୋତ କେତେବେଳେ ଉଡ଼ିବୁଲେ ?

୨. **ଉତ୍ତର ଲେଖ :**

(କ) ମେଘମାଳ କିପରି ଭାବରେ ଜଳ ବର୍ଷା କଲେ ?

(ଖ) 'ଗର୍ଜନ୍ତି ଆବୋରିଣ ପାଣି' – ଏଠାରେ କିଏ ଗର୍ଜିବା କଥା କୁହାଯାଇଛି ?

(ଗ) ଏହି କବିତାରେ କାହାକୁ ରାଜା ବୋଲି କୁହାଯାଇଛି ?

(ଘ) ବର୍ଷା ଋତୁକୁ ସକଳ ଋତୁଙ୍କର ସାର ବୋଲି କବି କାହିଁକି କହିଛନ୍ତି ?

(ଙ) ମୟୂର କାହାକୁ ଚାହିଁ ନୃତ୍ୟ କରେ ?

୩. ସରଳ ଭାଷାରେ ବୁଝାଇ ଲେଖ :

(କ) ମହୀ ମଣ୍ଡଳ ଦୁଃଖ ଋହିଁ

ଜଳ ଛାଡ଼ିଲା ତୋଷ ହୋଇ ।

(ଖ) ଅଳପ ନଦୀଏ ପୂରିଲେ

ଲହରି ମତେ ଉଚ୍ଛୁଳିଲେ ।

(ଗ) ଛତୁଯେ ଛତ୍ର ପ୍ରାୟ ହୋଇ

ରାଜାର ପ୍ରାୟ ଦିଶେ ମହୀ।

୪. ନିମ୍ନଲିଖିତ ପଦ୍ୟାଂଶରେ ଖାଲିଥିବା ସ୍ଥାନକୁ ବହି ଦେଖି ପୂରଣ କର :

(କ) ପ୍ରାଣୀ ଜୀବନ.....................................।

...................................... ଚିତ୍ତରେ ବରଷି।।

(ଖ) ..................................ଶସ୍ୟରାଶି

ଏଣେ......................ମହୀ.......................।।

୫. ଏହି କବିତାରେ 'ସୂର୍ଯ୍ୟ' ଓ 'ପୃଥିବୀ' ଶବ୍ଦ ପାଇଁ ଅନ୍ୟ ଯେଉଁ ଶବ୍ଦଗୁଡ଼ିକ ବ୍ୟବହାର କରାଯାଇଛି, ତାହାକୁ ଲେଖ।

୬. ବରଷା ଶବ୍ଦର ଗଦ୍ୟରୂପ 'ବର୍ଷା', ସେହିପରି ନିମ୍ନଲିଖିତ ଶବ୍ଦଗୁଡ଼ିକର ଗଦ୍ୟରୂପ ଲେଖ :

ଶବଦ, ଗରଜି, ବରଷି, ଗ୍ରୀଷମ, ତପତ, ଅଳପ

୭. ତଳେ ଦିଆଯାଇଥିବା ଶବ୍ଦଗୁଡ଼ିକର ଅର୍ଥ ସୂଚାଉଥିବା ଶବ୍ଦକୁ ବନ୍ଧନୀ ମଧ୍ୟରୁ ବାଛି ଲେଖ।

ମଞ୍ଚପୁର (ସ୍ୱର୍ଗପୁର, ପାତାଳପୁର, ମର୍ତ୍ତ୍ୟପୁର)

ଭୁଞ୍ଜନ୍ତି (ଭୋଜନ କରନ୍ତି, ଭୋଗ କରନ୍ତି, ଭରଣ କରନ୍ତି)

ମଣ୍ଡୂକ (ସାପ, ବେଙ୍ଗ, ମୟୂର)

ନିଶାମୁଖ (ସକାଳ, ସନ୍ଧ୍ୟାବେଳ, ରାତି)

୮. 'ଆଠ'କୁ ଯେପରି 'ଅଷ୍ଟ' କୁହାଯାଏ, ସେହିପରି ନିମ୍ନଲିଖିତ ଶବ୍ଦଗୁଡ଼ିକୁ କ'ଣ କୁହାଯିବ ଲେଖ :

ନଅ, ସାତ, ଛଅ, ଏଗାର

୯. ପ୍ରତ୍ୟେକ ଧାଡ଼ିରେ ତିନୋଟି ଏକଜାତୀୟ ଶବ୍ଦ ସହିତ ଗୋଟିଏ ଭିନ୍ନ ଜାତୀୟ ଶବ୍ଦ ମିଶି ରହିଛି । ଭିନ୍ନ ଜାତୀୟ ଶବ୍ଦଟିକୁ ଚିହ୍ନଟ କରି ଲେଖ ।

(କ) ବର୍ଷା, ବିଜୁଳି, ଗିରିଶିଖ, ପବନ

(ଖ) ମଣ୍ଡୂକ, ମୟୂର, ଛତୁ, ଖଦ୍ୟୋତ

## ତୁମ ପାଇଁ କାମ

୧. ବର୍ଷା ଉପରେ ଲେଖାଯାଇଥିବା ଅନ୍ୟ କବିଙ୍କର କବିତାଗୁଡ଼ିକୁ ସଂଗ୍ରହ କରି ପଢ଼ ।

୨. ବର୍ଷା ଋତୁ ସଂପର୍କରେ କବିତା ଲେଖି ତୁମ ଶିକ୍ଷକଙ୍କୁ ଦେଖାଅ ।

୩. ଜଗନ୍ନାଥ ଦାସଙ୍କ ଜୀବନୀ ସଂଗ୍ରହ କରି ପଢ଼ ।

# ପ୍ରଭାତ ଅବକାଶ

ବନମାଳୀ ଦାସ

ଉଠ ନିଶି ପାହିଲା ଏଥର ହେ ବଂଶୀଧର ! (ଘୋଷା)
ମନ୍ଦିରେ ଡାକିଲେ ଶୁକ
ବୃକ୍ଷରେ ରାବିଲେ କାକ
କୁହୁ କୁହୁ ରଟେ ପିକ,
　　କୁକ୍କୁଟ ଡାକିଲେ ପରଖର ହେ ।୧।





ଡାକେ ଯଶୋବନ୍ତୀ ଭାଳି,
ଉଠ ମୋର ବନମାଳୀ
ଶ୍ରୀମୁଖ ଦେବି ପଖାଳି,
　　ଝରିରେ ରଖିଛି ବାସ ନୀର ହେ ।୨।



ଅମୃତ ପାଣି କଦଳୀ,
ଲବଣୀ ସଂଗତେ ଗୋଳି
ଅଧାମ ଗୋଟିକା ପୁଳି,
　　ଖଣ୍ଡ ସଙ୍ଗେ ଭୁଞ୍ଜାଇବି ସର ହେ ।୩।

ଉଠ ରାମ ବାସୁଦେବ,
ଗୋ-ଗୋଷ୍ଠେ ଉଛୁର ହେବ
ଦଧି ଅନ୍ନ ସାଥେ ନେବ,
ନଦୀକୂଳେ କରିବ ଆହାର ହେ ।୪।





ବାଛୁରୀ ଚରାଇ ଯାଇ,
କାଲି ପଥଶ୍ରମ ପାଇ
ଅଳସରେ ଅଛୁ ଶୋଇ,
ଅଶକତ ହୁଏ କି ଶରୀର ହେ ।୫।



ସିଂହଦ୍ୱାରେ ଗୋପସୁତ,
ଡାକନ୍ତି ଉଠ ଅଚ୍ୟୁତ
କେତେ ନିଦ୍ରା ଯାଉ ତୁ ତ
ଆକାଶେ ଉଦୟ ଦିନକର ହେ ।୬।



ଉଠ ପ୍ରଭୁ ଚକ୍ରଧର,
ଯିବାକୁ ହେବ ଉଛୁର
ବନକୁ ଗମନ କର,
ବନମାଳୀ ଚରଣେ କିଙ୍କର ହେ ।୭।

**ବନମାଳୀ ଦାସ** – ଅଷ୍ଟାଦଶ ଶତାବ୍ଦୀର ଜଣେ ଭକ୍ତକବି । ସେ ପୁରୀରେ ବାସ କରୁଥିଲେ । ଜଗନ୍ନାଥଙ୍କ ସେବକ ଭାବରେ ସେ ବହୁ ଭଜନ ଓ ଜଣାଣ ରଚନା କରିଛନ୍ତି । କୃଷ୍ଣଙ୍କୁ ନେଇ ମଧ୍ୟ ସେ ଅନେକ କବିତା ଲେଖିଛନ୍ତି । ତାଙ୍କ କବିତାଗୁଡ଼ିକ ସରଳ ଓ ସଂଗୀତମୟ । ସମସ୍ତ କବିତାକୁ ବନମାଳୀ ପଦାବଳୀ ନାମରେ ଏକତ୍ର କରି ଛପାଯାଇଛି ।

### ଆସ ଜାଣିବା କେତୋଟି ନୂଆ ଶବ୍ଦ

| | | | | |
|---|---|---|---|---|
| ଶୁକ | ପରଖର | ଲବଣୀ | ପୁଳି | ଦିନକର |
| ପିକ | ପଖାଳି | ଅଧାମ | ଗୋଷ୍ଠ | ଉଛୁର |
| କୁକ୍କୁଟ | ଝରି | ଗୋଟିକା | ପଥଶ୍ରମ | ଅଶକତ |

ସୂଚନା – ଅମୃତ ପାଣି କଦଳୀ : ଗୋଟିଏ ପ୍ରକାର କଦଳୀର ନାମ

ଦିନକର : ସୂର୍ଯ୍ୟ

## ଅଭ୍ୟାସ

୧. **ଉତ୍ତର କୁହ :**

(କ) ସକାଳ ହେବାରୁ କେଉଁ କେଉଁ ପକ୍ଷୀ ରାବିଲେ ?

(ଖ) ମାତା ଯଶୋବନ୍ତୀ ଶ୍ରୀକୃଷ୍ଣଙ୍କୁ କେଉଁ ସବୁ ଖାଦ୍ୟ ଖୁଆଇବେ ବୋଲି କହିଛନ୍ତି ?

(ଗ) ଶ୍ରୀକୃଷ୍ଣ କେଉଁ କାରଣରୁ ପଥଶ୍ରମ ପାଇ ଅଧିକ ସମୟ ଶୋଇଯାଇଛନ୍ତି ?

(ଘ) କେଉଁମାନେ ସିଂହଦ୍ୱାର ନିକଟରେ ଥାଇ ଶ୍ରୀକୃଷ୍ଣଙ୍କୁ ଡାକୁଛନ୍ତି ?

୨. **ଉତ୍ତର ଲେଖ :**

(କ) କେଉଁ କେଉଁ ପକ୍ଷୀ ଶ୍ରୀକୃଷ୍ଣଙ୍କୁ ରାତି ପାହି ଯିବାର ସୂଚନା ଦେଉଛନ୍ତି ?

(ଖ) ଶ୍ରୀକୃଷ୍ଣ ନିଦରୁ ଉଠିବା ପରେ ମା' ଯଶୋଦା କ'ଣ କରିବେ କହୁଛନ୍ତି ?

(ଗ) ଶ୍ରୀକୃଷ୍ଣ କାହିଁକି ଏତେବେଳ ପର୍ଯ୍ୟନ୍ତ ଶୋଇଛନ୍ତି ବୋଲି ମାତା ଯଶୋଦା ଭାବୁଛନ୍ତି ?

(ଘ) ଏହି କବିତାଟିରେ ଯଶୋଦାଙ୍କର ମାତୃ ସ୍ନେହ କିପରି ଫୁଟି ଉଠିଛି ?

(ଙ) ଗୋପାଳ ବାଳକମାନେ କ'ଣ କହି ଶ୍ରୀକୃଷ୍ଣଙ୍କୁ ନିଦରୁ ଉଠାଉଛନ୍ତି ?

**୩. ସରଳ ଭାଷାରେ ବୁଝାଇ ଲେଖ :**

(କ) ଅମୃତ ପାଣି କଦଳୀ, ଲବଣୀ ସଙ୍ଗତେ ଗୋଳି
ଅଧାମ ଗୋଟିକା ପୁଳି, ଖଣ୍ଡ ସଙ୍ଗେ ଭୁଞ୍ଜାଇବି ସର ହେ ।

(ଖ) ବାଛୁରୀ ଚରାଇ ଯାଇ, କାଲି ପଥଶ୍ରମ ପାଇ,
ଅଳସରେ ଅଛୁ ଶୋଇ, ଅଶକତ ହୁଏ କି ଶରୀର ହେ ।

୪. ମାଆ ଯଶୋଦା ଶ୍ରୀକୃଷ୍ଣଙ୍କୁ ନିଦରୁ ଉଠାଇବା ପାଇଁ ବ୍ୟସ୍ତ ହୋଇ ପଡ଼ିଛନ୍ତି । ଯେଉଁ ପଦଟିରୁ ଏହାର ସୂଚନା ମିଳୁଛି, ସେହି ପଦଟି ଲେଖ ।

୫. ଶ୍ରୀକୃଷ୍ଣଙ୍କୁ କିଏ, କେଉଁ ନାମ ଧରି ଡାକିଛନ୍ତି, ସେହି ନାମଗୁଡ଼ିକ ଲେଖ ।

୬. ବଂଶୀ ଧରନ୍ତି ଯେ, ସେ 'ବଂଶୀଧର'; ଏହି ଭଳି ଆଉ କେତୋଟି ଶବ୍ଦ ଲେଖ ।

**୭. ଅସଜଡ଼ା ପଦକୁ ସଜାଡ଼ି ଲେଖ :**

(କ) ବାସୁଦେବ ଉଚ୍ଛୁର ଗୋ-ଗୋଷ୍ଠେ ହେବ ରାମ ଉଠ ।

(ଖ) ଆହାର ନଦୀକୂଳେ ଦଧି ସାଥେ ଅନ୍ନ ନେବ କରିବ ହେ ।

## ତୁମ ପାଇଁ କାମ

୧. କାଉ, କୁକୁଡ଼ା, ଶୁଆ, ମୟୂର ଓ ଅନ୍ୟ ପକ୍ଷୀମାନଙ୍କର ପର ସଂଗ୍ରହ କର ଏବଂ ସେଗୁଡ଼ିକ ତୁମ ବିଦ୍ୟାଳୟରେ ରଖ ।

୨. ଶ୍ରୀକୃଷ୍ଣଙ୍କ ପିଲାଦିନ ଉପରେ ଲେଖାଯାଇଥିବା ଅନ୍ୟ କବିତା ସଂଗ୍ରହ କର ଏବଂ ପଢ଼ ।

୩. ବନମାଳୀ ଦାସଙ୍କ ଲିଖିତ ଅନ୍ୟ କବିତାଗୁଡ଼ିକୁ ସଂଗ୍ରହ କରି ଶ୍ରେଣୀରେ ସାଙ୍ଗମାନଙ୍କ ସହିତ ଆବୃତ୍ତି କର ।

# ଜନ୍ମଭୂମି

ପଦ୍ମଚରଣ ପଟ୍ଟନାୟକ



୧

ଯେ ଦେଶେ ଜନ୍ମିଛି ମୁହିଁ, ଅଛି ଯେଉଁ ଦେଶେ,
ଯେ ଦେଶର ବାୟୁ ବହେ ନିଃଶ୍ୱାସେ ପ୍ରଶ୍ୱାସେ ।
ଯେ ଦେଶର ରବି ତାପ କିରଣ ବିତରେ,
ତୃଷା ମେଣ୍ଟେ ଯେ ଦେଶର ସ୍ନିଗ୍ଧ ସ୍ୱଚ୍ଛ ଜଳେ ।
ଯାର ଫଳଶସ୍ୟେ କରେ ଜୀବନ ଧାରଣ,
ଯାର ବକ୍ଷେ ସଦା ସୁଖେ କରେ ବିଚରଣ ।
ସେହି ମୋର ଜନ୍ମଭୂମି ଜନନୀ ସମାନ,
ଧରା ତଳେ କାହିଁ ଅଛି ତା ସମାନ ସ୍ଥାନ !



୨

ଯେ ଦେଶେ ଅଛନ୍ତି ମୋର ପ୍ରିୟ ପରିବାର,
ଦୟାମୟ ପିତା ପୁଣି ଜନନୀ ମୋହର ।
ସ୍ନେହର ପିତୁଳା ଭାଇ ଭଉଣୀ ସକଳେ
ଶୋଭନ୍ତି ଫୁଟିଲା ଫୁଲ ପରି ମୋର ଘରେ ।
ଯେ ଦେଶେ ଖେଳର ସାଥି ପ୍ରିୟ ବନ୍ଧୁଗଣ
ସାଜି ରହିଛନ୍ତି ଯେହ୍ନେ ନନ୍ଦନ କାନନ ।
ସେହି ମୋର ଜନ୍ମଭୂମି ଜନନୀ ସମାନ,
ଧରା ତଳେ କାହିଁ ଅଛି ତା ସମାନ ସ୍ଥାନ !

୩

ଯେ ଦେଶର ଗିରି ନଦୀ କେତେ ଶୋଭା ଧରେ,
ଖଣି ମଧ୍ୟେ ଶୋଭେ ମଣି, ମୁକୁତା ସାଗରେ ।
ଅସଂଖ୍ୟ ନକ୍ଷତ୍ର ଶୋଭେ ସୁନୀଳ ଆକାଶେ,
ନବ ଜଳଧର ସଙ୍ଗେ ସୌଦାମିନୀ ଭାସେ ।
ଯେ ଦେଶ କାନନେ ଶୋଭେ କେତେ ତୋରା ଫୁଲ,
କଳ କଣ୍ଠେ ଗାଏ ଗୀତ ବିହଙ୍ଗମ କୁଳ ।
ସେହି ମୋର ଜନ୍ମଭୂମି ଜନନୀ ସମାନ
ଧରା ତଳେ କାହିଁ ଅଛି ତା ସମାନ ସ୍ଥାନ !



୪

ଯା'ର ଅନ୍ନ ଜଳ ଖାଇ ଶରୀର ଜୀବିତ,
ଯାହା ନାମେ ଧରା ତଳେ ହୁଏ ପରିଚିତ ।
ଯାହାର ଗୌରବେ କେତେ ସୁଖର ଉଦୟ,
ଯାହାର ପତନେ ହୁଏ ପତନ ନିଶ୍ଚୟ ।
ଦୂର ଦେଶେ ଥାଇ ଯାକୁ କରିଲେ ସ୍ମରଣ
ଘାଣ୍ଟି ହୁଏ ମନ, ଦୁଃଖେ ଝୁରଇ ନୟନ ।
ତାହା ଲାଗି ଶରୀରର ରକ୍ତବିନ୍ଦୁ ଦାନ
ଯେ ନ କରେ କୃତଘ୍ନ ସେ ପଶୁର ସମାନ ।

୪

ଖୋଲି ଦେଖ ଇତିହାସ କେତେ ମହାବୀର
ସ୍ୱଦେଶ ମଙ୍ଗଳେ ଦେଇଅଛନ୍ତି ଶରୀର !
ନିଜ ସୁଖଶାନ୍ତି ଘର ପରିବାର ଭୁଲି
ଦ୍ୱାରେ ଦ୍ୱାରେ ବୁଲିଛନ୍ତି ଘେନି ଭିକ୍ଷାଝୁଲି ।
ମୁଣ୍ଡଝାଳ ଗୋଡ଼େ ମାରି ଲୋକଙ୍କ ମଙ୍ଗଳେ,
ଲେଖି ଯାଇଛନ୍ତି ନାମ ଅକ୍ଷୟ ଅକ୍ଷରେ ।
କାଳେ-କାଳେ ଲୋକମୁଖ ଘୋଷେ ତାଙ୍କ ନାମ,
ଧନ୍ୟ ତାଙ୍କ ପିତା ମାତା ଧନ୍ୟ ଜନ୍ମସ୍ଥାନ !



**ପଦ୍ମଚରଣ ପଟ୍ଟନାୟକ (୧୮୮୫-୧୯୫୬)–** ଜଣେ ଜାତୀୟବାଦୀ କବି ଭାବରେ ସୁପରିଚିତ, ସ୍ୱର୍ଣ୍ଣରେଣୁ, ପଦ୍ମପାଖୁଡ଼ା, ସୂର୍ଯ୍ୟମୁଖୀ, ଆଶା ମଞ୍ଜରୀ, ଗୋଲାପ ଗଛ ଓ ସୁନାରଦେଶ ପ୍ରଭୃତି କବିତା ପୁସ୍ତକର ରଚୟିତା । ଏହା ବ୍ୟତୀତ ମାର୍ଟିନଲୁଥର, ମହାତ୍ମାଗାନ୍ଧୀ, ନେପୋଲିୟନ, ଫକୀରମୋହନ ପ୍ରଭୃତି କେତେଖଣ୍ଡ ଜୀବନୀ ପୁସ୍ତକ ମଧ୍ୟ ସେ ରଚନା କରିଛନ୍ତି ।

### ଆସ ଜାଣିବା କେତୋଟି ନୂଆ ଶବ୍ଦ

| | | | |
|---|---|---|---|
| ତୃଷ୍ଣା | ସ୍ନିଗ୍ଧ | ସ୍ୱଚ୍ଛ | ସୌଦାମିନୀ |
| କାନନ | ତୋରା | ବିହଙ୍ଗମ | କୃତଘ୍ନ |

# ଅଭ୍ୟାସ

୧. ଉତ୍ତର କୁହ :

(କ) ଆମେ ଯେଉଁ ଦେଶରେ ଜନ୍ମଲାଭ କରିଛୁ ତାହାକୁ କ'ଣ ବୋଲି କହିବା ?

(ଖ) ଜୀବନ ଧାରଣ କରିବା ପାଇଁ ଜନ୍ମଭୂମି ଆମକୁ କ'ଣ ଦିଏ ?

(ଗ) ଜନ୍ମଭୂମି କାହା ସହିତ ତୁଳନୀୟ ?

(ଘ) ପରିବାରରେ ଫୁଟିଲା ଫୁଲମାନେ କିଏ ?

(ଙ) ମଣି ଓ ମୁକୁତା କେଉଁଠି ସାଇତା ହୋଇ ରହିଛି ?

(ଚ) ଜନ୍ମଭୂମି ପ୍ରତି ଆମର କି କର୍ତ୍ତବ୍ୟ ରହିଛି ?

(ଛ) କେଉଁମାନଙ୍କ ନାମ ଲୋକମୁଖରେ କାଳେ କାଳେ ରହେ ?

୨. ତିନୋଟି ଏକଜାତୀୟ ଶବ୍ଦ ସହିତ ଯେଉଁ ଭିନ୍ନଜାତୀୟ ଶବ୍ଦଟି ଅଛି, ତାକୁ ବାଛି ଅଲଗା କର ।

(କ) ବାୟୁ, ପବନ, ଆନନ୍ଦ, ଅନିଳ

(ଖ) ଜନନୀ, ମାତା, ମାଆ, ପିତା

(ଗ) ରବି, କବି, ସୂର୍ଯ୍ୟ, ତପନ

(ଘ) ବିହଗ, ନକ୍ଷତ୍ର, ବିହଙ୍ଗମ, ପକ୍ଷୀ

(ଙ) ବଣ, ଜଙ୍ଗଲ, ପର୍ବତ, କାନନ

୩. ମନେପକାଇ କବିତାଂଶକୁ ପୂରଣ କର :

(କ) ଯା'ର ଫଳ ଶସ୍ୟେ କରେ .................. ଧାରଣ ।

(ଖ) ଯେ ଦେଶେ ଅଛନ୍ତି ମୋର ପ୍ରିୟ...................... ।

(ଗ) ସ୍ନେହର ପିତୁଳା......................ସକଳେ ।

(ଘ) ଅସଂଖ୍ୟ ନକ୍ଷତ୍ର ଶୋଭେ ସୁନୀଳ........................।

(ଙ) ଯେ ଦେଶ କାନନେ ଶୋଭେ..........................।

**୪. ସରଳ ଭାବରେ ଅର୍ଥ ବୁଝାଇ ଲେଖ :**

(କ) ସେହି ମୋର ଜନ୍ମଭୂମି ଜନନୀ ସମାନ

ଧରାତଳେ କାହିଁ ଅଛି ତା ସମାନ ସ୍ଥାନ !

(ଖ) ତାହା ଲାଗି ଶରୀରର ରକ୍ତବିନ୍ଦୁ ଦାନ

ଯେ ନ କରେ କୃତଘ୍ନ ସେ ପଶୁର ସମାନ ।

(ଗ) ମୁଣ୍ଡଝାଳ ଗୋଡ଼େ ମାରି ସ୍ୱଦେଶ ମଙ୍ଗଳେ

ଲେଖିଯାଇଛନ୍ତି ନାମ ଅକ୍ଷୟ ଅକ୍ଷରେ ।

**୫. ବିଶେଷଣ ପଦଗୁଡ଼ିକ ଚିହ୍ନାଇ ଦିଅ :**

ସ୍ୱଚ୍ଛ ଜଳ, ପ୍ରିୟ ପରିବାର, ଦୟାମୟ ପିତା, ଫୁଟିଲା ଫୁଲ, ସୁନୀଳ ଆକାଶ, ନବ ଜଳଧର, ତୋରା ଫୁଲ

**୬. ଉତ୍ତର ଲେଖ :**

(କ) ଜୀବନ ଧାରଣ ପାଇଁ କେଉଁ କେଉଁ ଜିନିଷ ଆମର ଅତି ଆବଶ୍ୟକ ?

(ଖ) ଜନ୍ମଭୂମି ଜନନୀ ସହିତ ସମାନ କାହିଁକି ?

(ଗ) ପରିବାରର କେଉଁମାନେ ଆମର ପ୍ରିୟ ?

(ଘ) କାହାକୁ କବି କୃତଘ୍ନ ଓ ପଶୁର ସମାନ ବୋଲି କହିଛନ୍ତି ?

(ଙ) ମହାପୁରୁଷମାନଙ୍କ ଜୀବନୀରୁ ଆମେ କି ଶିକ୍ଷା ପାଉ ?

୭. 'ସ୍ନେହର ପିତୁଳା' ଭଳି 'ପିତୁଳା' ଶବ୍ଦ ପୂର୍ବରୁ ଆଉ କେଉଁ ଶବ୍ଦଟି ବ୍ୟବହାର କରିହେବ ଭାବି ଲେଖ ।

୮. ବନ୍ଧନୀ ମଧ୍ୟରୁ ଉପଯୁକ୍ତ ଶବ୍ଦ ବାଛି ଶୂନ୍ୟ ସ୍ଥାନରେ ଲେଖ :

(କ) ରବି ତାପ..........................

(ଶୋଭା ଧରେ, କିରଣ ବିତରେ, ବିଚରଣ କରେ)

(ଖ) କାନନେ ଶୋଭେ କେତେ .......................

(ବିହଙ୍ଗମ କୁଳ, ନବ ଜଳଧର, ତୋରା ଫୁଲ)

(ଗ) ଯାହାର ଗୌରବେ କେତେ...........................

(ଶରୀର ଜୀବିତ, ପତନ ନିଶ୍ଚୟ, ସୁଖର ଉଦୟ)

୯. ନିମ୍ନଲିଖିତ ଶବ୍ଦଗୁଡ଼ିକର ଅର୍ଥ ପ୍ରକାଶ କରୁଥିବା କେଉଁକେଉଁ ଶବ୍ଦ କବିତାରେ ବ୍ୟବହାର କରାଯାଇଛି ଖୋଜିକରି ଲେଖ :

ମେଘ, ବିଜୁଳି, ଚଢ଼େଇ, ତାରା, ପୃଥିବୀ

## ତୁମ ପାଇଁ କାମ

୧. ଜନ୍ମଭୂମି ସଂପର୍କରେ ଅନ୍ୟ କବିମାନେ ଲେଖିଥିବା କବିତାଗୁଡ଼ିକୁ ସଂଗ୍ରହ କରି ପଢ଼ ।

୨. ନିଜ ମନରୁ ଜନ୍ମଭୂମି ସଂପର୍କରେ କବିତାଟିଏ ଲେଖିବାକୁ ଚେଷ୍ଟା କର ।

୩. କବି ପଦ୍ମଚରଣ ପଟ୍ଟନାୟକଙ୍କର ଅନ୍ୟାନ୍ୟ କବିତା ସଂଗ୍ରହ କରି ପଢ଼ ।

CHNF7S

# ଶରତ-ନଈ-କୂଳେ

ରାଧାମୋହନ ଗଡ଼ନାୟକ



ଶରତ-ନଈ-କୂଳେ
ବସିଛି ମୁହିଁ ଛାଇ ଛଇଳ
ଆମ୍ର ତରୁ ମୂଳେ ।
ପ୍ରକୃତିର ସବୁଜ କୋଳ
ଏ ମୋର ମନ ହେଉଛି ଭୋଳ,
ନୟନ ମମ
ଭ୍ରମର ସମ
ମାଧୁରୀ ଗଣ୍ଡି ବୁଲେ ।



ନଈର ଜଳଧାରା
ଚାଲିଛି ଛାଇ ଆଲୁଅ ତଳେ
ଦିଶୁଛି ମନୋହରା ।
ହଲାଇ ଗଛ ପତରରାଶି
ସମୀର ଧୀରେ ପଡ଼ଇ ଝାସି,
ଗୋଟିକି ଗୋଟି
ପଡୁଛି ଲୋଟି
ଚପଳ ଢେଉ ମାଳା ।

ମଉନ ବକ ବସିଛି ତା'ର
ସୁଅର ଏକ ପାଶେ
ଶିକାର ଅଭିଳାଷେ ।
ପାଉଛି ଯାହା, ଅତୁଳ ସୁଖେ
ଦେଉଚି ଭରି ଆପଣା ମୁଖେ ।
ଗେଣ୍ଡାଳିଆ
ଝାମ୍ପ ମାରି
ଉଠଇ ନୀଳାକାଶେ ।





ନଈର ଆର ପାରେ
ଦିଶୁଛି ଗାଈ ବାଛୁରୀ ପଲ
ସବୁଜ ପଡ଼ିଆରେ ।
ଗୋପାଳ ପୁଅ ସେଇଠି କାହିଁ
ବଇଁଶୀ ସୁରେ ଦେଉଚି ଗାଇ,
ମୂର୍ଚ୍ଛନାଟି
ଉଠୁଚି ମାତି
ସତେ କି ତାଳେ ତାଳେ ।

ନଈର ଏଇ କୂଳେ
ଶେଫାଳୀ ଫୁଲ ଆକୁଳ କରି
ଫୁଟିଚି ଯାଇ ଦୂରେ ।
ମଧୁର ତାର ମହକ ରାଶି
ପବନ ସାଥେ ଆସୁଚି ଭାସି,
ଆବେଶ-ଭୋଳ
ଚିତ୍ତ ମୋର
ତାହାରି ସାଥେ ଘୂରେ ।



ସେତିକି ବେଳେ ତହିଁ
ଶଙ୍ଖଚିଲ ଉଠଇ ଡାକି
ଆକାଶେ ରହି ରହି ।
ଦୂରେ ଯେ ଥିଲେ ବାଳକ ଦଳ
ଉଚ୍ଚେ ମିଳି ତୋଳିଲେ ସ୍ୱର,
'ହେଇ ରେ ଭାଇ
ବିଜୟ-ଶିରୀ,
ଦେଖରେ ଦେଖ ଭାଇ !'





ଶରତ ଲଗନରେ
ସୁନୀଳ ଏକ ବଉଦ ଉଡ଼େ
ଧୂସର ଗଗନରେ ।
ଉପରେ ମେଘ, ତଳେ ଏ ନଈ
ମନରେ ମୋର ଦିଅଇ କହି
'ସୃଷ୍ଟି ଧାମେ
ସୁଷମା ଆମେ
ଭରୁଚୁ ଜୀବନରେ ।'

---

**ରାଧାମୋହନ ଗଡ଼ନାୟକ** (୧୯୧୧-୨୦୦୦)- ଆଧୁନିକ ଓଡ଼ିଆ କାବ୍ୟ-ସାହିତ୍ୟରେ ଜଣେ ଶ୍ରେଷ୍ଠ ଛନ୍ଦକବି ଭାବରେ ସୁପରିଚିତ । ଅନୁଗୁଳର କଲଣ୍ଡା ପାଳଗ୍ରାମରେ ସେ ଜନ୍ମଗ୍ରହଣ କରିଥିଲେ । ତାଙ୍କ ରଚନା ମଧ୍ୟରେ 'କୈଶୋରିକା', 'ପଶୁପକ୍ଷୀର କାବ୍ୟ', 'ଉତ୍କଳିକା', 'ଶାମୁକାର ସ୍ୱପ୍ନ' ଆଦି ପ୍ରଧାନ । 'ସୂର୍ଯ୍ୟ ଓ ଅନ୍ଧକାର' କାବ୍ୟ ଗ୍ରନ୍ଥ ପାଇଁ ସେ କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାର ଲାଭ କରିଛନ୍ତି । ପଠିତ କବିତାଟି କବିଙ୍କ ଲିଖିତ 'କୈଶୋରିକା' କବିତା ପୁସ୍ତକରୁ ସଂଗୃହୀତ ।

**ସୂଚନା :**

ଛଇଳ - ସୁନ୍ଦର
ଶିରୀ - ସମ୍ପଦ, ସୌନ୍ଦର୍ଯ୍ୟ
ଭ୍ରମର- ଅଳି, ଭଅଁର
ଶେଫାଳୀ- ଗଙ୍ଗଶିଉଳି
ତରୁ- ବୃକ୍ଷ
ଆମ୍ର- ଆମ୍ବ
ମହକ- ସୁଗନ୍ଧ, ବାସ୍ନା

# ଅଭ୍ୟାସ

୧. କବିତାର ଗୋଟିଏ ଲେଖାଏଁ ପଦ ଆବୃତ୍ତି କର ।

୨. କବିତାର ଯେଉଁ ପଦରେ ଏ କଥା କୁହାଯାଇଛି ସେହି ପଦକୁ ଆବୃତ୍ତି କର

(କ) ବଗ ଶିକାର ପାଇଁ ବସିଛି ।

(ଖ) ଶଙ୍ଖଚିଲ ଆକାଶରେ ଉଡୁଛି ।

(ଗ) ଗୋପାଳ ପିଲା ବଂଶୀ ବଜାଉଛି ।

(ଘ) ଶରତ-ଆକାଶରେ ନୀଳମେଘ ଅତି ସୁନ୍ଦର ଦେଖାଯାଉଛି ।

୩. ନିମ୍ନଲିଖିତ ବାକ୍ୟଗୁଡ଼ିକୁ ଉତ୍ତର ମନେକରି ଏଗୁଡ଼ିକ ପାଇଁ କେତୋଟି ପ୍ରଶ୍ନ ପ୍ରସ୍ତୁତ କର

(କ) କବି ଶରତ ଋତୁରେ ନଈକୂଳ ଆମ୍ବଗଛ ମୂଳେ ବସିଥିଲେ ।

(ଖ) ନଈର ଜଳଧାରା ମନୋହର ଦେଖାଯାଉଛି ।

(ଗ) ବଗ ନଈ ସୁଅର ଗୋଟିଏ ପଟେ ଶିକାର ପାଇଁ ବସିଛି ।

(ଘ) ନଈକୂଳରେ ଶେଫାଳୀ ଫୁଲ ଫୁଟିଛି ।

୪. ସବୁଜ କୋଳ, ମଉନ ବକ, ଧୀର ସମୀର ଶବ୍ଦରେ ଥିବା ବିଶେଷ୍ୟ ପଦଗୁଡ଼ିକ ଲେଖ ।

୫. ନିମ୍ନଲିଖିତ ପ୍ରତ୍ୟେକ ଶବ୍ଦର ଅର୍ଥ ବୁଝାଉଥିବା ଆଉ ଗୋଟିଏ ଶବ୍ଦ ଲେଖ ।

ନୟନ, ଢେଉ, ଗଛ, ଭ୍ରମର, ଜଳ, ସମୀର, ଶେଫାଳୀ

୬. କବିତାରେ ଥିବା ପଦରୁ ଗୋଟିଏ ଧାଡ଼ି ଦିଆଯାଇଛି । ପରବର୍ତ୍ତୀ ଧାଡ଼ିଟି ପୂରଣ କର :

(କ) ମଧୁର ତାର ମହକ ରାଶି .....................

(ଖ) ଦୂରେ ଯେ ଥିଲେ ବାଳକ ଦଳ..................

(ଗ) ସୁଅର ଏକ ପାଶେ............................

(ଘ) ହଲାଇ ଗଛ ପତରରାଶି......................

୭. **ନିମ୍ନଲିଖିତ ଶବ୍ଦଗୁଡ଼ିକର ଗଦ୍ୟରୂପ ଲେଖ :**

ଚକର, ଲଗନ, ମଉନ, ମୂରୁଛନା

୮. 'ନୀଳ' ଶବ୍ଦ ପୂର୍ବରୁ 'ସୁ' ଯୋଡ଼ିଲେ 'ସୁନୀଳ' ହୁଏ । ସେହିପରି 'ସୁ' ଲଗାଇ ଆଉ ତିନିଗୋଟି ଶବ୍ଦ ତିଆରି କର ।

୯. **ତଳେ ଦିଆଯାଇଥିବା ପଦଟିରୁ ସ୍ୱରବର୍ଣ୍ଣଗୁଡ଼ିକୁ ବାଛି ଲେଖ :**

ସୁଅର ଏକ ପାଶେ
ମଉନ ବକ ବସିଛି ତାର
ଶିକାର ଅଭିଳାଷେ ।

## ତୁମ ପାଇଁ କାମ

୧. କବି ରାଧାମୋହନ ଗଡ଼ନାୟକଙ୍କ ରଚିତ କବିତା ବହିଗୁଡ଼ିକର ନାମ ସଂଗ୍ରହ କର ।

CHXB9F

# ଧୂଳି

ବିଦ୍ୟୁତ୍‌ପ୍ରଭା ଦେବୀ

ଆକାଶ ତଳେ ଧୂଳିକଣା ମୁଁ
ବିଶ୍ୱେ ଅତି ସାନ
ଜୀବନେ ମୋର ନାହିଁ ତ କେବେ
କା' ସାଥେ ଅଭିମାନ ।

ଜନ୍ତୁ ଜୀବ ସବୁରି ପାଦ
ପୀଡ଼ଇ ନିତି ମତେ
ନିର୍ବିକାରେ ତଥାପି ମୁହିଁ
ପଡ଼ିଛି ଧରାପଥେ ।

ଜଗତେ ମୋର କି ଯାଏ ଆସେ
ଦୁଃଖେ ଅବା ସୁଖେ
ଏତିକି ଜାଣେ ବିଶ୍ୱ ଜୀବ
ମିଶଇ ମୋର ବୁକେ ।



ବାକ୍ୟ ହୀନ ନିଃସ୍ୱ ମୁହିଁ
ଭରସାହୀନ ଚିର,
ସକଳ ଚାପ ନେବାରେ ସହି
ଦକ୍ଷ ଏ ମୋ ଶିର ।

ସୃଷ୍ଟି ଦିନୁ ଦେଖୁଛି ବସି
ସକଳ ଅଭିଯାନ,
ଆକାଶ ତଳେ ଧୂଳିକଣା ମୁଁ
ବିଶ୍ୱେ ଅତି ସାନ ।

**ବିଦ୍ୟୁତ୍‌ପ୍ରଭା ଦେବୀ** (୧୯୨୬-୧୯୭୭)- କେନ୍ଦ୍ରାପଡ଼ା ଜିଲ୍ଲା ଅନ୍ତର୍ଗତ ନାଟରା ଗ୍ରାମରେ ଜନ୍ମ । ସେ ଆଧୁନିକ ଯୁଗର ଜଣେ ବିଶିଷ୍ଟ ନାରୀକବି । ତାଙ୍କ ରଚିତ 'ଉତ୍କଳ ସାରସ୍ୱତ ପ୍ରତିଭା', 'ସ୍ୱପ୍ନଦୀପ', 'ମରୀଚିକା', 'ଝରାଶିଉଳି', 'ଯାହାକୁ ଯିଏ', 'ବନ୍ଦନିକା' ପ୍ରଭୃତି ପ୍ରଧାନ ।

**ସୂଚନା :**

ପୀଡ଼ଇ-କଷ୍ଟଦିଏ, ନିର୍ବିକାର- ବିକାର ନଥିବା
ଧରା-ପୃଥିବୀ, ଦକ୍ଷ-ଯୋଗ୍ୟ, ଶିର- ମଥା

**ଆସ ଜାଣିବା କେତୋଟି ନୂଆ ଶବ୍ଦ**

ଜନ୍ତୁ-ଜୀବ, ନିଃସ୍ୱ, ବିଶ୍ୱଜୀବ, ବୃକ୍ଷ, ବାକ୍ୟହୀନ, ଅଭିଯାନ

# ଅଭ୍ୟାସ

୧. ଉତ୍ତର କୁହ :

(କ) ଧୂଳିକଣା ନିଜକୁ କ'ଣ ବୋଲି କହୁଛି ?

(ଖ) ଧୂଳିକୁ କେଉଁମାନଙ୍କ ପାଦ ପୀଡ଼ା ଦିଏ ?

(ଗ) ଧୂଳି କିଭଳି ଭାବରେ ପୃଥିବୀ ଉପରେ ପଡ଼ି ରହିଛି ?

(ଘ) ବିଶ୍ୱଜୀବଙ୍କ ବିଷୟରେ ଧୂଳି କ'ଣ କହିଛି ?

(ଙ) ସୃଷ୍ଟିର ଆରମ୍ଭ ଦିନରୁ ଧୂଳିକଣା କ'ଣ ଦେଖୁଛି ?

୨. ତଳେ ଦିଆଯାଇଥିବା ପ୍ରଶ୍ନର ଉତ୍ତର ଲେଖ :

(କ) ଧୂଳିକଣା ନିଜକୁ ଅତି ସାନ ମଣିବାର କାରଣ କ'ଣ ?

(ଖ) ନିର୍ବିକାର ଭାବରେ ଧୂଳିକଣା କ'ଣ ସହେ ?

(ଗ) କେଉଁ କଥା ଧୂଳିକଣା ଭଲଭାବେ ଜାଣେ ?

(ଘ) ଧୂଳିକଣା କାହିଁକି ନିଜର ମଥାକୁ ଦକ୍ଷ ବୋଲି କହିଛି ?

୩. ନିମ୍ନରେ କେତୋଟି ପଦର କିଛି ଅଂଶ ଦିଆଯାଇଛି ଓ କିଛି ଅଂଶ ବାଦ୍ ଦିଆଯାଇଛି; ସଂପୂର୍ଣ୍ଣ ପଦ ଲେଖ :

(କ) ------------

ପୀଡ଼ଇ ନିତି ମତେ,

ନିର୍ବିକାରେ ତଥାପି ମୁହିଁ

----------------।

(ଖ) ଏତିକି ଜାଣେ ବିଶ୍ୱଜୀବ

----------------।

(ଗ) ସୃଷ୍ଟି ଦିନୁ ଦେଖୁଛି ବସି

----------,

---------- ବିଶ୍ୱେ ଅତି ସାନ।

୪. **ସରଳ ଭାଷାରେ ବୁଝାଇ ଲେଖ :**

(କ) 'ଜୀବନେ ମୋର ନାହିଁ ତ କେବେ

କା' ସାଥେ ଅଭିମାନ ।'

(ଖ) 'ଜନ୍ତୁ ଜୀବ ସବୁରି ପାଦ

ପୀଡ଼ଇ ନିତି ମତେ ।'

(ଗ) 'ଜଗତେ ମୋର କି ଯାଏ ଆସେ

ଦୁଃଖେ ଅବା ସୁଖେ ।'

(ଘ) 'ସକଳ ଚାପ ନେବାରେ ସହି

ଦକ୍ଷ ଏ ମୋ ଶିର ।'

(ଙ) 'ଆକାଶ ତଳେ ଧୂଳିକଣା ମୁଁ

ବିଶ୍ୱେ ଅତି ସାନ ।'

୫. ସମାନ ଅର୍ଥ ବୁଝାଉଥିବା ଆଉ ଗୋଟିଏ ଲେଖାଏଁ ଶବ୍ଦ ଲେଖ :

(କ) ଜୀବନ

(ଖ) ଧରା

(ଗ) ଜନ୍ତୁ

(ଘ) ନିଃସ୍ୱ

(ଙ) ଦକ୍ଷ

୬. ଗଦ୍ୟ ଆକାରରେ ଲେଖ :

(କ) ନିର୍ବିକାରେ ତଥାପି ମୁହିଁ ପଡ଼ିଛି ଧରାପଥେ ।

(ଖ) ଜଗତେ ମୋର କି ଯାଏ ଆସେ ଦୁଃଖେ ଅବା ସୁଖେ ।

(ଗ) ବାକ୍ୟହୀନ ନିଃସ୍ୱ ମୁହିଁ ଭରସାହୀନ ଚିର ।

(ଘ) ସକଳ ଚାପ ନେବାରେ ସହି ଦକ୍ଷ ଏ ମୋ ଶିର ।

୧୦. 'କ' ସ୍ତମ୍ଭରେ ଥିବା ଶବ୍ଦର ଅର୍ଥ 'ଖ' ସ୍ତମ୍ଭରୁ ବାହାର କରି ଖାତାରେ ଲେଖ ଓ 'କ' ସ୍ତମ୍ଭର ପ୍ରତ୍ୟେକ ଶବ୍ଦକୁ ନେଇ ବାକ୍ୟ ଗଠନ କର :

| 'କ' ସ୍ତମ୍ଭ | 'ଖ' ସ୍ତମ୍ଭ |
|---|---|
| ଚିର | ଯାହାର କିଛି ନାହିଁ |
| ଶିର | ଦୁନିଆଁ |
| ଜଗତ | ସର୍ବଦା |
| ନିଃସ୍ୱ | ମୁଣ୍ଡ |
| | ଆକାଶ |

## ତୁମ ପାଇଁ କାମ

୧. ନାରୀକବି ବିଦ୍ୟୁତ୍‌ପ୍ରଭାଙ୍କର ଅନ୍ୟ କବିତା ବହି ସଂଗ୍ରହ କରି ପଢ଼ ।



# ବନବାଣୀ

ଗୋପବନ୍ଧୁ ଦାସ

ଅରଣ୍ୟ ଭାରତୀୟ ସଭ୍ୟତାର କେନ୍ଦ୍ର । ପାଶ୍ଚାତ୍ୟ ଦେଶର ପ୍ରତିଭାଶାଳୀ ବ୍ୟକ୍ତିମାନେ ଅଧିକାଂଶ ସହରରେ ଲାଳିତ ପାଳିତ ନ ହେଲେ ମଧ୍ୟ ସେମାନଙ୍କ ଜୀବନର କାର୍ଯ୍ୟକ୍ଷେତ୍ର ପ୍ରଧାନତଃ ସହର । ପାଶ୍ଚାତ୍ୟ ସଭ୍ୟତାର ପ୍ରଭାବରେ ବର୍ତ୍ତମାନ ଭାରତ ଯାହାହେଉ ନା କାହିଁକି, ଆବହମାନ କାଳରୁ ଭାରତର ମହାପୁରୁଷମାନେ ଅରଣ୍ୟକୁ ଆପଣାର ସାଧନା ଏବଂ ସିଦ୍ଧିର ସ୍ଥାନରୂପେ ନିରୂପଣ କରିଥିଲେ । ଭାରତର ଯେଉଁ ସମସ୍ତ ତତ୍ତ୍ୱ ପ୍ରାଚୀନ କାଳରେ ପୃଥିବୀକୁ ଆଲୋକ ଦେଇଥିଲା, ଅଦ୍ୟାପି ଯାହା ଭାରତୀୟ ସଭ୍ୟତାର ମୂଳଭିତ୍ତି ରୂପେ ବିଦ୍ୟମାନ, ସେ ସମସ୍ତର ଆବିର୍ଭାବ ବନପ୍ରଦେଶରେ । ଯେଉଁ ଯୋଗୀ ଋଷିମାନଙ୍କର ପବିତ୍ର ସ୍ମୃତି ଅଦ୍ୟାପି ଭାରତ ପ୍ରାଣରେ ଜାତୀୟ ଅହଙ୍କାର ଏବଂ ଗୌରବ ଜନ୍ମାଇଥାଏ, ଅରଣ୍ୟ ହିଁ ସେମାନଙ୍କର ଅଧିଷ୍ଠାନ ଏବଂ ସାଧନାପୀଠ ଥିଲା । ବାଲ୍ୟାବସ୍ଥାରେ ଭାରତର ସନ୍ତାନମାନେ ଏହିଠାରେ ଆର୍ଯ୍ୟଋଷିମାନଙ୍କ ଚରଣତଳେ ବସି ଶିକ୍ଷାଲାଭ କରୁଥିଲେ । ଏମନ୍ତ କି ରାଜା, ମହାରାଜାମାନେ ଜୀବନର ଶେଷ ଦଶାରେ ରାଜ୍ୟ, ଧନସମ୍ପଦ ପରିତ୍ୟାଗ କରି 'ମୁନିବନ ତରୁଛାୟାର' ଆଶ୍ରୟ ନେଇ ଜୀବନକୁ କୃତାର୍ଥ ମଣୁଥିଲେ ।



ଭାରତର କାବ୍ୟ, ନାଟକ ପୁରାଣାଦିରେ ଅରଣ୍ୟର ଗୌରବ ବିଶେଷ ଭାବରେ ପ୍ରକଟିତ ହୋଇଅଛି । 'ଅଭିଜ୍ଞାନ ଶାକୁନ୍ତଳମ୍', 'କୁମାରସମ୍ଭବମ୍', 'ଉତ୍ତର ରାମ ଚରିତ' ପ୍ରଭୃତି ଉତ୍କୃଷ୍ଟ ଓ ସୁନ୍ଦର ସାହିତ୍ୟରେ ବନପ୍ରଦେଶର ଯେ ଚିତ୍ର କରାଯାଇଅଛି ଏବଂ ସେଠାରେ ଘଟଣାସକଳର ଯେପରି ସନ୍ନିବେଶ କରାଯାଇଅଛି, ତାହା ହୋଇ ନ ଥିଲେ ସେଥିରେ କବିଙ୍କର ପୂର୍ଣ୍ଣପ୍ରାଣତା ପ୍ରକାଶ ପାଇଥା'ନ୍ତା କି ନା ସନ୍ଦେହ । ଭାରତୀୟ ଭାବୁକମାନେ କାଳେକାଳେ ପ୍ରକୃତିକୁ ପବିତ୍ର ପ୍ରେରଣାର ମୂଳ ନିଦାନ ବୋଲି ଗ୍ରହଣ କରିଅଛନ୍ତି । ପ୍ରକୃତି ସେମାନଙ୍କ ନିକଟରେ ନିର୍ଜୀବ ଏବଂ ଜଡ଼ ନୁହେଁ, ତାହା ଏକ ମହାଶକ୍ତି । ସେମାନେ ପ୍ରକୃତି ସହିତ ଏହି ଘନିଷ୍ଠ ମିଳନ ଦ୍ୱାରା ବିଶ୍ୱ ପ୍ରାଣରେ ନିଜପ୍ରାଣ ଏବଂ ନିଜ ପ୍ରାଣରେ ବିଶ୍ୱପ୍ରାଣକୁ ଅନୁଭବ କରିପାରୁଥିଲେ । ମହାକାବ୍ୟମାନଙ୍କରେ ଯେଉଁସବୁ ମହାପୁରୁଷମାନଙ୍କର ଆଲେଖ୍ୟ ଦିଆଯାଇଅଛି, ସେମାନେ ସଂସାରକ୍ଷେତ୍ରରେ ସମାଜର ନେତୃତ୍ୱ ନେବା ପୂର୍ବରୁ ଜୀବନର ସଂଯମ ଏବଂ ସାଧନା ନିମନ୍ତେ ଦୀର୍ଘକାଳ ଅରଣ୍ୟରେ ଅତିବାହିତ କରୁଥିଲେ । ରାମଚନ୍ଦ୍ରଙ୍କୁ ଅଯୋଧ୍ୟାର ସିଂହାସନରେ ବସାଇବା ପୂର୍ବରୁ କବିବର ବାଲ୍ମୀକି ଘଟଣାର ଏପରି ସନ୍ନିବେଶ କରିଅଛନ୍ତି ଯେ ଅରଣ୍ୟ ପ୍ରଦେଶରେ ତାଙ୍କୁ ଚଉଦବର୍ଷ କାଳ ନାନାବିଧ ଦୁଃଖ ଦୁର୍ବିପାକ ଭୋଗ କରିବାକୁ ପଡ଼ିଛି । ଏହା ଅବଶ୍ୟ ନିରୁଦ୍ଦେଶ୍ୟ ନୁହେଁ । କାରଣ ଏହିଭଳି ଅବସ୍ଥାରେ ନ ପଡ଼ିଲେ ଜୀବନର ବାସ୍ତବିକତା ସମ୍ବନ୍ଧେ ମନୁଷ୍ୟର ଯଥାର୍ଥ ଜ୍ଞାନ ଜନ୍ମେ ନାହିଁ । ମହାଭାରତରେ ପଞ୍ଚପାଣ୍ଡବଙ୍କୁ ମଧ୍ୟ ରାଜ୍ୟଲାଭ ପୂର୍ବରୁ ଅଜ୍ଞାତ ବନବାସରେ ଏହିପରି ଦୀର୍ଘ ସାଧନା ମଧ୍ୟଦେଇ ଯିବାକୁ ପଡ଼ିଛି । କେଜାଣି, ଅରଣ୍ୟର ତରୁଲତାଶ୍ରେଣୀ ଭାରତୀୟ ଭାବୁକ କାନରେ କି ନୀରବ ବାଣୀ କହୁଥିଲେ । ପବନର ସନସନ ଶବ୍ଦ, ନଦୀର କଳକଳ ନାଦ ଏବଂ ବିହଙ୍ଗକୁଳର କୋଳାହଳ ସେମାନଙ୍କ ପ୍ରାଣରେ କି ଅପୂର୍ବ ଭାବ ଜନ୍ମାଉଥିଲେ ଯେ ସେମାନେ ବନସ୍ପତିର ମାହାତ୍ମ୍ୟ ପ୍ରାଣରେ ଏତେ ଅନୁଭବ କରୁଥିଲେ ।

ଆଜି ଅବଶ୍ୟ ସେଦିନ ନାହିଁ । ଭାରତର ସଭ୍ୟତା ଓ ଚିନ୍ତାର ଗତି କେତେକ ପରିମାଣରେ ବାହ୍ୟିକ ପ୍ରଭାବରେ ପରିବର୍ତ୍ତିତ ହୋଇଅଛି । ସେ ଋଷି ଆଶ୍ରମ ନାହିଁ । ଶତଶତ ଶିଷ୍ୟଙ୍କ ବେଦଧ୍ୱନିରେ ବନପ୍ରଦେଶ ମୁଖରିତ ହେଉନାହିଁ । ସହସ୍ର ସହସ୍ର ବର୍ଷ ପୂର୍ବର ସେ ସ୍ମୃତି ଏବେ ସୁଦ୍ଧା ଭାରତବାସୀଙ୍କ ହୃଦୟରୁ ଏକାବେଳକେ ବିଲୁପ୍ତ ହୋଇନାହିଁ କିମ୍ବା ଏହା କେବେ ବିଲୁପ୍ତ ହେବାର ନୁହେଁ । ବନବାଣୀ ହିଁ ଭାରତର ବାଣୀ । ଏହା ହିଁ ଏ ଦେଶ ସଭ୍ୟତାର ବିଶେଷତ୍ୱ । କୌଣସି ବିଶେଷତ୍ୱ ଲୋପପାଇବା ଅର୍ଥ ସେ ଦେଶ ବା ଜାତିର ବିଲୟ । ଆମ୍ଭମାନଙ୍କର ଅନ୍ୟାନ୍ୟ ଲୁପ୍ତପ୍ରାୟ ଜାତୀୟ ବିଶେଷତ୍ୱ ପରି ଏ ବିଶେଷତ୍ୱ ଆଡ଼କୁ କ୍ରମେ ଚିନ୍ତା ଫେରିଅଛି ଏବଂ ଏହାର ପୁନରୁଦ୍ଧାର ଆଶା ଅନେକଙ୍କ ହୃଦୟରେ ବର୍ତ୍ତମାନ ଜାଗିଅଛି ।

**ପଣ୍ଡିତ ଗୋପବନ୍ଧୁ ଦାସ (୧୮୭୭-୧୯୨୮)**– ପୁରୀ ଜିଲ୍ଲାର ସାକ୍ଷୀଗୋପାଳ ନିକଟବର୍ତ୍ତୀ ସୁଆଣ୍ଡୋ ଗ୍ରାମରେ ଜନ୍ମ। ସତ୍ୟବାଦୀ ବନ ବିଦ୍ୟାଳୟ, 'ସତ୍ୟବାଦୀ' ପତ୍ରିକା ଏବଂ ଦୈନିକ ସମ୍ବାଦପତ୍ର 'ସମାଜ'ର ସେ ପ୍ରତିଷ୍ଠାତା। ସେ 'ଉତ୍କଳମଣି' ନାମରେ ପରିଚିତ। ତାଙ୍କ ରଚିତ ପୁସ୍ତକଗୁଡ଼ିକ ମଧ୍ୟରେ 'ବନ୍ଦୀର ଆତ୍ମକଥା', 'କାରା କବିତା', 'ଧର୍ମପଦ' ଓ 'ଗୋ-ମାହାତ୍ମ୍ୟ' ପ୍ରଧାନ ।

**ସୂଚନା :-**

ନିରୁଦ୍ଦେଶ୍ୟ – ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟ ନ ଥିବା
ପୁନରୁଦ୍ଧାର – ପୁନର୍ବାର ଉଦ୍ଧାର
ସନ୍ନିବେଶ – ଯୋଡ଼ିବା, ଏକାଠି କରିବା
ବାହ୍ୟିକ – ବାହାରର
କୃତାର୍ଥ – ଧନ୍ୟ, ଚରିତାର୍ଥ
ଦୁର୍ବିପାକ – ଦୁର୍ଯୋଗ, ବିପତ୍ତି
ଆଲେଖ୍ୟ – ଚିତ୍ର

**ଆସ ଜାଣିବା କେତୋଟି ନୂଆ ଶବ୍ଦ**

| | | | | |
|---|---|---|---|---|
| ଅଧିଷ୍ଠାନ | ସଂଯମ | ନିରୁଦ୍ଦେଶ୍ୟ | ବାହ୍ୟିକ | |
| କୃତାର୍ଥ | ବନସ୍ପତି | ଆଲେଖ୍ୟ | ବିଳୟ | ପୁନରୁଦ୍ଧାର |

# ଅଭ୍ୟାସ

୧. **ଉତ୍ତର କୁହ :**

(କ) ପୁରାତନ ଭାରତର ଛାତ୍ରମାନେ କେଉଁ ସ୍ଥାନରେ ରହି ଶିକ୍ଷାଲାଭ କରୁଥିଲେ ?

(ଖ) କେଉଁମାନଙ୍କର ପବିତ୍ର ସ୍ମୃତି ଏବେ ବି ଭାରତୀୟଙ୍କ ପ୍ରାଣରେ ଗୌରବ ଜନ୍ମାଉଛି ?

(ଗ) ରାଜା ମହାରାଜାମାନେ ଜୀବନରେ କାହାର ଆଶ୍ରୟ ନେଇ ନିଜକୁ କୃତାର୍ଥ ମଣୁଥିଲେ ?

(ଘ) ଭାରତର କେଉଁ ପ୍ରାଚୀନ କାବ୍ୟ ନାଟକ ଆଦିରେ ଅରଣ୍ୟର କଥା କୁହାଯାଇଛି ?

୨. **ପଠିତ ପ୍ରବନ୍ଧରୁ ନିମ୍ନ ପ୍ରଶ୍ନଗୁଡ଼ିକର ଉତ୍ତର ଖୋଜି ଲେଖ :**

(କ) ଭାରତୀୟ ଭାବୁକମାନେ କାହିଁକି ପ୍ରକୃତିକୁ ସମସ୍ତ ପ୍ରେରଣାର ଉତ୍ସ ବୋଲି ଗ୍ରହଣ କରିଛନ୍ତି ?

(ଖ) ମହାକାବ୍ୟରେ ବର୍ଣ୍ଣିତ ମହାପୁରୁଷମାନେ କାହିଁକି ଅରଣ୍ୟରେ ସମୟ ଅତିବାହିତ କରୁଥିଲେ ?

(ଗ) ଭାରତୀୟ ସଭ୍ୟତାର ପରିବର୍ତ୍ତନ ଯୋଗୁଁ ବନପ୍ରଦେଶ କିପରି ବଦଳିଛି ?

(ଘ) ବନବାଣୀକୁ କାହିଁକି 'ଭାରତର ବାଣୀ' ବୋଲି କୁହାଯାଇଛି ?

୩. **ସରଳ ଭାଷାରେ ବୁଝାଇ ଲେଖ :**

(କ) ପ୍ରକୃତି ସେମାନଙ୍କ ନିକଟରେ ନିର୍ଜୀବ ଏବଂ ଜଡ଼ ନୁହେଁ, ତାହା ଏକ ମହାଶକ୍ତି ।

(ଖ) ଭାରତର ସଭ୍ୟତା ଓ ଚିନ୍ତାର ଗତି କେତେକ ପରିମାଣରେ ବାହ୍ୟିକ ପ୍ରଭାବରେ ପରିବର୍ତ୍ତିତ ହୋଇଛି ।

୪. **ପ୍ରତ୍ୟେକ ଧାଡ଼ିରେ ତିନୋଟି ଏକଜାତୀୟ ଶବ୍ଦ ସହିତ ଗୋଟିଏ ଭିନ୍ନଜାତୀୟ ଶବ୍ଦ ମିଶି ରହିଛି । ଭିନ୍ନଜାତୀୟ ଶବ୍ଦଟିକୁ ଚିହ୍ନଟ କରି ଲେଖ ।**

(କ) ଯୋଗୀ, ମୁନି, ଋଷି, ରୋଗୀ

(ଖ) ପ୍ରୌଢ଼, ନାଗରିକ, ବାଳକ, ଯୁବକ

(ଗ) ବନ, ଉପବନ, ଅରଣ୍ୟ, ପର୍ବତ

(ଘ) କାବ୍ୟ, କିମ୍ବଦନ୍ତୀ, ନାଟକ, ପୁରାଣ

(ଙ) ତରୁ, ବିହଙ୍ଗ, ଦ୍ରୁମ, ମହାଦ୍ରୁମ

୫. **ତଳେ 'କ' ଓ 'ଖ' ସ୍ତମ୍ଭରେ କିଛି ଶବ୍ଦ ଦିଆଯାଇଛି । ସେମାନଙ୍କ ମଧ୍ୟରୁ ପରସ୍ପର ସମ୍ପର୍କ ଥିବା ଶବ୍ଦକୁ ଯୋଡ଼ି ବାକ୍ୟ କର ।**

| 'କ'ସ୍ତମ୍ଭ | 'ଖ'ସ୍ତମ୍ଭ |
|---|---|
| ଅରଣ୍ୟ | କ୍ଷେତ୍ର |
| ତରୁ | ସ୍ରୋତ |
| ଚିନ୍ତା | ପୀଠ |
| କାର୍ଯ୍ୟ | ପ୍ରଦେଶ |
| ସାଧନା | ଛାୟା |

୬. **ବନ୍ଧନୀରୁ ଶବ୍ଦ ବାଛି ଶୂନ୍ୟ ସ୍ଥାନ ପୂରଣ କରି ପାଠଟିକୁ ପୂର୍ଣ୍ଣ ଭାବରେ ଲେଖ :**

ମହାଭାରତରେ ପଞ୍ଚୁପାଣ୍ଡବଙ୍କୁ ମଧ୍ୟ ରାଜ୍ୟଲାଭ ପୂର୍ବରୁ ——————— ବନବାସରେ ଏହିପରି ଦୀର୍ଘ ——— ମଧ୍ୟଦେଇ ଯିବାକୁ ପଡ଼ିଅଛି । କେଜାଣି, ଅରଣ୍ୟର ତରୁଲତାଶ୍ରେଣୀ ଭାରତୀୟ ——— କାନରେ କି ——————— ବାଣୀ କହୁଥିଲେ ।

(ଅଜ୍ଞାତ, ନୀରବ, ଭାବୁକ, ସାଧନା)

୯. ତଳ କୋଠରିମାନଙ୍କରେ କେତୋଟି ଅକ୍ଷର ଦିଆଯାଇଛି । ପ୍ରତିଧାଡ଼ିରୁ ଅକ୍ଷରମାନଙ୍କୁ ନେଇ କେତୋଟି ଦୁଇ ଓ ତିନି ଅକ୍ଷରବିଶିଷ୍ଟ ଶବ୍ଦ ତିଆରି କର :

| | | | |
|---|---|---|---|
| ସା | ଧ | ବ | ନ |
| ସ୍ୱ | ନ | ଗ | ର |
| ର | ସ | ଭ୍ୟ | ମ |
| ଅ | ମ୍ପ | ର୍କ | ସ |
| ଦ | ମ | ର୍ଶ | ନ |

୮. ପ୍ରତି ବାକ୍ୟର କିଛି ଅଂଶ 'କ' ସ୍ତମ୍ଭରେ ଓ କିଛି ଅଂଶ 'ଖ' ସ୍ତମ୍ଭରେ ଦିଆଯାଇଅଛି । ଦୁଇ ସ୍ତମ୍ଭରେ ପରସ୍ପର ସଂପର୍କ ଥିବା ବାକ୍ୟାଂଶକୁ ଏକାଠି ମିଳାଇ ଲେଖ :

| 'କ' ସ୍ତମ୍ଭ | 'ଖ' ସ୍ତମ୍ଭ |
|---|---|
| ପ୍ରକୃତି ସେମାନଙ୍କ ନିକଟରେ | ଭାରତର ବାଣୀ |
| ବନ ବାଣୀ ହିଁ | ବନପ୍ରଦେଶ ମୁଖରିତ ହେଉନାହିଁ |
| ଶତଶତ ଶିଷ୍ୟଙ୍କ ବେଦଧ୍ୱନିରେ | ପ୍ରାଣରେ ଅନୁଭବ କରୁଥିଲେ |
| ବନସ୍ପତିର ମାହାତ୍ମ୍ୟ | ସାଧନାପୀଠ ଥିଲା |
| ଅରଣ୍ୟ ହିଁ ସେମାନଙ୍କର | ନିର୍ଜୀବ ଏବଂ ଜଡ଼ ନୁହେଁ |

୯. ତଳେ ଦିଆଯାଇଥିବା ଶବ୍ଦଗୁଡ଼ିକ ମଧ୍ୟରୁ ନିର୍ଭୁଲ ଶବ୍ଦଗୁଡ଼ିକୁ ବାଛି ଲେଖ :

(କ) ଜାତିୟ, ଜାତୀୟ, ଯାତୀୟ

(ଗ) ବିଶେଷ, ବିଷେଶ, ବିସେଷ

(ଖ) ବାଲ୍ମିକୀ, ବାଲ୍ମୀକି, ବାଲ୍ମିକି

(ଘ) ନୀର୍ଜିବ, ନିର୍ଜିବ, ନିର୍ଜୀବ

## ତୁମ ପାଇଁ କାମ

୧. ଜଙ୍ଗଲ ସମ୍ପର୍କରେ ତୁମ ଅନୁଭୂତି ନିଜ ଭାଷାରେ ଲେଖ ।

୨. ଗୋପବନ୍ଧୁଙ୍କ ଅନ୍ୟାନ୍ୟ ରଚନାଗୁଡ଼ିକ ସଂଗ୍ରହ କରି ପଢ଼ ।

# ମୋ ଜୀବନର ଅଭୁଲା କଥା

ସତ୍ୟନାରାୟଣ ରାଜଗୁରୁ

CNG3CQ

୧୯୨୧ ମସିହାରେ ଯେତେବେଳେ ମୁଁ ଚତୁର୍ଥ ଶ୍ରେଣୀରେ ପଢୁଥିଲି, ସେତେବେଳେ ମହାତ୍ମା ଗାନ୍ଧିଙ୍କର ଭାରତବ୍ୟାପୀ ସ୍ୱାଧୀନତା ଆନ୍ଦୋଳନର ଆହ୍ୱାନ ଦେଶସାରା ବ୍ୟାପିଗଲା । ପାରଳାଖେମୁଣ୍ଡିରେ ମଧ୍ୟ ସେଥିର ପ୍ରଭାବ ପଡ଼ିଥିଲା । ସମ୍ବଲପୁର ଆଡୁ ଜଣେ ଉତ୍ତମ ବକ୍ତା ଏଠାରେ ଗୋଟିଏ ସଭା କରି ଓଡ଼ିଆରେ ଯେଉଁ ବକ୍ତୃତା ଦେଇଥିଲେ, ତାହା ବହୁ ଯୁବକ ଛାତ୍ରଙ୍କୁ ପ୍ରଭାବିତ କଲା । ସ୍କୁଲ କଲେଜ ଛାଡ଼ି ଅନେକ ଅସହଯୋଗ ଆନ୍ଦୋଳନରେ ଭାଗ ନେଲେ । ଠିକ୍ ସେ ବର୍ଷ ମହାତ୍ମା ଗାନ୍ଧି ନିଜେ ତାଙ୍କର ପ୍ରଚାର ଉଦ୍ଦେଶ୍ୟରେ ପାରଳାଖେମୁଣ୍ଡି ଆସିଥିଲେ । ସେତେବେଳେ ବ୍ରିଟିଶ୍ ସରକାରଙ୍କର କଟକଣା ହେତୁ ସଭା କରିବାକୁ ସ୍ଥାନ ମିଳିଲା ନାହିଁ । ଆମେ ଛାତ୍ରମାନେ ଜୋର୍ କରି ପୁରୁଣା ମାର୍କେଟ ପଡ଼ିଆରେ (ଏବେ ଯେଉଁଠାରେ ମ୍ୟୁନିସିପାଲ୍ ରିଡ଼ିଙ୍ଗ୍ ରୁମ୍ ନିର୍ମିତ ହୋଇଛି) ସଭା କରିବାକୁ ସ୍ଥିର କଲୁ । ହଜାରହଜାର ଲୋକ ମହାତ୍ମାଙ୍କର ବକ୍ତୃତା ଶୁଣିବାକୁ ଆସୁଥା'ନ୍ତି । ଲୋକ ଗହଳି ଏତେ ଅଧିକ ହେଲା ଯେ ପୋଲିସ ସମ୍ଭାଳିବାକୁ ଅସମର୍ଥ ହେଲେ । ଆମେ କେତେଜଣ ଛାତ୍ର ଚକ୍ରାକାରରେ ଘେର କରି ହାତକୁ ହାତ ଛନ୍ଦି ମଝିରେ ମହାତ୍ମାଙ୍କୁ ରଖି ସେହି ଜନଗହଳି ଭିତର ଦେଇ ମଞ୍ଚ ଉପରକୁ ନେବାକୁ ଚେଷ୍ଟା କଲୁ । ମୁଁ ଠିକ୍ ତାଙ୍କର ପଛପଟେ ଚାଲିଥାଏ । ମୋ ସାଙ୍ଗକୁ ଆଉ ଦୁଇଜଣ ପିଲା ମଧ୍ୟ ହାତକୁ ହାତ ଛନ୍ଦିଥିଲେ; କିନ୍ତୁ ଜନତାର ଚାପ ଏତେ ପରିମାଣରେ ଆମ ପଛଆଡୁ ପଡ଼ିଲା ଯେ, ମୁଁ ଆଉ ସମ୍ଭାଳି ନ ପାରି ମହାତ୍ମାଙ୍କର ପିଠି ଆଡ଼କୁ ଠେଲି ହୋଇଗଲି । ସେ ମୋ ଆଡ଼େ ଚାହିଁ ସ୍ମିତ ହାସ୍ୟ କରି ହିନ୍ଦୀରେ କହିଲେ, ''ଆରେ ପିଲା ! ତୁ ନିଜକୁ ନିଜେ ତ ସମ୍ଭାଳି ପାରୁନାହୁଁ, ମୋତେ ସମ୍ଭାଳିବୁ କିପରି ?''



ଏହା କହି ସେ ଆମ ଘେର ଭିତରୁ ବାହାରିପଡ଼ି କି ଉପାୟରେ କେଜାଣି ଜନତା ଭିତରେ ଗଳିଗଳି ମଞ୍ଚ ଉପରକୁ ଉଠିଲେ ତାହା ଆମେ ଜାଣିପାରିଲୁ ନାହିଁ । ସେଦିନ ସେ ଯେଉଁ ନାତିଦୀର୍ଘ ଭାଷଣରେ ଜାତୀୟତାର ବୀଜ ଆମମାନଙ୍କ ହୃଦୟରେ ରୋପଣ କଲେ, ତାହା କାଳକ୍ରମେ ଅଙ୍କୁରିତ ହୋଇ ତାଙ୍କର ଆଶୀର୍ବାଦ ତୁଲ୍ୟ ଆମକୁ ଯଥେଷ୍ଟ ପ୍ରଭାବିତ କଲା

କହିଲେ ଚଳେ । ସଭାରୁ ଫେରିଆସି ମୁଁ ସ୍କୁଲରୁ ନାମ କାଟି ରାଜନୀତିରେ ମାତିଲି । ଏହା ନନାଙ୍କର ଆଦୌ ସହ୍ୟ ହେଲା ନାହିଁ । ସେ ଏହି ପନ୍ଥାରୁ ମତେ ନିବୃତ୍ତ କଲେ ଆଉ କହିଲେ, ''ମନୁଷ୍ୟର ଜ୍ଞାନ ଓ କର୍ମ ଏକା ସ୍ତରରେ ରହିବା ଆବଶ୍ୟକ। ତୁମର ଜ୍ଞାନ ପରିପକ୍ୱ ହେଲେ ଦେଶ ପାଇଁ କର୍ମ କରିବାକୁ ଶକ୍ତି ପାଇବ । ସେତେବେଳଯାଏ ତୁମେ ଅପେକ୍ଷା କରିବା ଆବଶ୍ୟକ।''

ପିତାଙ୍କର ଏହି ଆଦେଶ ଲଙ୍ଘନ କରିବାକୁ ମୁଁ ସମର୍ଥ ହେଲି ନାହିଁ। ବହୁ ଚିନ୍ତା ପରେ ମୁଁ ସ୍ଥିର କଲି ଯେ, ଭାରତୀୟ ରାଜନୀତିରେ ଯୋଗଦେବାକୁ ହେଲେ ପ୍ରଥମେ ନିଜେ ଓ ନିଜର ଜନ୍ମଭୂମି ଉତ୍କଳକୁ ବଳିଷ୍ଠ କରି ଗଢ଼ିବା ପ୍ରୟୋଜନ। ସେତେବେଳେ ଉତ୍କଳ ସମ୍ମିଳନୀର ନେତୃବର୍ଗ ଓଡ଼ିଆଭାଷୀମାନଙ୍କର ଏକତ୍ରୀକରଣପାଇଁ ଯେଉଁ ଡାକ ଦେଇଥା'ନ୍ତି ସେଥିରେ ଅନୁପ୍ରାଣିତ ହୋଇ ମୁଁ ସ୍ଥିର କଲି ଯେ, ମୋ ଜୀବନର ପ୍ରଥମ ଲକ୍ଷ୍ୟ ଉତ୍କଳମାତାର ସେବା। ଭାରତମାତା ମୋର ପିତାମହୀ; କିନ୍ତୁ ଉତ୍କଳ ମୋର ଜନନୀ । ଉଭୟଙ୍କର ସେବା ମୋର କର୍ତ୍ତବ୍ୟ; କିନ୍ତୁ ସେଥିମଧ୍ୟରୁ ପ୍ରଥମ କର୍ତ୍ତବ୍ୟଟି ହେଉଛି ଜନ୍ମଭୂମି ମା'ଙ୍କର ସେବା। ଏହି କଥା ମଧୁବାବୁ, ଉତ୍କଳମଣି ଗୋପବନ୍ଧୁ ଏବଂ ଅନ୍ୟାନ୍ୟ ନେତୃବର୍ଗଙ୍କ ଭାଷଣରେ ପ୍ରକଟିତ ହୋଇଛି। ତାକୁ ମୁଁ ଅନୁସରଣ କରିବା ଉଚିତ। ଏପରି ସ୍ଥିର କରି ମୋ ଜୀବନର ଲକ୍ଷ୍ୟ ସାଧନ ପଥରେ ଅଗ୍ରସର ହେବାକୁ ଲାଗିଲି।



ଗୋଟିଏ ଦିନର କଥା ଆଜି ମୋର ସ୍ମରଣ ହେଉଛି। ଆମ ଗୃହ ବାରଣ୍ଡାରେ କେତେଜଣ ଛାତ୍ରଙ୍କ ସଙ୍ଗେ ବସି ମୁଁ ଗପସପ କରୁଥାଏ। ସେତିକିବେଳେ ଗୋଟିଏ ଗରିବ ବାଳକ ଛିଣ୍ଡାଲୁଗା ଖଣ୍ଡିଏ ପିନ୍ଧି ମଇଳା ବୁକୁରଟିଏ ଧରି ଆମ ନିକଟକୁ ଆସିଲା, ବୋଧେ କିଛି ଭିକ୍ଷା ଆମଠାରୁ ପାଇବା ଆଶାରେ। ପିଲାଟି ଗୌରବର୍ଣ୍ଣ, ସୁସ୍ଥସବଳ; କିନ୍ତୁ ତା'ର ମୁହଁ ଅନାହାରକ୍ଲିଷ୍ଟ ଓ ଶୁଷ୍କ। ତାକୁ ଦେଖି କେଜାଣି କାହିଁକି ମୋ ମନରେ କୌତୂହଳ ହେଲା । ପଚାରିଲି, ''ଘର ତୁମର କେଉଁଠି ?'' ସେ କହିଲା, ''ଖଲ୍ଲିକୋଟ।''

ମୁଁ – ନାମ ?

ସେ – ବ୍ରହ୍ମଚାରୀ ମୁଇଁ।

ମୁଁ – ବାପା ମା କିଏ ଅଛନ୍ତି ?

ସେ – ମୋର କେହି ନାହାନ୍ତି। ବୁଢ଼ୀ ମା ଥିଲେ, ମରିଗଲେ।

ମୁଁ – ଅନାଥ ଭିକାରି ! ତୁମ ବୟସ ?

ସେ – ବାର ବର୍ଷ ।

ମୁଁ – ଆଚ୍ଛା ଆମେ ଯଦି ସବୁପ୍ରକାର ସାହାଯ୍ୟ କରୁ ତୁମେ ପାଠ ପଢ଼ିବ ?

ଏହା ଶୁଣି ତା'ର ମୁହଁ ଉତ୍‌ଫୁଲ୍ଲ ଦେଖାଗଲା; କିନ୍ତୁ ଅଳ୍ପକ୍ଷଣ ପରେ ସେ ମୁଣ୍ଡ ନୁଆଇଁ କହିଲା, "ବାବୁ, ମୁଁ ତ ଖାଇବାକୁ ପାଉନାହିଁ, ଟଙ୍କା ଦେଇ ପଢ଼ିବି କେମିତି ? ବହିପତ୍ର, ଲୁଗାପଟା ପାଇବି କୁଆଡୁ ?''

ଏକଥା ଶୁଣି ମୁଁ ଆମର ସଙ୍ଗୀମାନଙ୍କୁ ଚାହିଁ କହିଲି, ''ଆସ ! ଆମେ ସମସ୍ତେ ମିଶି ଏ ପିଲାଟିକୁ ଚାନ୍ଦା କରି ପଢ଼ାଇବା । ଯଦି ଗୋଟିଏ ଗରିବ ଛାତ୍ରକୁ ମଣିଷ କରାଇ ପାରିବା, ତେବେ ଆମମାନଙ୍କର ଦାନ ସାର୍ଥକ ହେବ ।''

ଏହା ଶୁଣି ମୋର ସଙ୍ଗୀମାନେ ସମସ୍ତେ ଉତ୍ସାହିତ ହେଲେ । କିଏ ବହିପତ୍ର ଦେଲା ତ କିଏ ଜାମାଲୁଗା ତା'ପାଇଁ ଆଣିଦେଲା । ମୁଁ ତା'ର ଖିଆପିଆର ବନ୍ଦୋବସ୍ତ କରିଦେଲି, ରାଧାକାନ୍ତ ମଠର ମହନ୍ତଙ୍କୁ ଅନୁରୋଧ କରି । ଆଉ ତା'ର ଦରମା ପାଇଁ ସ୍କଲରସିପ୍ ମଧ୍ୟ ବନ୍ଦୋବସ୍ତ କଲି । ଏଠାରେ କହି ରଖିବା ଆବଶ୍ୟକ ଯେ, ମହାରାଜାଙ୍କ ଅନୁଗ୍ରହରୁ ଓଡ଼ିଆ ଛାତ୍ରମାନେ ସମସ୍ତେ ଅଧା ସ୍କୁଲଫିସ୍ ଦେଉଥାନ୍ତି । ପୁଣି ମେଧାବୀ ଗରିବ ଛାତ୍ରମାନଙ୍କୁ ସ୍କୁଲ ଫିସ୍ ଦେବା ଛାଡ଼ ହୋଇଥାଏ । ଏପରି ଗରିବ ଛାତ୍ରମାନଙ୍କୁ ଫ୍ରି ସ୍କଲାରସିପ୍ ଦେବା ବିଷୟରେ ଯେଉଁ ଛୋଟ ବିଚାରକ ମଣ୍ଡଳୀ ମହାରାଜା ଗଢ଼ିଥିଲେ, ସେଥିରେ ମୋର ନନା ଥିଲେ ଜଣେ ସଭ୍ୟ । ତାଙ୍କୁ କହି ବ୍ରହ୍ମଚାରୀ ପାଇଁ ଗୋଟିଏ ଅବୈତନିକ ସ୍ଥାନ ଯୋଗାଡ଼ କଲି । ଯଥା ସମୟରେ ସେ ସ୍କୁଲରେ ନାଆଁ ଲେଖାଇଲା । ଆଉ ପଢ଼ିବା ଆରମ୍ଭ କରିଦେଲା । କଠିନ ଅଧ୍ୟବସାୟ ବଳରେ ସେ ଅଳ୍ପକାଳ ମଧ୍ୟରେ ତୃତୀୟ ଶ୍ରେଣୀ ପାସ୍ କରିଥିଲା । ସେତେବେଳକୁ ଭାରତରେ ଦ୍ୱିତୀୟ ପୃଥିବୀ ମହାସମର ପୂର୍ବରୁ ଗୋଟିଏ ଗୋଟିଏ ଇଣ୍ଡିଆନ୍ ବାଟାଲିୟନ ଭାରତର ପ୍ରତି ଅଞ୍ଚଳରେ ଗଢ଼ିବା ନିୟମ ଥାଏ । ମାନ୍ଦ୍ରାଜର ପ୍ରତି ଜିଲ୍ଲାରୁ ସୁସ୍ଥସବଳ ଲୋକଙ୍କୁ ବାଛି ସେଥିରେ ନାମ ଲେଖାଇବା କାର୍ଯ୍ୟ ଚାଲିଥାଏ । ମହାରାଜାଙ୍କ ଉପରେ ଭାର ଦିଆଗଲା ଗଞ୍ଜାମରୁ ବାଳକମାନଙ୍କୁ ବାଛି ଯୁଦ୍ଧ ଶିକ୍ଷା କରିବାକୁ ପଠାଇବା ପାଇଁ ।

ଦିନେ କଲେଜରେ ଗୋଟିଏ ବିରାଟ ସଭାରେ ମହାରାଜା ଭାଷଣ ଦେଇ ଆହ୍ୱାନ କଲେ, ''ଯେଉଁ ଛାତ୍ରମାନେ ସମର ଶିକ୍ଷା କରିବାକୁ ଇଚ୍ଛା କରନ୍ତି ସେମାନେ ଠିଆ ହୁଅନ୍ତୁ । ମୁଁ ତାଙ୍କୁ ସରକାରଙ୍କଠାରେ ସୁପାରିଶ ପତ୍ର ଦେଇ ମାନ୍ଦ୍ରାଜ ପଠାଇ ଦେବି ।'' ଯୁଦ୍ଧର ନାମ ଶୁଣି କେହି ଛାତ୍ର ମହାରାଜାଙ୍କ ଆହ୍ୱାନର ଉତ୍ତର ଦେଲେ ନାହିଁ । ଆମେ ସମସ୍ତେ ପରସ୍ପର ମୁହଁକୁ ଚାହାଁଚାହିଁ ହେଲୁ । ସେତିକିବେଳେ ଦେଖାଗଲା ଯେ ଟିକିଏ ଦୂରରେ ଗୋଟିଏ ଗୌରବର୍ଣ୍ଣ ସୁସ୍ଥସବଳ ବାଳକ ମହାରାଜାଙ୍କ ଆଡ଼କୁ ଚାହିଁ ଠିଆ ହୋଇଛି । ସେ ହେଉଛି ବ୍ରହ୍ମଚାରୀ ମୁଇଁ । ଆମେ ସବୁ ହାହାକାର କଲୁ । ପିଲାଟା କ୍ଲାସ୍‌ରେ ଭଲ ପଢୁଥିଲା । ଆମର ସାଥୀ ହୋଇ ଯେତେସବୁ କାମ କରୁଥିଲା । ଆମର ଅନୁଗତ ହୋଇ ରହିଥିଲା । ସେ ଆଜି ଯୁଦ୍ଧ ଶିକ୍ଷା କରିବାକୁ ଯିବ ?

ମହାରାଜା ଆନନ୍ଦରେ ହସିହସି ତାକୁ ପାଖକୁ ଡାକି ନେଇ ସବୁକଥା ପଚାରିଲେ । ପରଦିନ ଗୋଟିଏ ସାର୍ଟିଫିକେଟ ଦେଇ ତାକୁ ମାନ୍ଦ୍ରାଜ ପଠାଇଲେ । ଏହାର କେତେବର୍ଷ ପରେ ଦ୍ୱିତୀୟ ପୃଥିବୀ ମହାସମର ଲାଗିଲା । ମୋର ମନେପଡୁଛି ୧୯୪୩ ମସିହାରେ ପୁରୀରୁ ମୁଁ ପାରଳାଖେମୁଣ୍ଡି ଫେରୁଥାଏ । ଖୋର୍ଦ୍ଧା ଷ୍ଟେସନରେ ମାନ୍ଦ୍ରାଜ ମେଲ୍‌କୁ ମୁଁ ଅପେକ୍ଷା କରିଥାଏ ।

ସେତେବେଳେ ଗୋଟିଏ ସ୍ପେଶାଲ ମିଲିଟାରୀ ଗାଡ଼ି ମାନ୍ଦ୍ରାଜ ଆଡୁ ଆସି ଖୋର୍ଦ୍ଧାରେ ପହଞ୍ଚିଲା । ପ୍ଲାଟଫର୍ମରେ ମୁଁ ଛିଡ଼ା ହୋଇଛି, ହଠାତ୍ ସେ ଗାଡ଼ିର ଗୋଟିଏ ସ୍ଵତନ୍ତ୍ର ବଗିରୁ ଜଣେ ସାହେବ ଓହ୍ଲାଇ ମୋ ଆଡ଼କୁ ଆସିଲେ । ମୁଁ ବାଟରୁ ଟିକିଏ ଆଡ଼େଇ ହୋଇ ଯାଉଛି, ମୋର ହାତ ଦୁଇଟି ସେ ଧରି ପକାଇ ନମସ୍କାର କଲେ । ମୁଁ ଅବାକ୍ ! ଏ କିଏ ? ମୋତେ କାହିଁକି ନମସ୍କାର କରୁଛନ୍ତି ? ମୁଁ ଆଶ୍ଚର୍ଯ୍ୟ ହୋଇ ତାଙ୍କ ମୁହଁକୁ ଚାହିଁଥାଏ । ମିଲିଟାରୀ ଡ୍ରେସ୍ ମଣ୍ଡିତ ଜଣେ ଉଚ୍ଚ କର୍ମଚାରୀ ସେ । ଗୋରା ତକ୍‌ତକ୍ ସୁସ୍ଥ ସବଳକାୟ । ସେ ହ୍ୟାଟ୍ ଖଣ୍ଡିକ ବାହାର କରି ସ୍ପଷ୍ଟ ଓଡ଼ିଆରେ କହିଲେ, ''ଚିହ୍ନି ପାରୁନାହାନ୍ତି ? ମୁଁ ପରା ଆପଣଙ୍କର ସେହି ବ୍ରହ୍ମଚାରୀ ମୁଇଁ । ଆପଣଙ୍କ କରୁଣାରୁ ମୁଁ ଆଜି ଏହି ଲେଫ୍ଟନାଣ୍ଟ ପଦବୀରେ ନିଯୁକ୍ତ ହୋଇ ପାରିଛି ।''

ମୁଁ ଆଶ୍ଚର୍ଯ୍ୟ ହେଲି । ସତେ ଯେପରି ଗୋଟିଏ ନଗଣ୍ୟ ଭିକାରି ଆଜି ଦେଶ ମାତୃକାର ସେବାରେ ଉଚ୍ଚତମ ସ୍ଥାନ ଅଧିକାର କରିଛି । ମୋ ମନରେ ଟିକିଏ ଗର୍ବ ସଞ୍ଚାର ହେଲା । ସତେ, ସେଦିନ ମୋର ଉଦ୍ୟମ ଯୋଗୁଁ ଯେଉଁ ପିଲାଟି ସ୍କୁଲରେ ନାମ ଲେଖାଇ ପାରିଥିଲା, ଆଜି ସେ ଭାଗ୍ୟବଳରେ କେତେ ଉଚ୍ଚକୁ ଉଠିପାରିଛି ! ତେଣୁ ସୁବିଧା ଓ ପାରିପାର୍ଶ୍ଵିକ ଅବସ୍ଥା ହିଁ ମନୁଷ୍ୟକୁ ଉଚ୍ଚ କିମ୍ବା ନୀଚ କରିଥାଏ ।

**ସତ୍ୟନାରାୟଣ ରାଜଗୁରୁ (୧୯୦୩-୧୯୯୭)–** ପାରଳାଖେମୁଣ୍ଡିରେ ଜନ୍ମଗ୍ରହଣ କରିଥିଲେ । ଜଣେ ଐତିହାସିକ ଓ ଲିପିତତ୍ତ୍ୱବିତ୍ ଭାବରେ ସୁପରିଚିତ । ସେ 'ଓଡ଼ିଆ ଭାଷାର ଉପଭାଷା', 'କଳିଙ୍ଗର ଆତ୍ମକଥା', 'ଗଙ୍ଗବଂଶର ଇତିହାସ' ପ୍ରଭୃତି ପୁସ୍ତକ ରଚନା କରିଛନ୍ତି । ନିଜର ଆତ୍ମକାହାଣୀ 'ମୋ ଜୀବନ ସଂଗ୍ରାମ' ପାଇଁ ସେ କେନ୍ଦ୍ର ସାହିତ୍ୟ ଏକାଡେମୀ ଦ୍ୱାରା ପୁରସ୍କୃତ । ସଂକଳିତ ପାଠ୍ୟାଂଶଟି 'ମୋ ଜୀବନ ସଂଗ୍ରାମ' ପୁସ୍ତକରୁ ଗୃହୀତ ।

**ସୂଚନା :**

ମହାରାଜା – ପାରଳାଖେମୁଣ୍ଡିର ମହାରାଜା କୃଷ୍ଣଚନ୍ଦ୍ର ଗଜପତି ।

**ଆସ ଜାଣିବା କେତୋଟି ନୂଆ ଶବ୍ଦ**

ଉତ୍ସ, ବକ୍ତା, ରୋପଣ, ନାତିଦୀର୍ଘ, ଲଙ୍ଘନ, ପରିପକ୍ୱ, ଅନାହାରକ୍ଲିଷ୍ଟ, ଅଧ୍ୟବସାୟ, ଅବୈତନିକ

# ଅଭ୍ୟାସ

୧. **ଉତ୍ତର କୁହ :**

(କ) ଲେଖକ ଚତୁର୍ଥ ଶ୍ରେଣୀରେ ପଢୁଥିବାବେଳେ ଦେଶର ଅବସ୍ଥା କିପରି ଥିଲା ?

(ଖ) ୧୯୨୧ ମସିହାରେ ଭାରତରେ ହୋଇଥିବା ଆନ୍ଦୋଳନର ନାମ କ'ଣ ?

(ଗ) ମହାତ୍ମା ଗାନ୍ଧି ପାରଳାଖେମୁଣ୍ଡିକୁ ଆସି କ'ଣ କଲେ ?

(ଘ) ଛାତ୍ରମାନେ ଗାନ୍ଧିଜୀଙ୍କୁ କିପରି ସୁରକ୍ଷା ଦେଇଥିଲେ ?

(ଙ) ଗାନ୍ଧିଜୀ ଲେଖକଙ୍କୁ କ'ଣ କହିଥିଲେ ?

୨. ଉତ୍ତର ଲେଖ :

(କ) ଲେଖକ କାହାକୁ ନିଜର ପିତାମହୀ ଓ କାହାକୁ ଜନନୀ ବୋଲି କହିଛନ୍ତି ?

(ଖ) ଗରିବ ବାଳକଟିର ବେଶଭୂଷା କିପରି ଥିଲା ?

(ଗ) ଲେଖକ ପିଲାଟିକୁ କିପରି ସାହାଯ୍ୟ କଲେ ?

(ଘ) ଉକ୍ତ ପିଲାଟି ସହ ଲେଖକଙ୍କର ପୁଣି କେଉଁ ପରିସ୍ଥିତିରେ ସାକ୍ଷାତ ହେଲା ?

(ଙ) ମିଲିଟାରୀ ପୋଷାକ ପିନ୍ଧିଥିବା ସେଇ ଯୁବକଙ୍କର ନାଆଁ କ'ଣ ?

୩. କେଉଁ ପ୍ରସଙ୍ଗରେ କୁହାଯାଇଛି ?

(କ) ''ତୁ ନିଜକୁ ନିଜେ ତ ସମ୍ଭାଳି ପାରୁନାହୁଁ, ମୋତେ ସମ୍ଭାଳିବୁ କିପରି ?''

(ଖ) ''ମନୁଷ୍ୟର ଜ୍ଞାନ ଓ କର୍ମ ଏକା ସ୍ତରରେ ରହିବା ଆବଶ୍ୟକ । ତୁମର ଜ୍ଞାନ ପରିପକ୍ୱ ହେଲେ ଦେଶ ପାଇଁ କର୍ମ କରିବାକୁ ଶକ୍ତି ପାଇବ ।''

(ଗ) "ସୁବିଧା ଓ ପାରିପାର୍ଶ୍ୱିକ ଅବସ୍ଥା ହିଁ ମନୁଷ୍ୟକୁ ଉଚ୍ଚ କିମ୍ବା ନୀଚ କରିଥାଏ ।"

୪. ନିମ୍ନଲିଖିତ ଶବ୍ଦଗୁଡ଼ିକୁ ବ୍ୟବହାର କରି ବାକ୍ୟ ଗଢ଼ :

ବକ୍ତୃତା, ମହାତ୍ମା, ବୀଜ, ଅଧ୍ୟବସାୟ, ପରିପକ୍ୱ

୫. ନିମ୍ନଲିଖିତ ପ୍ରଶ୍ନଗୁଡ଼ିକର ଉତ୍ତର ଲେଖ :

(କ) ଅସହଯୋଗ ଆନ୍ଦୋଳନ ସମୟରେ ଲେଖକ କିପରି ସ୍ୱାଧୀନତା ସଂଗ୍ରାମ ସହିତ ସଂଶ୍ଳିଷ୍ଟ ଥିଲେ ?

(ଖ) 'ବ୍ରହ୍ମଚାରୀ ମୁଇଁ'ର ଭବିଷ୍ୟତ ଗଠନରେ ଲେଖକ କିପରି ସହାୟକ ହେଲେ ?

(ଗ) ପିଲାଟିର ଲେଖକଙ୍କ ପ୍ରତି ଥିବା କୃତଜ୍ଞତା କିପରି ପ୍ରମାଣିତ ହେଲା ?

୬. 'ପ୍ରଭାବ' ଶବ୍ଦର ବିଶେଷଣ ଯେପରି 'ପ୍ରଭାବିତ', ସେଇଭଳି ନିମ୍ନ ବିଶେଷ୍ୟ ପଦଗୁଡ଼ିକର ବିଶେଷଣ କଅଣ ହେବ ଲେଖ :

ପରିଚୟ, ନିର୍ବାଚନ, ଆମୋଦ, ପୁଲକ

୭. ଲିଙ୍ଗ ପରିବର୍ତ୍ତନ କରି ଲେଖ :

ପିତାମହୀ, ଜନନୀ, ଛାତ୍ର, ମହାରାଜା, ପିତା, ଭିକାରି

୮. ବନ୍ଧନୀ ମଧ୍ୟରୁ ଉପଯୁକ୍ତ ଶବ୍ଦ ବାଛି ଶୂନ୍ୟ ସ୍ଥାନ ପୂରଣ କର :

(କ) ୧୯୨୧ ମସିହାରେ ମହାତ୍ମା ଗାନ୍ଧି ପ୍ରଚାର ଉଦ୍ଦେଶ୍ୟରେ ——————କୁ ଆସିଥିଲେ ।
(ସମ୍ବଲପୁର, ପାରଳାଖେମୁଣ୍ଡି, ଖୋର୍ଦ୍ଧା, କଟକ)

(ଖ) କଠିନ ——————— ବଳରେ ସେ ଅଳ୍ପକାଳ ମଧ୍ୟରେ ତୃତୀୟ ଶ୍ରେଣୀ ପାଶ୍ କରିଥିଲା ।

(ଅଧ୍ୟବସାୟ, ଶକ୍ତି, ବକ୍ତୃତା)

**୯. ଏକଥା କିଏ କାହାକୁ କହିଛନ୍ତି ?**

(କ) "ତୁମ ଜ୍ଞାନ ପରିପକ୍ୱ ହେଲେ ଦେଶପାଇଁ କାମ କରିବାକୁ ଶକ୍ତି ପାଇବ ।"

(ଖ) "ମୋର କେହି ନାହାନ୍ତି । ବୁଢ଼ୀ ମା' ଥିଲେ, ମରିଗଲେ ।"

(ଗ) "ଆପଣଙ୍କ କରୁଣାରୁ ମୁଁ ଆଜି ଏହି ଲେଫ୍‌ଟନାଣ୍ଟ ପଦବୀରେ ନିଯୁକ୍ତ ହୋଇପାରିଛି ।"

**୧୦. ଉପଯୁକ୍ତ ବିରାମ ଚିହ୍ନ ଦେଇ ତଳଲିଖିତ ଗଦ୍ୟାଂଶଟିକୁ ଲେଖ :**

ସେ ମୋ ଆଡ଼େ ଚାହିଁ ସ୍ମିତହାସ୍ୟ କରି ହିନ୍ଦୀରେ କହିଲେ ଆରେ ପିଲା ତୁ ନିଜକୁ ନିଜେ ତ ସମ୍ଭାଳି ପାରୁନାହୁଁ ମୋତେ ସମ୍ଭାଳିବୁ କିପରି

## ତୁମ ପାଇଁ କାମ

୧. ଲେଖକ ସତ୍ୟନାରାୟଣ ରାଜଗୁରୁଙ୍କ ଆତ୍ମଜୀବନୀ 'ମୋ ଜୀବନ ସଂଗ୍ରାମ' ସଂଗ୍ରହ କରି ପଢ଼ ।

୨. ନିଜ ଘର ପାଖରେ କେହି ଗରିବ ଅଥଚ ମେଧାବୀ ପିଲା ଥିଲେ, ତା'ର ପଢ଼ିବା ସକାଶେ କିଛି ସାହାଯ୍ୟ ବନ୍ଦୋବସ୍ତ କରିବାକୁ ନିଜର ଅଭିଭାବକଙ୍କୁ ଅନୁରୋଧ କର ।



# କ'ଣ ଶିଖିବା

CNPYED

ଗୋଲୋକବିହାରୀ ଧଳ

ଦୋଷଗୁଣ ତ ସମସ୍ତଙ୍କର ଅଛି; କିନ୍ତୁ ଆମର କଥା ହେଉଛି, 'ଦୋଷକୁ ଛାଡ଼ି ଗୁଣ ଶିଖିବା।' ଖବରକାଗଜବାଲା ପଚାରନ୍ତି, ''ଆଜ୍ଞା, ଆମେରିକାରେ ସବୁଠୁଁ ଭଲ କ'ଣ ?'' ମୁଁ ବରାବର ଉତ୍ତର ଦିଏ, ''ନୁହେଁ ଷ୍ଟେଟ୍ ଏମ୍ପାୟାର କୋଠା, ନୁହେଁ ଜର୍ଜ ଓ୍ୱାସିଂଟନ୍ ପୋଲ, ସବୁଠୁଁ ବଡ଼, ଶାରୀରିକ ପରିଶ୍ରମର ମୂଲ୍ୟ।'' ଦେଖିଲେ ଆଶ୍ଚର୍ଯ୍ୟ ଲାଗେ, ପରିଶ୍ରମକୁ ସମ୍ମାନ ଦେଖାଇବା ପାଇଁ ସେ ଜାତି କିମିତି ଶିଖିଛି। କାମ କରିବାକୁ କେହି ଲଜ୍ଜିତ ହୁଏନି। ଦିନେ ପ୍ରଫେସର ମର୍ଗାନ୍ ମୋତେ ତାଙ୍କର ଜଣେ ବନ୍ଧୁଙ୍କ ଘରକୁ ନେଇଯାଇଥିଲେ। ସେ ବନ୍ଧୁଜଣକ କଲଗେଟ୍ ବିଶ୍ୱବିଦ୍ୟାଳୟର ଇଂରେଜୀ ପ୍ରଫେସର। ଗୋଟିଏ ଅଧାଡିଆରି ଘର ପାଖରେ ମଟରଗାଡ଼ି



ଛିଡ଼ାହେଲା। ଓହ୍ଲାଇକରି ଦେଖିଲି, କେତେଜଣ ଲୋକ ରବର ବୁଟ୍ ପିନ୍ଧି, ଛିଣ୍ଡାକୋତରା କାମିଜ ଲଗାଇ ମାଟି ଚକଟୁଛନ୍ତି । ସେହି ମୂଲିଆମାନଙ୍କ ଭିତରୁ ଜଣେ ପାଟିକରି ଅଭିବାଦନ ଜଣାଉଛି, ''ହାଏ ମର୍ଗାନ୍, ହାଓ ଆର୍ ୟୁ ?'' ଅର୍ଥାତ୍ ତୁମେ କିଭଳି ଅଛ ?

ଭାବିଲି ସାଇପଡ଼ିଶାର କେହି ଜଣେ ଚିହ୍ନା କୁଲି ହୋଇଥିବ; ମାତ୍ର ନିକଟକୁ ଗଲାରୁ ପ୍ରଫେସର ମର୍ଗାନ୍ ତାଙ୍କୁ କଲ୍‌ଗେଟ୍ ବିଶ୍ୱବିଦ୍ୟାଳୟର ଇଂରେଜୀ ଅଧ୍ୟାପକ ବୋଲି ମୋ ସହିତ ପରିଚିତ କରାଇଦେଲେ। ତାଙ୍କ ହାତଯାକ କାଦୁଅ, ସେ ମୋ ସହିତ କରମର୍ଦ୍ଦନ କରିପାରିବେ ନାହିଁ ବୋଲି କହି କ୍ଷମା ମାଗିନେଲେ। ମୁଁ ଆଶ୍ଚର୍ଯ୍ୟ ହେଲି। ସେହିଭଳି ଗୋଟିଏ ଗୋଟିଏ ଦୋକାନରେ ଜିନିଷ କିଣୁକିଣୁ ହଠାତ୍ ପରିଚୟ ପାଏ ଯେ, ବିକ୍ରେତା ଜଣକ ଜଣେ ଶିକ୍ଷକ। ଗ୍ରୀଷ୍ମଛୁଟିରେ ଦୋକାନରେ ପରିବା ବିକୁଛନ୍ତି କିମ୍ବା କ୍ଷେତରେ ଆଳୁ ଖୋଳୁଛନ୍ତି। ଆମ ଦେଶରେ ଥରେ ଯେ ଦି'ଅକ୍ଷର ପଢ଼ିଛି, ସେ ମାଟିକୁ

ଭୁଲିଯାଏ । ଶିକ୍ଷିତ ବଡ଼ଲୋକ ଶାରୀରିକ ପରିଶ୍ରମର ମର୍ଯ୍ୟାଦା ନ ବୁଝିଲା ପର୍ଯ୍ୟନ୍ତ, କେବଳ ଅଧାପେଟିଆ ଦୁର୍ବଳ ମୂଲିଆ ହାତରେ ଦେଶ ଉଠିପାରିବ ନାହିଁ ।

ଜଣେ ଅବସରପ୍ରାପ୍ତ ପଦାର୍ଥ ବିଜ୍ଞାନ ଶିକ୍ଷକ ମୋତେ ତାଙ୍କ ଘରକୁ ଡାକିଥିଲେ । ସେ ଦୁଇବର୍ଷ କାଳ କେବଳ ଶନିବାର ରବିବାର ଛୁଟିରେ ଲାଗିଲାଗି ନିଜ ହାତରେ ଗୋଟିଏ ଘର ତିଆରି କରିଛନ୍ତି । ଛ'ସ୍ତରି ବର୍ଷର ବୁଢ଼ା, ମୁହଁର ଚମ ଓହଳି ପଡ଼ିଲାଣି । ଛୋଟ ଟ୍ରାକ୍ଟର ଓ ବୁଲ୍‌ଡୋଜର୍ ସାହାଯ୍ୟରେ ବଡ଼ବଡ଼ ପଥର ଗଡ଼ାଇ କେମିତି ସେ କାମ କରିଛନ୍ତି କହିଲାବେଳେ ତାଙ୍କ ଆଖିରେ ଯୁବସୁଲଭ ଜ୍ୟୋତି ଫୁଟିଉଠୁଥିଲା । ଆଉ, ମୁଁ ମୋ ଦେଶର ଯୁବକ ! ପଟାଖଣ୍ଡେ କେମିତି ଯୋଡ଼ିବି, ପଥର ଖଣ୍ଡେ କେମିତି ଉଠାଇବି, ମୋର ବୁଦ୍ଧି ପାଏନା । ଏଡ଼େ ଅପଦାର୍ଥଟାଏ ମୁଁ ! ବେଳେବେଳେ ହତାଶ ହୁଏ ଯେ, ମୋଠୁଁ ବଳି କିଏ ଅପଦାର୍ଥ ଅଛନ୍ତି !

ଆମ ଦେଶରେ ଥରେ ବଡ଼ଦିନ ଛୁଟିରେ ଜଣେ ଅଧ୍ୟାପକ ଓ ତାଙ୍କ ସ୍ତ୍ରୀ ଘରକୁ ଚାଲିଯାଇଥା'ନ୍ତି । ତାଙ୍କ ଭଣଜା ଜଣେ ବି.ଏ. ଅନର୍ସ ଛାତ୍ର, ତାଙ୍କ ଘରେ ଥା'ନ୍ତି । ତାଙ୍କୁ ପଚାରିଲି, ''ତମେ ବର୍ତ୍ତମାନ କ'ଣ ଖାଉଛ ?'' ସେ କହିଲେ, "କ'ଣ ସାର୍, ଯା' ପାଉଛି ଖାଉଛି ।'' ମୁହଁ ଭାବଭଙ୍ଗୀ, କଥାବାର୍ତ୍ତା, ସବୁଥିରେ ନୈରାଶ୍ୟର ଛାୟା । ସତେ ଯେମିତି ଏ ଦୁନିଆଁରେ ସେ ଏକାନ୍ତ ନିଃସହାୟ ! ଭାବିଲେ ହତାଶ ହୋଇପଡ଼େ । ଆଜିକାଲି ଜଣେ ବି.ଏ, କି ଏମ୍.ଏ. ପାସ୍ କରିବେ, ମୋଟା ଦରମାରେ ଚାକିରି କରିବେ, ଅଥଚ ନିଜ ହାତରେ ପାଣି ମୁନ୍ଦାଏ ଫୁଟାଇ, ଚାଉଳ ସିଝାଇ ଖାଇବାର ଯୋଗ୍ୟତା ଆଜିଯାଏ ହୋଇନି ! ତେବେ କଲେଜ ପଢ଼ିଆରେ ଏନ୍.ସି.ସି. ପୋଷାକ ପିନ୍ଧି ଲେଫ୍‌ଟ୍ ରାଇଟ୍ କୁଦିହେବାରେ କି ଲାଭ ? ଏ ଦେଶର କ'ଣ ଭବିଷ୍ୟତ ନାହିଁ ? କଣ୍ଟାବାଡ଼ରେ ଲୁଗା ପକାଇ ପର ଉପରକୁ କାଦୁଅ ଫିଙ୍ଗି ନିଜେ ଭଲ ବୋଲି ହାଟ ବଜାରରେ ବାଜା ବଜାଇବା ଛଡ଼ା କ'ଣ ଦ୍ୱିତୀୟ କାମ କିଛି ନାହିଁ ?

ମିଷ୍ଟର୍ ବେକର୍ ଆମେରିକାର ଜଣେ ଅବସରପ୍ରାପ୍ତ ଇଞ୍ଜିନିୟର୍ । ବୟସ ସତୁରି ଉପରେ । ମୁଣ୍ଡର ବାଳ ଧଳା । ସକାଳେ ଶ୍ରୀମତୀ ବେକର୍ ଓ ମୁଁ ଯେତେବେଳେ ଗାଡ଼ି ଧରି ସଭାକୁ ବାହାରୁଛୁ, ଶ୍ରୀ ବେକର୍ ସେତେବେଳେ ଟାଙ୍ଗିଆ, କୋଡ଼ି, ଶାବଳ ଲଦି ଗାଡ଼ିରେ ଉଠନ୍ତି । ପର୍ବତ ଭାଙ୍ଗି ପଡ଼ିଆ କରି ତହିଁରେ ଘର ତୋଳିବେ । ଦିନେଦିନେ ହତାବାଡ଼ ଦେବା ପାଇଁ ମୁଁ ତାଙ୍କ ସଙ୍ଗେ ଯାଏ । ପଚାରେ, ''ତମର ତ ଏତେ ସମ୍ପତ୍ତି, ଯାହା କହନ୍ତି ଶହ-ଶହ ଗହ-ଗହ ଟଙ୍କାସୁନା, ଦୁଆରେ ଗାଡ଼ି ଥୋଇବାକୁ ଜାଗା ନାହିଁ । ତମେ ଏ ବୁଢ଼ା ବୟସରେ ପୁଣି କାହିଁକି କୋଡ଼ି ଶାବଳରେ ସଉକି କରୁଛ ?''



ସେ ଉତ୍ତର ଦିଅନ୍ତି, ''ଗୋଲୋକ, ତମେ ଏତେ ପାଠ ପଢ଼ି ଆମେରିକା ପର୍ଯ୍ୟନ୍ତ ଆସିଲଣି; ତଥାପି ଆମେରିକା ଜୀବନର ମୂଳ ଦର୍ଶନଟା ଧରିପାରିନା । ଆଉ କାହା କଥା ଛାଡ଼ିଦିଅ, ମୁଁ କାମ କରେ ଜୀବନ ଉପଭୋଗ କରିବା ପାଇଁ । କାମ ବ୍ୟତିରେକେ ଆମେରିକାନ୍ ଜୀବନରେ ସୁଖ କଳ୍ପନା ଅସମ୍ଭବ । କାମ ଭିତରେ ଯେ ଆନନ୍ଦ ଲୁକ୍କାୟିତ ଅଛି, ତା' ଯେ ଜୀବନରେ ଥରେ ଚାଖିଛି, ସେ ଆଉ ଛାଡ଼ିପାରିବ ନାହିଁ ।"

ବୁଢ଼ାବାପ ପରିଶ୍ରମ କରେ ବୋଲି ପୁଅ, ଝିଅ କ'ଣ ବସି ରହନ୍ତି ? ଅସମ୍ଭବ, ସମସ୍ତଙ୍କର କାମ । ଆଗରୁ କହିଛି କାମ ନକଲେ ପିଲାଏ ପଇସା ପାଆନ୍ତି ନାହିଁ, ତେଣୁ କାମ ହିଁ ଆମେରିକା ଜୀବନର ମୂଳମନ୍ତ୍ର । ଆମେରିକା ପିଲା କିମିତି ଦରକାରୀ କାମ କରିପାରେ, ତାହାର ଗୋଟିଏ ଉଦାହରଣ ଦେଉଛି ।

ଦିନେ ମୁଁ, ଡେଭିଡ୍ ଓ ତା' ବାପା ବୋଉ ସମସ୍ତେ ଗୋଟିଏ ସହର ଅଭିମୁଖରେ ମଟର ଛୁଟାଇଥିଲୁ । ଭାରି ବରଷା । ବରକୋଳିଆ ଟୋପା ଓଜାଡ଼ି ହୋଇପଡୁଥାଏ । ରାସ୍ତା ଉପରେ ଚକାଏ ପାଣି । ହଠାତ୍ ମଟରର ପଛ ଚକାଟା ଫାଟିଗଲା । ମାଇପି ମଣିଷ ସବୁଠି ସମାନ । ବିପତ୍ତି ପଡ଼ିଲେ ଅଳ୍ପବହୁତେ ଇତସ୍ତତଃ ହୁଅନ୍ତି । ମଉଜରେ ମଟର ଚଳାଇବା ଓ ଚକ ଫାଟିଲେ ସମ୍ଭାଳିବା ଏକାକଥା ନୁହେଁ । ଆମେ ସମସ୍ତେ ମଟରରୁ ବାହାରି ଖବରକାଗଜ ଖଣ୍ଡେ ଲେଖାଁ ମୁଣ୍ଡରେ ଦେଇ ଠିଆହେଲୁ । ପନ୍ଦର ବର୍ଷର ପୁଅ ଡେଭିଡ୍ ରାସ୍ତା ଉପରେ ପାଣିରେ ଶୋଇ ଅଧଘଣ୍ଟାରେ ନୂଆ ଚକଟାଏ ଲଗାଇଦେଲା । ଆମ୍ଭେ ସମସ୍ତେ କୃତକୃତ୍ୟ ହେଲୁ ।

ଆମେରିକା-ଲୋକେ ଅନେକ ଦିନ ପର୍ଯ୍ୟନ୍ତ ଏକୁଟିଆ ହୋଇ ଚଳୁଥିଲେ । ପୃଥିବୀ ରାଜନୀତି ସହିତ ସେମାନଙ୍କର ବିଶେଷ ସମ୍ପର୍କ ନଥିଲା । ଗଲା ବିଶ୍ୱଯୁଦ୍ଧରୁ ସେମାନେ ପୃଥିବୀ କ୍ଷେତ୍ରରେ ଆଗୁଆ ହେବାରେ ଲାଗିପଡ଼ିଛନ୍ତି । ବିଶ୍ୱ ଶାସନ, ବିଶ୍ୱମୈତ୍ରୀ ପାଇଁ ସେମାନେ ବର୍ତ୍ତମାନ ବଡ଼ ଉତ୍କଣ୍ଠିତ । ଆମେରିକାରେ ଯେକୌଣସି ସହରକୁ ଗଲେ ଆନ୍ତର୍ଜାତିକ କୌଣସି-ନା କୌଣସି ଅନୁଷ୍ଠାନ ଦେଖିବାକୁ ପାଇବ । ଆମେମାନେ ତ ଏତେଗୁଡ଼ାଏ ଜାତିର ପିଲା ଆମେରିକା ପଇସାରେ ଆମେରିକାରେ ବୁଲୁଥିଲୁ । କାରଣ ଯାହାହେଉ ନା କାହିଁକି, ଆନ୍ତର୍ଜାତିକ ଭାବ-ବିନିମୟ ଲାଗି ଆମେରିକୀୟମାନେ ବଡ଼ ବ୍ୟାକୁଳ ।

ଆମେରିକା-ଲୋକଙ୍କଠୁଁ ଶିଖିବାର ସବୁଠୁ ବଡ଼କଥା ହେଉଛି ଅନ୍ୟର ପ୍ରଶଂସା କରିବା । ଯିଏ ଯାହା କରୁ, ଲୋକେ ତା'ର ପ୍ରଶଂସା କରନ୍ତି ।

ମଣିଷ ଜୀବନରେ ଯେତେ କାମ ଅଛି, ଘାସକଟାରୁ ଘୋଡ଼ାଚଢ଼ା ପର୍ଯ୍ୟନ୍ତ ସବୁ ବିଜ୍ଞାନ ଛାଞ୍ଚରେ ପକାଇ ଦିଆଯାଇଛି । ପ୍ରତ୍ୟେକ କାର୍ଯ୍ୟର ମୂଲ୍ୟ ଅଛି । ତେଣୁ ଯେ ଘାସ କାଟୁଛି, ଲୋକେ ତାକୁ ବି ପ୍ରଶଂସା କରି କହନ୍ତି, ''ସେ ଗୋଟାଏ ବଢ଼ିଆ ଘାସକଟାଳି ।'' ପ୍ରଶଂସା ଶୁଣିଲେ କାମ କରିବାକୁ ମନ ନହେବ କାହାର ? ଆମ ପରି ସେଠାରେ ଖୁବ୍ କମ୍ ଲୋକ କହନ୍ତି, ଯିଏ କହିବେ, ''ସେ କିଆଁ ୟା କରୁନି, ତା କରୁନି, ସେ କାମଗୁଡ଼ା ବେକାର କାହିଁକି କରୁଛି ?'' ଏମିତି କଥା ଶୁଣିଲେ ମଣିଷ ମନ କ'ଣ ହୁଏ, ତା' ସମସ୍ତେ ଜାଣନ୍ତି । ଭାରତରୁ ଆସିଛି ବୋଲି କହିଦେଲେ ସେମାନେ ଆଦର ଅଭ୍ୟର୍ଥନାରେ ପେଟ ପୂରାଇଦିଅନ୍ତି ।

ବେଳ ଆସିଛି, ମାଛି ନ ହୋଇ ମହୁମାଛି ହେବା, ଘାଆରେ ନ ବସି ଫୁଲରେ ବସିବା – ଦେଶ ଓ ଜାତିର ମୁକ୍ତିପଥ

ଖୋଜିବା । ଧନ୍ୟ ସେ ପ୍ରଶଂସାମୁଖର ଆମେରିକାନ୍ ଜାତି । ସତରେ ଯାହା କହନ୍ତି, '' ଉଚ୍ଚମନା ଉଚ୍ଚେ ଅମୃତ ଲଭଇ, ନୀଚମନା ଲଭେ ବିଷ ।'' ମଣିଷ ଭାଗ୍ୟରେ ତାହା ହିଁ ଫଳୁଛି ।

**ଅଧ୍ୟାପକ ଗୋଲୋକବିହାରୀ ଧଳ (୧୯୨୧ - ୧୯୭୪)** - ଢେଙ୍କାନାଳର ଗଙ୍ଗେଇଡିହ ଗ୍ରାମରେ ଜନ୍ମ । ଜଣେ ବିଶିଷ୍ଟ ଭାଷାତତ୍ତ୍ୱବିତ୍ ଓ ଭ୍ରମଣ କାହାଣୀ ଲେଖକ ଭାବରେ ସେ ଓଡ଼ିଆ ସାହିତ୍ୟ କ୍ଷେତ୍ରରେ ଜଣାଶୁଣା । ତାଙ୍କ ରଚିତ ପୁସ୍ତକଗୁଡ଼ିକ ମଧ୍ୟରେ 'ଓଡ଼ିଆ କେବେ', 'ପେଟର ପବନ ପାଟିର କଥା', 'ଗଙ୍ଗାରୁ ଗୋଦାବରୀ', 'ଲଣ୍ଡନ ଚିଠି', 'ଅମର ମଣିଷ', 'ଧ୍ୱନିବିଜ୍ଞାନ' (ହିନ୍ଦୀ) ଇତ୍ୟାଦି ପ୍ରଧାନ । ଇଂରାଜୀ ଓ ହିନ୍ଦୀ ଭାଷାରେ ଲିଖିତ ଅନେକ ବହିର ସେ ଓଡ଼ିଆ ଅନୁବାଦ କରିଛନ୍ତି ।

ଲେଖକ ଉଚ୍ଚଶିକ୍ଷା ନିମନ୍ତେ ଆମେରିକାରେ କିଛିଦିନ ରହିଥିଲେ । ସେହି ସମୟରେ ଲାଭକରିଥିବା ତାଙ୍କର ଅନୁଭୂତିକୁ ସେ 'ଆମେରିକା ଅନୁଭୂତି' ପୁସ୍ତକରେ ବର୍ଣ୍ଣନା କରିଛନ୍ତି । ଏହି ପାଠ୍ୟାଂଶଟି ଲେଖକଙ୍କ 'ଆମେରିକା ଅନୁଭୂତି' ପୁସ୍ତକରୁ ନିଆଯାଇଛି ।

**ସୂଚନା :** ନୈରାଶ୍ୟ – ଆଶାଶୂନ୍ୟତା
କଣ୍ଟାବାଡ଼ରେ ଲୁଗା ପକାଇବା – ଅକାରଣରେ କଳି କରିବା
ପର ଉପରକୁ କାଦୁଅ ଫିଙ୍ଗିବା – ପର ନିନ୍ଦା କରିବା /ଅନ୍ୟକୁ ଦୋଷ ଦେବା
ବିଶ୍ୱମୈତ୍ରୀ – ସମଗ୍ର ପୃଥିବୀବାସୀଙ୍କୁ ନିଜର ବନ୍ଧୁ ବୋଲି ମନେକରିବା

**ଆସ ଜାଣିବା କେତୋଟି ନୂଆ ଶବ୍ଦ**

| | | |
|---|---|---|
| ଯୁବସୁଲଭ | ଇତସ୍ତତଃ | କୃତକୃତ୍ୟ |
| କରମର୍ଦ୍ଦନ | ବିଶ୍ୱ ଶାସନ | ଲୁକ୍‌କାୟିତ |
| ଆନ୍ତର୍ଜାତିକ | ପ୍ରଶଂସାମୁଖର | ମୂଳମନ୍ତ୍ର |

## ଅଭ୍ୟାସ

୧. **ଉତ୍ତର କୁହ :**

(କ) ଲେଖକ ମଣିଷର ଦୋଷ ଓ ଗୁଣ ସଂପର୍କରେ କ'ଣ କହିଛନ୍ତି ?

(ଖ) ଲେଖକଙ୍କ ମତରେ ଆମେରିକାରେ ସବୁଠୁ ଭଲ କଥାଟି କ'ଣ ?

(ଗ) ଆମେରିକୀୟମାନଙ୍କର କେଉଁ ଗୁଣଟି ଦେଖିଲେ ଆଶ୍ଚର୍ଯ୍ୟ ଲାଗେ ?

(ଘ) ଲେଖକ ବନ୍ଧୁଙ୍କୁ ଦେଖି ସେ କିଏ ବୋଲି ଭାବିଲେ ?

୨. ଦୁଇ ବା ତିନୋଟି ବାକ୍ୟରେ ଉତ୍ତର ଲେଖ :

(କ) ମର୍ଗାନ୍ କାହିଁକି ଲେଖକଙ୍କ ପାଖରେ କ୍ଷମା ମାଗିଲେ ?

(ଖ) ବୁଢ଼ା ବୟସରେ ବେକର୍ କୋଡ଼ି ଶାବଳ ଧରି ଏତେ କାମ କରିବାର ଉଦ୍ଦେଶ୍ୟ କ'ଣ ଥିଲା ?

(ଗ) ଆମେରିକାର ଲୋକଙ୍କ ଠାରୁ ଶିଖିବା ଭଳି ସବୁଠୁଁ ବଡ଼ କଥାଟି କ'ଣ ?

(ଘ) ଆମେରିକାର ଲୋକେ କ'ଣ ପାଇଁ ଅଧିକ ବ୍ୟସ୍ତ ?

(ଙ) ଲେଖକଙ୍କ ମତରେ ଆମେ ଦେଶ ଓ ଜାତି ପାଇଁ କ'ଣ କରିବା ଉଚିତ ?

୩. ସରଳ ଭାଷାରେ ବୁଝାଇ ଲେଖ :

(କ) ଶିକ୍ଷିତ ବଡ଼ଲୋକ ଶାରୀରିକ ପରିଶ୍ରମର ମର୍ଯ୍ୟାଦା ନ ବୁଝିଲା ପର୍ଯ୍ୟନ୍ତ କେବଳ ଅଧାପେଟିଆ ଦୁର୍ବଳ ମୂଲିଆ ହାତରେ ଦେଶ ଉଠିପାରିବ ନାହିଁ ।

(ଖ) କାମ ବ୍ୟତିରେକେ ଆମେରିକାନ୍ ଜୀବନରେ ସୁଖ କଳ୍ପନା ଅସମ୍ଭବ ?

(ଗ) ମାଛି ନ ହୋଇ ମହୁମାଛି ହେବା, ଘାଆରେ ନ ବସି ଫୁଲରେ ବସିବା ।

୪. ଆବଶ୍ୟକ ସ୍ଥଳେ ବିରାମ ଚିହ୍ନ ଦିଅ :

(କ) ସେହି ମୂଲିଆମାନଙ୍କ ଭିତରୁ ଜଣେ ପାଟିକରି ଅଭିବାଦନ ଜଣାଉଛି ହାଏ ମର୍ଗାନ୍ ହାଓ ଆର୍ ଇଉ ଭାବିଲି ସାଇପଡ଼ିଶାର କେହି ଜଣେ ଚିହ୍ନା କୁଲି ହୋଇଥିବ ମାତ୍ର ନିକଟକୁ ଗଲାରୁ ପ୍ରଫେସର ମର୍ଗାନ୍ ତାଙ୍କୁ କଲ୍‌ଗେଟ୍ ବିଶ୍ୱବିଦ୍ୟାଳୟର ଇଂରାଜୀ ଅଧ୍ୟାପକ ବୋଲି ମୋ ସହିତ ପରିଚିତ କରାଇଦେଲେ ।

(ଖ) ମଣିଷ ଜୀବନରେ ଯେତେ କାମ ଅଛି ଘାସକଟାରୁ ଘୋଡ଼ାଚଢ଼ା ପର୍ଯ୍ୟନ୍ତ ସବୁ ବିଜ୍ଞାନ ଛାଞ୍ଚରେ ପକାଇ ଦିଆଯାଇଛି ପ୍ରତ୍ୟେକ କାର୍ଯ୍ୟର ମୂଲ୍ୟ ଅଛି ତେଣୁ ଯେ ଘାସ କାଟୁଛି ଲୋକେ ତାକୁ ବି ପ୍ରଶଂସା କରି କହନ୍ତି ସେ ଗୋଟାଏ ବଢ଼ିଆ ଘାସକଟାଳି ।

୫. 'କ' ସ୍ତମ୍ଭରେ ଦିଆଯାଇଥିବା ଶବ୍ଦ ସହିତ 'ଖ' ସ୍ତମ୍ଭରେ ଥିବା ସଂପର୍କିତ ଶବ୍ଦକୁ ମିଳାଇ ନୂଆ ତିଆରି କର :

| 'କ' ସ୍ତମ୍ଭ | 'ଖ' ସ୍ତମ୍ଭ |
|---|---|
| ଶାରୀରିକ | ଜ୍ଞାନ |
| ବୁଢ଼ା | ସଂପତ୍ତି |
| ଧନ | ପରିଶ୍ରମ |
| ଦାୟିତ୍ୱ | ବୟସ |
| | ଘାସକଟା |

୬. 'ସାଇପଡ଼ିଶା' - ଏହିପରି ଆଉ ୩ଟି ଯୁଗ୍ମ ଶବ୍ଦ ପଠିତାଂଶରୁ ବାଛି ଲେଖ ।

୭. **ନିମ୍ନଲିଖିତ ବାକ୍ୟାଂଶକୁ ବ୍ୟବହାର କରି ବାକ୍ୟ ଗଠନ କର :**

କଣ୍ଟାବାଡ଼ରେ ଲୁଗାପକାଇବା, ପର ଉପରକୁ କାଦୁଅ ଫିଙ୍ଗିବା, ଲହୁ-ଲୁହ

୮. ଯେପରି 'ପଦାର୍ଥ' ଶବ୍ଦ ପୂର୍ବରୁ 'ଅ' ଯୋଗହେଲେ 'ଅପଦାର୍ଥ' ହୁଏ, ସେହିପରି ପୂର୍ବରୁ 'ଅ' ଯୋଗକରି ଆଉ ୪ଟି ଶବ୍ଦ ଲେଖ ।

୯. **ପଠିତ ପ୍ରବନ୍ଧରୁ ଉପଯୁକ୍ତ ଶବ୍ଦ ବାଛି ଶୂନ୍ୟସ୍ଥାନ ପୂରଣ କର :**

(କ) 'ଉଚ୍ଚମନା ଉଚ୍ଚେ —————— ଲଭଇ, ——————ଲଭେ ବିଷ' ।

(ଖ) କାମ ହିଁ ଆମେରିକା ଜୀବନର —————— ।

(ଗ) ବେଳ ଆସିଛି ମାଛି ନ ହୋଇ —————— ହେବା, ଘାଆରେ ନ ବସି —————— ରେ ବସିବା ।

୧୦. 'ଜ୍ଞାନ' ସହିତ 'ସାପେକ୍ଷ' ମିଶି ନୂତନ ଶବ୍ଦଟି ହୋଇଛି 'ଜ୍ଞାନସାପେକ୍ଷ'

ଏହିପରି 'ସାପେକ୍ଷ' ବ୍ୟବହାର କରି ଆଉ ଦୁଇଟି ନୂଆ ଶବ୍ଦ ଲେଖ ।

## ତୁମ ପାଇଁ କାମ

୧. ଲେଖକଙ୍କ 'ଆମେରିକା ଅନୁଭୂତି' ପୁସ୍ତକଟି ସଂଗ୍ରହ କରି ପଢ଼ ।

୨. ଲେଖକଙ୍କର 'ଲଣ୍ଡନ ଚିଠି', 'ତାଜମହଲର ଦେଶେ' ଇତ୍ୟାଦି ଅନ୍ୟ ଭ୍ରମଣ କାହାଣୀ ପୁସ୍ତକ ସଂଗ୍ରହ କରି ପଢ଼ ଓ ସାଙ୍ଗସାଥୀଙ୍କ ସହ ଆଲୋଚନା କର ।

CNYUG1

# ସଡ଼କ ସୁରକ୍ଷା ଜୀବନ ରକ୍ଷା

ନିତିଦିନିଆ ଜୀବନରେ ଦିନ ହେଉ ବା ରାତିହେଉ ଘରୁ ବାହାରିଲେ ରାସ୍ତାରେ ଅସଂଖ୍ୟ ଗାଡ଼ିମଟର ଯିବା ଆସିବା କରୁଥିବା ଦେଖୁ । ଆମେ ନିଜେ ମଧ୍ୟ ଆବଶ୍ୟକତା ଅନୁସାରେ ଦୁଇଚକିଆ, ତିନିଚକିଆ, ଚାରିଚକିଆ କିମ୍ବା ଟ୍ରକ୍‌ବସ୍‌ର ବ୍ୟବହାର କରିଥାଉ । ଗାଆଁଠାରୁ ସହର ଯାଏ ସବୁଠି ଗାଡ଼ିମଟରର ବ୍ୟବହାର ବହୁ ପରିମାଣରେ ବଢ଼ି ଯାଇଛି । ତା'ସହିତ ବିଭିନ୍ନ କାରଣରୁ ସାମାନ୍ୟ ଅସାବଧାନତା ହେତୁ ଦୁର୍ଘଟଣାମାନ ଘଟି ଧନ ଜୀବନ ହାନି ଘଟୁଛି । ଫଳରେ ବ୍ୟକ୍ତି, ପରିବାର ଓ ରାଷ୍ଟ୍ରର ଅକଳନ କ୍ଷତି ଘଟୁଛି । ଆବଶ୍ୟକତା ଦୃଷ୍ଟିରୁ ଆମକୁ ରାସ୍ତାରେ ଚାଲିବାକୁ ହେବ, ଗାଡ଼ିମଟର ବ୍ୟବହାର କରିବାକୁ ହେବ । କିନ୍ତୁ ଚାଲିବାବେଳେ ହେଉ ବା ଗାଡ଼ି ଚଳାଇବା ବେଳେ ସତର୍କତା ଅବଲମ୍ବନ କଲେ ଏବଂ ରାସ୍ତାର ନିୟମ ମାନିଲେ ଆମେ ଦୁର୍ଘଟଣାକୁ ଏଡ଼ାଇଯାଇ ପାରିବା । ଏହାଦ୍ୱାରା ନିଜର ଓ ଦେଶର ଧନଜୀବନ ସୁରକ୍ଷିତ ହୋଇପାରିବ ।

ସାଧାରଣ ଭାବେ ଅଳ୍ପ ବୟସର ପିଲାମାନେ ପାଦରେ ଚାଲି ଯାଆନ୍ତି କିମ୍ବା ସାଇକେଲ ବ୍ୟବହାର କରନ୍ତି । କାରଣ ଆମ ଦେଶର ଆଇନ୍ ଅନୁସାରେ ଅଠର ବର୍ଷରୁ କମ୍ ବୟସର ପିଲାଙ୍କୁ ଇଂଜିନଚାଳିତ ଗାଡ଼ି ଚଳାଇବାର ଅଧିକାର ମିଳିନଥାଏ । କିନ୍ତୁ ପିଲାମାନେ ଏକୁଟିଆ କାହାରି ସାଙ୍ଗରେ ଛୋଟ ବା ବଡ଼ଗାଡ଼ିରେ ଯା'ଆସ କରିଥା'ନ୍ତି । ଆଉ ମଧ୍ୟ ଆଜିର ପିଲା ଆସନ୍ତା କାଲିର ନାଗରିକ ତେଣୁ ଆମ ଦେଶରେ ପ୍ରଚଳିତ ରାସ୍ତା ନିୟମ ସଂପର୍କରେ ସେମାନେ ଅନେକ କଥା ଜାଣିବା ଆବଶ୍ୟକ । ଏଥିସହିତ ଯିବା ଆସିବାବେଳେ କେତେକ ଦିଗପ୍ରତି ଧ୍ୟାନଦେଇ ସତର୍କତା ଅବଲମ୍ବନ କରିବା ମଧ୍ୟ ଉଚିତ୍ ।

ପାଦରେ ଚାଲିଚାଲି ଯିବାବେଳେ ଗାଆଁ କି ସହର ରାସ୍ତାରେ ନିଜର ଡାହାଣପାଖେ ଚାଲିବା ଉଚିତ୍ । ଏହାଦ୍ୱାରା ସାମନାପଟୁ ଆସୁଥିବା ଗାଡ଼ିମଟରକୁ ଦୂରରୁ ଦେଖିହେବ ଓ ଦ୍ରୁତଗାମୀ ଗାଡ଼ିକୁ ବାଟ ଛାଡି ନିରାପଦରେ ଆଗକୁ ଯାଇହେବ । ସାଙ୍ଗ ହୋଇ ଯାଉଥିଲେ ପରସ୍ପର ମଧ୍ୟରେ କଥା ହୋଇ ରାସ୍ତାକୁ ମାଡ଼ି ଚାଲିବା ଉଚିତ୍ ନୁହେଁ । ବରଂ ଆଗପଛ ଧାଡ଼ି ହୋଇଗଲେ ବିପଦର ଆଶଙ୍କା ନଥାଏ । ବଡ଼ବଡ଼ ସହରରେ ପାଦରେ ଚାଲିବାକୁ ସ୍ୱତନ୍ତ୍ର ପାଦଚଲା ରାସ୍ତାର ବ୍ୟବସ୍ଥା ଥାଏ । ଏହାକୁ ବ୍ୟବହାର କରିବା ଭଲ । ଛକମାନଙ୍କରେ ରାସ୍ତା ପରିବର୍ତ୍ତନ କରିବାକୁ କିମ୍ବା ପାରହେବାକୁ ଥିଲେ ସେଠାରେ ଜେବ୍ରା ପ୍ରାଣୀ ଦେହରେ ଥିବା ଧଳାଦାଗ ଭଳି ଚିହ୍ନିତ ସ୍ଥାନକୁ ବ୍ୟବହାର କରିବା ଉଚିତ୍ ।



ଆମେ ପାଖଆଖର ବିଭିନ୍ନ କାର୍ଯ୍ୟପାଇଁ ସାଇକେଲ ବ୍ୟବହାର କରିଥାଉ । ଏଥିପାଇଁ ଆମକୁ କେତେକ ସତର୍କତା ଅବଲମ୍ବନ କଲେ ବିପଦର ଆଶଙ୍କାକୁ ଏଡ଼ାଇ ହୋଇଥାଏ । ଆମ ଉଚ୍ଚତାକୁ ଦେଖି ଛୋଟବଡ଼ ସାଇକଲ ବ୍ୟବହାର କରିବା ଉଚିତ୍, ଯେମିତିକି ସିଟ୍ ଉପରେ ବସିଲେ ଦୁଇଗୋଡ଼ ଆଙ୍ଗୁଳି ରାସ୍ତାକୁ ଛୁଇଁ ପାରୁଥିବ । ଦରକାର ବେଳେ ଆମେ ସାଇକେଲକୁ ଆମ ନିୟନ୍ତ୍ରଣରେ ରଖିପାରିବା । ସାଇକେଲର ବ୍ରେକ୍ ଓ ଘଣ୍ଟି ଠିକ୍‌ଭାବେ କାମ କରୁଥିବା ଅତ୍ୟନ୍ତ ଜରୁରୀ । ରାତିରେ ସାଇକେଲ ଚଳାଇବାକୁ ଥିଲେ ସାମ୍‌ନାରେ ଆଲୋକ ବ୍ୟବସ୍ଥା କରିବା ଭଲ । ସାଇକେଲ୍‌ର ଆଗରେ ଏବଂ ପଛରେ ଥିବା ମଡଗାର୍ଡରେ ରେଡ଼ିଅମ୍ ଟେପ ଲଗାଇବା ଆବଶ୍ୟକ ଯାହା ଫଳରେ ରାତିରେ ସାଇକେଲକୁ ଅନ୍ୟମାନେ ଦେଖି ପାରିବେ । ରାସ୍ତାରେ ଗଲାବେଳେ ସାଇକେଲ୍‌କୁ ଦ୍ରୁତଗତିରେ ଚଳାଇବା, ସାଇକେଲ ଉପରେ ଖେଳ ଦେଖାଇବା, ହ୍ୟାଣ୍ଡଲ୍ ଛାଡ଼ି ଚଳାଇବା ଇତ୍ୟାଦି ବିପଦର କାରଣ ହୋଇଥାଏ । ଆଗରେ ଅନ୍ୟ କୌଣସି ଗାଡ଼ି ଯାଉଥିଲେ ତା'ଠାରୁ ଯଥେଷ୍ଟ ଦୂରତା ରଖି ସାଇକେଲ ଚଳାଇବା ଉଚିତ୍ । ସାଇକେଲ୍ ପାଇଁ କେତେକ ନଗରରେ ସ୍ୱତନ୍ତ୍ର ରାସ୍ତାର ବ୍ୟବସ୍ଥା ରହିଛି । ତାକୁ ବ୍ୟବହାର କରିବା ଉଚିତ୍ । ଗାଆଁ ବା ଛୋଟ ସହରରେ ଏପରି ବ୍ୟବସ୍ଥା ନଥିଲେ ରାସ୍ତାରେ ସତର୍କତାର ସହ ଯିବାକୁ ହେବ । କୌଣସି ସ୍ଥାନରେ ବାମ ବା ଡାହାଣକୁ ବୁଲିବାର ଥିଲେ ପ୍ରଥମେ ଉଭୟ ପାଖ ଓ ଆଗପଛକୁ ଦେଖି ଏବଂ ସେହି ଦିଗକୁ ହାତଦେଖାଇ ସୂଚନାଦେଇ ବୁଲିବାକୁ ହେବ ।

ରାସ୍ତାରେ ସାଇକେଲ ଚଳାଇବାବେଳେ ରାସ୍ତା ଓ ଏହାର ପାର୍ଶ୍ୱରେ ଥିବା ଚିହ୍ନ ପ୍ରତି ଧ୍ୟାନଦେଇ ଆଗକୁ ଯିବା ଉଚିତ । ରାସ୍ତା ଉପରେ ଟ୍ରାଫିକ୍‌ପୋଲିସ୍‌ଙ୍କ ଉଦ୍ଦିଷ୍ଟ ସ୍ଥାନରେ ଦିଆଯାଉଥିବା ସଂକେତ ପ୍ରତି ସତର୍କ ରହିବାକୁ ହେବ । ନାଲି ଆଲୁଅ ଜଳୁଥିଲେ ଅଟକିଯିବା ଓ ସବୁଜ ଆଲୁଅ ଜଳିଲେ ଆଗକୁ ଯିବା ପାଇଁ ସୂଚନା ମିଳେ । କେତେକ ସ୍ଥାନରେ ହାତ ଦେଖାଇ ଏହି ନିର୍ଦ୍ଦେଶ ମଧ୍ୟ ଦିଆଯାଇଥାଏ । ନିର୍ଦ୍ଦେଶ ନ ମିଳିବାଯାଏ ଅପେକ୍ଷା କରିବା ଉଚିତ୍ । ବର୍ଷାବେଳେ ଖୋଲା ଛତାଧରି ସାଇକେଲ ଚଳାଇବା, ମୋବାଇଲ୍‌ରେ କଥା ହେବା ଇତ୍ୟାଦି ବିପଦର କାରଣ ହୋଇଥାଏ । ଏପରି ନ କରିବା ସର୍ବାଦୌ ଆବଶ୍ୟକ । ସାଇକେଲ୍‌ରେ ଅଧିକ ଲୋକଙ୍କୁ ବସାଇବା ବା ଅଧିକ ଜିନିଷପତ୍ର ବୋହିନେବା ଆଦି ମଧ୍ୟ ଭାରସାମ୍ୟ ହରାଇ ଦୁର୍ଘଟଣାର କାରଣ ହୋଇଥାଏ । ଏଥିପ୍ରତି ସତର୍କ ରହିବା ଆବଶ୍ୟକ ।

ନିଜେ ନଚଳାଉଥିଲେ ମଧ୍ୟ ଆମକୁ ଅନ୍ୟର ମଟରସାଇକେଲ୍, ଅଟୋରିକ୍ସା, କାର, ବସ୍ ଇତ୍ୟାଦିରେ ଯିବାକୁ ପଡ଼ିଥାଏ । ଏ କ୍ଷେତ୍ରରେ ମଧ୍ୟ ସତର୍କତା ଅବଲମ୍ବନ କରିବା ଅତ୍ୟନ୍ତ ଜରୁରି । ମଟରସାଇକେଲ ଇତ୍ୟାଦିରେ ଦୁଇ ଜଣରୁ ଅଧିକ ଯାତାୟାତ କରିବା ଠିକ୍ ନୁହେଁ । ପଛରେ ବସି ଗପ କରିବା, ଚାଳକକୁ ଅନ୍ୟମନସ୍କ କରିବା, ହାତଗୋଡ଼ ହଲାଇ ଭାରସାମ୍ୟ ନଷ୍ଟ କରିବା ବିପଦର କାରଣ ହୋଇଥାଏ । ଏତଦ୍‌ବ୍ୟତୀତ ମଟର ସାଇକେଲ ଚାଳକ ଏବଂ ପଛରେ ବସିଥିବା ଲୋକ ଉଭୟ ହେଲମେଟ୍ ପିନ୍ଧିବା ଆବଶ୍ୟକ । ଅଟୋରିକ୍ସା ବା ବସ୍‌ରେ ଗଲାବେଳେ କୌଣସି ଅଙ୍ଗ ଯେପରି ବାହାରକୁ ନରହେ ସେଥିପ୍ରତି ବିଶେଷ ସତର୍କତା ଅବଲମ୍ବନ କରିବା ଉଚିତ୍ । ନିଜେ ଯାଉଥିବା ଗାଡ଼ିର ଚାଳକ ଯଦି ଅତିଦ୍ରୁତ ବେଗରେ ଗାଡ଼ି ଚାଳଉଥାଏ, ଅନ୍ୟମାନଙ୍କ ସହ ଗପସପରେ ବ୍ୟସ୍ତଥାଏ, ମୋବାଇଲ୍‌ରେ କଥା ହେଉଥାଏ, ତେବେ ତାଙ୍କୁ ଏପରି ନକରିବାକୁ ନମ୍ରତାର ସହ ପ୍ରତିବାଦ କରିବା ଉଚିତ୍ ।

ରାସ୍ତାରେ ଗାଡ଼ି ଚଳାଇବା ପାଇଁ ଆମ ଦେଶରେ ସୁନ୍ଦର ନିୟମମାନ ପ୍ରଣୟନ କରାଯାଇଛି । ରାସ୍ତା ଉପରେ ଓ ପାର୍ଶ୍ୱରେ ଅନେକ ସଂକେତର ବ୍ୟବସ୍ଥା କରାଯାଇଛି । ସେସବୁ ସମ୍ବନ୍ଧରେ ସାଧାରଣ ଧାରଣା ରଖିବା ସମସ୍ତଙ୍କର କର୍ତ୍ତବ୍ୟ କାରଣ କୌଣସି ଦୁର୍ଘଟଣା ଘଟିଲେ ଚାଳକ ଓ ଯାତ୍ରୀ ସହଯାତ୍ରୀ ସମସ୍ତଙ୍କର ପ୍ରଭୂତ କ୍ଷତି ହୋଇଥାଏ । ଆମେ ସମସ୍ତେ ସଚେତନ ଓ ସତର୍କ ହେଲେ, ଆମର ଓ ଆମ ଦେଶର ମଙ୍ଗଳ ସାଧିତ ହେବ ।

(ଭିନ୍ନ ଭିନ୍ନ ଉତ୍ସରୁ ତଥ୍ୟ ସଂଗୃହୀତ ଓ ସଂପାଦିତ)

## ସୂଚନା :

ଅକଳନ - ଯାହାକୁ କଳନା କରାଯାଇ ପାରିବ ନାହିଁ, ଅସଂଖ୍ୟ

ଅବଲମ୍ବନ - ନିର୍ଭର କରିବା, ଅନୁସରଣ କରିବା

ଧ୍ୟାନ ଦେବା - ସତର୍କ ଦୃଷ୍ଟି ଦେବା

ସର୍ବାଦୌ - ସର୍ବ ପ୍ରଥମେ

ଭାରସାମ୍ୟ - ସନ୍ତୁଳନ

ଦ୍ରୁତଗାମୀ - ଅତିବେଗରେ ଯାଉଥିବା

ପ୍ରତିବାଦ - ବିରୋଧ କରିବା

କେତୋଟି ରାସ୍ତା ସଙ୍କେତ - ରାସ୍ତାରେ ନିରାପଦରେ ଯିବା ଆସିବା ପାଇଁ ନିୟମ ସୂଚକ ଯଥା -




ଅଟକନ୍ତୁ



ଆଗରେ ହମ୍ପସ୍ ରହିଛି



ଏଠାରେ ଯାନବାହାନ ପାର୍କିଂ କରିବା ମନା



ପଦଚାରୀଙ୍କ ରାସ୍ତା ପାର ହେବା ସ୍ଥାନ (ଜେବ୍ରା କ୍ରସିଂ)



ହର୍ଣ୍ଣ ବଜାଇବା ମନା

## ଅଭ୍ୟାସ

୧. ଉତ୍ତର କୁହ ।

(କ) କ'ଣ କଲେ ଆମେ ସଡ଼କ ଦୁର୍ଘଟଣାକୁ ଏଡ଼ାଇ ପାରିବା ?

(ଖ) ଇଞ୍ଜିନ୍ ଚାଳିତ ଗାଡ଼ି ଚଲାଇବା ପାଇଁ ଚାଳକର ସର୍ବନିମ୍ନ ବୟସ ସୀମା କେତେ ?

(ଗ) ନାଗରିକର କର୍ତ୍ତବ୍ୟ ମଧ୍ୟରୁ କେଉଁ ନିୟମ ଜାଣିବା ତା' ପାଇଁ ଗୁରୁତ୍ୱପୂର୍ଣ୍ଣ ?

(ଘ) ପାଦରେ ଚାଲି ଗଲାବେଳେ ରାସ୍ତାରେ କେଉଁ ପାଖେ ଚାଲିବ ?

(ଙ) ଦ୍ରୁତଗାମୀ ଗାଡ଼ିର ଚାଳକକୁ ମୋବାଇଲ ବ୍ୟବହାର କାହିଁକି ମନା ?

୨. ଦୁଇ ବା ତିନୋଟି ବାକ୍ୟରେ ଉତ୍ତର ଲେଖ ।

(କ) ରାସ୍ତା ଦୁର୍ଘଟଣାଦ୍ୱାରା କି କ୍ଷତି ହୁଏ ?

(ଖ) ପାଦ ଚଲା ରାସ୍ତାରେ କେଉଁପଟେ କାହିଁକି ଯିବା ?

(ଗ) ଛକମାନଙ୍କରେ ପାର ହେବାକୁ କ'ଣ କରିବାକୁ ହେବ ?

(ଘ) ସାଇକେଲ ଚଳାଇବା ବେଳେ କି ପ୍ରକାର ସାବଧାନତା ଅବଲମ୍ବନ କରିବା ଉଚିତ ?

(ଙ) ଦୁଇଚକିଆଯାନର ପଛରେ ବସିଲେ କି ପ୍ରକାର ସତର୍କ ହେବାକୁ ପଡ଼ିବ ?

**୩. ପୂର୍ବାପର ସଂପର୍କ ସହ ସରଳଭାଷାରେ ବୁଝାଇ ଲେଖ ।**

(କ) ଏହାଦ୍ୱାରା ନିଜର ଓ ଦେଶର ଧନଜୀବନ ସୁରକ୍ଷିତ ହୋଇପାରିବ ।

(ଖ) ଆମେ ସମସ୍ତେ ସଚେତନ ଓ ସତର୍କ ହେଲେ, ଆମର ଓ ଆମ ଦେଶର ମଙ୍ଗଳ ସାଧିତ ହେବ ।

**୪. ତଳେ ଦିଆଯାଇଥିବା ଶବ୍ଦ ଗୁଡ଼ିକୁ ନେଇ ବାକ୍ୟ ଗଠନ କର ।**

ସଚେତନ –

ଦୁର୍ଘଟଣା –

ଦ୍ରୁତଗାମୀ –

ଅନ୍ୟମନସ୍କ –

ଗପସପ –

**୫. ତଳଶବ୍ଦଗୁଡ଼ିକର ବିପରୀତ ଅର୍ଥବୁଝାଉଥିବା ଶବ୍ଦ ଲେଖ ।**

ସାମାନ୍ୟ –

ହାନି –

ନିୟମ –

ବିପଦ –

କର୍ତ୍ତବ୍ୟ –

**୬. ପାଠରୁ ବାଛି ଶୂନ୍ୟସ୍ଥାନ ପୂରଣ କର ।**

(କ) ଆଜିର ପିଲା ଆସନ୍ତା କାଲିର .................... ।

(ଖ) ବଡ଼ ବଡ଼ ସହରରେ ପାଦରେ ଚାଲିବାକୁ .................... .................... ବ୍ୟବସ୍ଥା ଥାଏ ।

(ଗ) ସାଇକେଲ ସିଟ୍ ଉପରେ ବସିଲେ .................... .................... ରାସ୍ତାକୁ ଛୁଇଁ ପାରୁଥିବ ।

(ଘ) .................... ଆଲୁଅ ଜଳିଲେ ଆଗକୁ ଯିବାପାଇଁ ସୂଚନା ମିଳେ ।

(ଙ) ମଟରସାଇକେଲ ଇତ୍ୟାଦି ଦୁଇ ଚକିଆ ଯାନରେ .................... ରୁ ଅଧିକ ସଂଖ୍ୟକ ଲୋକ ଯାତାୟାତ କରିବା ଉଚିତ ନୁହେଁ ।

୭.  'କ' ସ୍ତମ୍ଭର ସଙ୍କେତ ସହିତ 'ଖ' ସ୍ତମ୍ଭର ସଂପର୍କିତ ଉକ୍ତିକୁ ଗାରଟାଣି ଯୋଡ଼ ।

| 'କ' ସ୍ତମ୍ଭ | 'ଖ' ସ୍ତମ୍ଭ |
|---|---|
|  | ଏଠାରେ ଯାନ ବାହାନ ରଖିବା ମନା |
|  | ଆଗରେ ହମ୍ପସ୍ ଅଛି |
|  | ପଦଚାରୀଙ୍କ ରାସ୍ତାପାର ହେବା ସ୍ଥାନ (ଜେବ୍ରା କ୍ରସିଂ) |
|  | ଅଟକନ୍ତୁ |
|  | ହର୍ଣ୍ଣ ବଜାଇବା ମନା |

## ତୁମପାଇଁ କାମ

୧.  ବହିରେ ଦିଆଯାଇଥିବା ଟ୍ରାଫିକ୍ ସଙ୍କେତ ବ୍ୟତୀତ ଅନ୍ୟ ସଙ୍କେତଗୁଡ଼ିକୁ ଅନ୍ୟମାନଙ୍କୁ ପଚାରିବୁଝ ଓ ଅଙ୍କନ କର । ସେଗୁଡ଼ିକର ବ୍ୟବହାର ସଂପର୍କରେ ଲେଖ ।

CP8QHN

# ଦେଶପ୍ରେମୀ କଏଦୀ

ରାମପ୍ରସାଦ ମହାନ୍ତି

ତରଙ୍ଗାୟିତ ନୀଳ ସାଗର ବକ୍ଷରେ ଦୋହଲି ଦୋହଲି ଭାସିଯାଉଛି ଜାହାଜଟିଏ । ଜାହାଜର ନାମ 'ମେରିଆ' । ଜାହାଜର ଏକ କ୍ଷୁଦ୍ର ପ୍ରକୋଷ୍ଠରେ ନୀରବ ନିଶ୍ଚଳ ହୋଇ ବସି ରହିଛନ୍ତି ଜଣେ କଏଦୀ । ତାଙ୍କ ମୁଖମଣ୍ଡଳରେ ଅଜସ୍ର ଚିନ୍ତାର ଆଭାସ । ପ୍ରକୋଷ୍ଠ ସମ୍ମୁଖରେ ସଶସ୍ତ୍ର ପ୍ରହରୀ ପଦଚାରଣ କରୁଛି ।



ଜାହାଜଟି ବିଲାତରୁ ଭାରତ ଆସୁଥାଏ । ଏଥିରେ ଥିବା କଏଦୀ ଜଣକ ରାଜନୈତିକ ଅପରାଧରେ ବନ୍ଦୀ ହୋଇଥା'ନ୍ତି । ତାଙ୍କର ଅପରାଧ ହେଉଛି, ଭାରତରୁ ଇଂରେଜ ଶାସନ ଲୋପକରିବା ପାଇଁ ସେ ସଂଗ୍ରାମ କରୁଥିଲେ । ସେଥିପାଇଁ ତାଙ୍କ ଉପରେ ସରକାରଙ୍କର ତୀକ୍ଷ୍ଣ ଦୃଷ୍ଟି । ଭାରତର ଏକ ସୁଦୃଢ଼ କାରାଗାରରେ ତାଙ୍କୁ ବନ୍ଦିକରି ରଖିବା ପାଇଁ ବ୍ୟବସ୍ଥା ହୋଇଥାଏ ।

ବିଲାତରେ ଗିରଫ ହୋଇ ସେ ଯେତେବେଳେ ହାଜତକୁ ଗଲେ, ଜଣେ ଇଂରେଜ ସାମ୍ବାଦିକ ତାଙ୍କୁ ସେଦିନ କହିଥିଲେ, ''ତୁମେ ତ ଏକା ନୁହଁ, ତୁମର ଆଉ ଦୁଇଜଣ ଭାଇଙ୍କୁ ମଧ୍ୟ ଜେଲ୍‌କୁ ନିଆଗଲାଣି ।''

ଏକଥା ଶୁଣି ସେଦିନ ସେ ହସିଦେଇଥିଲେ । ସାମ୍ବାଦିକଙ୍କୁ ବୀରଦର୍ପରେ ଜବାବ ଦେଇଥିଲେ, ''ଏ ତ ଗୌରବର କଥା । ମୋର ସୌଭାଗ୍ୟ ଯେ ଆମ ପରିବାରର ସମସ୍ତେ ଜନ୍ମଭୂମିର ପରାଧୀନତା ଶୃଙ୍ଖଳକୁ ଛିନ୍ନ କରିବାଲାଗି ବଦ୍ଧପରିକର, ସର୍ବସ୍ୱ ତ୍ୟାଗ କରିବା ପାଇଁ କୃତସଙ୍କଳ୍ପ ।''

ଏହି ବିପ୍ଳବୀ ଯୁବକ ଜଣକ ହେଉଛନ୍ତି ବିନାୟକ ଦାମୋଦର ସଭରକର୍ । ତାଙ୍କର ପିଲାଦିନର ନାମ ତାତ୍ୟା । ସେ ମହାରାଷ୍ଟ୍ରର ନାସିକ ଜିଲ୍ଲା ଅନ୍ତର୍ଗତ ଭଗୁର ନାମକ ଗାଆଁରେ ୧୮୮୩ ମସିହା ମଇମାସ ୨୮ ତାରିଖରେ ଜନ୍ମଗ୍ରହଣ କରିଥିଲେ । ତାଙ୍କ ପିତାଙ୍କ ନାମ ଦାମୋଦର ପନ୍ଥ ସଭରକର୍, ମାତାଙ୍କ ନାମ ରାଧା ବାଈ । ତାଙ୍କ ବଡ଼ଭାଇଙ୍କ ନାମ ଗଣେଶ ଦାମୋଦର, ସାନଭାଇ ନାରାୟଣ ରାଓ । ଯୁବକ ବିନାୟକ ଦାମୋଦରଙ୍କର ମାତୃଭୂମି ପ୍ରତି ଏଭଳି ମମତା ଦେଖି ସାହେବ

ଜଣକ ଆଶ୍ଚର୍ଯ୍ୟାନ୍ୱିତ ହେଲେ । ସେ ନିଜେ ଜଣେ ସାମ୍ବାଦିକ, ତେଣୁ ସଭରକରଙ୍କ ସଂପର୍କରେ ଏକ ବିବରଣୀ ଲେଖି ସମ୍ବାଦପତ୍ରରେ ପ୍ରକାଶ କଲେ । ଅବଶ୍ୟ ତା'ର ଫଳ ଏହି ସାମ୍ବାଦିକଙ୍କୁ ଭୋଗିବାକୁ ପଡ଼ିଥିଲା । ସରକାର କ୍ରୋଧାନ୍ୱିତ ହୋଇ ତାଙ୍କୁ ମଧ୍ୟ ବନ୍ଦୀ କଲେ ଓ ସଭରକର୍ ରହୁଥିବା ଜେଲ୍‌କୁ ପଠାଇଦେଲେ ।

ଜାହାଜରେ ବସିଥିବାବେଳେ ଏହିପରି କେତେ ସ୍ମୃତି ସଭରକରଙ୍କ ମନରେ ଉଙ୍କି ମାରୁଥାଏ । ସେ ଉଠି କକ୍ଷ ସଂଲଗ୍ନ ସ୍ନାନାଗାର ଭିତରକୁ ଗଲେ । ସେଠାରେ ଗୋଟିଏ ଦର୍ପଣ ଏପରିଭାବେ ଲାଗିଥାଏ ଯେ, ଭିତରେ ଯିଏ ଯାହା କରିବ ବାହାରେ ଥିବା ପ୍ରହରୀ ସବୁ ଦେଖିପାରିବ ।

ବନ୍ଦୀ ଚତୁରତାର ସହିତ ନିଜ ଦେହରୁ ଜାମାଟି କାଢ଼ି ଦର୍ପଣ ସାମନାରେ ଝୁଲାଇ ଦେଲେ । ପହରାରତ ପୁଲିସ୍ ପକ୍ଷରେ ସେତେବେଳେ ସନ୍ଦେହର ଅବକାଶ ନ ଥିଲା ।

ହଠାତ୍ କେହି ଯେପରି ସମୁଦ୍ରକୁ ଲମ୍ଫଦେବାର ଶବ୍ଦ ଶୁଣାଗଲା । ପ୍ରହରୀ ଲୁହାଜାଲି କବାଟ ଖୋଲି ଦେଖିଲା ସ୍ନାନାଗାର ମଧ୍ୟରେ କଏଦୀଟା ନାହିଁ । ସମୁଦ୍ରରେ ପହଁରି ପହଁରି ଦ୍ରୁତ ବେଗରେ ପଳାଇଯାଉଛି । କିଂକର୍ତ୍ତବ୍ୟବିମୂଢ଼ ହୋଇ ସେ ଗୁଳି ଚଳାଇଲା; ମାତ୍ର ଗୁଳି ଲକ୍ଷ୍ୟଭେଦ କରିପାରିଲା ନାହିଁ ।

ସଭରକର୍ କିଛି ଦୂର ପହଁରି ପହଁରି ଯାଇ ଗୋଟିଏ ଟାପୁରେ ଲାଗିଲେ । ଜାହାଜ ଆଡ଼କୁ ଚାହିଁ ଦେଖିଲେ, ପାଞ୍ଚ ଛଅ ଜଣ ବନ୍ଧୁକଧାରୀ ସିପାହୀ ଗୋଟିଏ ଯନ୍ତ୍ରଚାଳିତ ନୌକାରେ ତାଙ୍କ ଆଡ଼କୁ ଛୁଟିଛନ୍ତି । ସେ କେଉଁଠି ଆତ୍ମଗୋପନ କରିବା ପୂର୍ବରୁ ସିପାହୀମାନେ ତାଙ୍କ ପାଖରେ ପହଂଚିଗଲେ। ପଳାତକ ବନ୍ଦୀଙ୍କୁ ଧରି ତାଙ୍କ ହାତ ଓ ପାଦରେ ବେଡ଼ି ପକାଇ ପୁଣି ନେଇଗଲେ ଜାହାଜକୁ ।

କଲେଜରେ ପଢୁଥିବାବେଳେ ଅଠରବର୍ଷ ବୟସରେ ସଭରକର୍ ଗୋଟିଏ ବିପ୍ଳବୀ ଦଳ ଗଢ଼ିଥିଲେ । ତା'ର ନାମ 'ମିତ୍ରମେଳା' । ୧୯୦୧ ମସିହାରେ ଯେତେବେଳେ ବିଲାତରେ ରାଣୀ ଭିକ୍ଟୋରିଆଙ୍କ ମୃତ୍ୟୁ ହେଲା, ଭାରତରେ ସର୍ବତ୍ର ଶୋକ ପାଳିତ ହେଲା; କିନ୍ତୁ ମିତ୍ରମେଳାର ସଦସ୍ୟମାନେ ଶୋକଦିବସ ପାଳିଲେ ନାହିଁ । ସଭରକର୍ ଗୋଟିଏ ବୈଠକ ଡାକି ସେଥିରେ ଓଜସ୍ୱିନୀ ଭାଷଣ ଦେଇଥିଲେ । ସେ କହିଲେ, ''ବିଲାତର ରାଣୀ ଭିକ୍ଟୋରିଆ ଆମ ଶତ୍ରୁଦେଶର ରାଣୀ । ଆମେ କାହିଁକି ତାଙ୍କ ବିୟୋଗରେ ଶୋକ ପାଳିବା ?''



ତାଙ୍କ ଭାଷଣ ସମ୍ବାଦପତ୍ରମାନଙ୍କରେ ପ୍ରକାଶ ପାଇଲା । ସରକାର କ୍ଷୁବ୍ଧହୋଇ ଏହି ଯୁବକଙ୍କୁ କଲେଜରୁ ବହିଷ୍କାର କରିଦେଲେ । ସେତେବେଳେ ଦେଶର ବରେଣ୍ୟ ନେତା ଥାଆନ୍ତି ଲୋକମାନ୍ୟ ବାଳଗଙ୍ଗାଧର ତିଳକ । ଏହି ସମ୍ବାଦ ପଢ଼ି ତାଙ୍କ ମୁଖରୁ ବାହାରି ପଡ଼ିଲା, ''ମହାରାଷ୍ଟ୍ରରେ କ'ଣ ଶିବାଜୀ ପୁନର୍ଜନ୍ମ ଗ୍ରହଣ କଲେ !''

ଏହାର କେତେ ବର୍ଷ ପରର କଥା । ଦିନେ ସଭର୍କର୍ ଲୋକମାନ୍ୟ ତିଳକଙ୍କ ଠାରୁ ଏକ ବାର୍ତ୍ତା ପାଇ ତାଙ୍କୁ ସାକ୍ଷାତ କଲେ; ତାଙ୍କ ପାଦସ୍ପର୍ଶ କରି ସ୍ୱଦେଶ ପାଇଁ କାମ କରିବା ଲାଗି ତାଙ୍କର ଆଶୀର୍ବାଦ ଭିକ୍ଷାକଲେ । ସେତେବେଳକୁ ଦେଶରେ ସ୍ୱାଧୀନତା ଆନ୍ଦୋଳନ ଆରମ୍ଭ ହୋଇଯାଇଥାଏ । ବିଦେଶୀ ଦ୍ରବ୍ୟ ବ୍ୟବହାର ନ କରିବା ପାଇଁ ଗାନ୍ଧିଜୀ ଆହ୍ୱାନ ଦେଉଥା'ନ୍ତି । ନାନାସ୍ଥାନରେ ବିଲାତି ବସ୍ତ୍ର ପୋଡ଼ା ଯାଉଥାଏ । ଯୁବକ ସଭର୍କର୍ ହେଲେ ଏହି ଆନ୍ଦୋଳନର ଅନ୍ୟତମ ଅଗ୍ରଣୀ ।

କଲେଜ ଶିକ୍ଷା ଶେଷକରି ସଭର୍କର୍ ଆଇନ ଅଧ୍ୟୟନ ପାଇଁ ଗଲେ ଲଣ୍ଡନ । ସେଠାରେ ମଧ୍ୟ ସେ ଭାରତମାତାଙ୍କୁ ପରାଧୀନତା ଶୃଙ୍ଖଳରୁ ମୁକ୍ତ କରିବା ପାଇଁ ସ୍ୱପ୍ନ ଦେଖୁଥାନ୍ତି । ବିଲାତରେ ସଙ୍ଗଠନ ଆରମ୍ଭ କରି ସେ ଇଂରେଜ ସରକାରଙ୍କ ବିରୋଧରେ ଆନ୍ଦୋଳନ ଚଳାଇଲେ । ତେଣୁ ରାଜଦ୍ରୋହ ଅପରାଧରେ ତାଙ୍କୁ ବନ୍ଦୀ କରାଗଲା ପରେ ସେଦିନ ଜାହାଜରେ ତାଙ୍କୁ ଭାରତକୁ ଆଣି କୌଣସି କାରାଗାରକୁ ପଠାଯାଉଥିଲା ।

ବନ୍ଦୀ ଅବସ୍ଥାରେ ଜାହାଜରୁ ଫେରାର ହେବା ଅପରାଧ ଯୋଗୁଁ ପୁଣି ତାଙ୍କର ବିଚାର ହେଲା । ଏଥିପାଇଁ ତାଙ୍କ ପ୍ରତି ଅଧିକ କଠୋର ଦଣ୍ଡବିଧାନ କରାଗଲା । ବନ୍ଦୀଭାବେ ସାରା ଜୀବନ ଅତିବାହିତ କରିବା ପାଇଁ ତାଙ୍କୁ 'କଳାପାଣି' ପାରି କରାଇ ସୁଦୂର ଆଣ୍ଡାମାନ ଦ୍ୱୀପରେ ଥିବା ଜେଲକୁ ପଠାଇ ଦିଆଗଲା । ଆଣ୍ଡାମାନ ଦ୍ୱୀପ ବଙ୍ଗୋପସାଗର ମଧ୍ୟରେ ଅବସ୍ଥିତ ।

କଳାପାଣି ନାଆଁ ଶୁଣିଲେ ଅନେକ ବନ୍ଦୀଙ୍କ ହୃତ୍‌ସ୍ପନ୍ଦନ ବଢ଼ି ଯାଉଥାଏ । କାରଣ ସେଠାରେ ଜଳବାୟୁ ଥିଲା ଅତ୍ୟନ୍ତ ଅସ୍ୱାସ୍ଥ୍ୟକର । ବନ୍ଦୀମାନଙ୍କୁ ସେଠାରେ ବଳଦପରି ଘଣା ପେଲିବା କାର୍ଯ୍ୟରେ ବ୍ୟବହାର କରାଯାଉଥିଲା । କଠିନ ଶ୍ରମ କରିବାକୁ ଅସମ୍ମତ ହେଲେ ପିଠିରେ ବସୁଥିଲା ଚାବୁକ ପ୍ରହାର । ତୃଷା ମେଣ୍ଟାଇବା ପାଇଁ ଜଳ ମାଗିଲେ ମିଳୁଥିଲା ପ୍ରହାର । ଜଣେ ପ୍ରତ୍ୟହ ପନ୍ଦର ସେର ତେଲ ପେଡ଼ିବା ପାଇଁ କଠୋର ଆଇନ ହୋଇଥାଏ । ଟୋପାଏ ତେଲ କମ୍ ହେଲେ କାମରୁ ଛୁଟି ମିଳେ ନାହିଁ । ଟିକିଏ ଠିଆ ହୋଇଗଲେ ଠେଙ୍ଗେଣି ମାଡ଼ । ବନ୍ଦୀ ଆଖିରୁ ଲୁହ ଧାର ବୋହି ପଡୁଥିବ; ମାତ୍ର ପୋଛିବାକୁ ମନା ।



ଦୈନିକ ମାତ୍ର ଦୁଇ ଡାଟିଆ ଜଳ ପିଇବାକୁ ମିଳିବ । ଅଧିକ ଜଳ ପାନକଲେ ପ୍ରହାର ସହିବାକୁ ହେବ । ସ୍ନାନ ତ ସ୍ୱପ୍ନର କଥା । କଏଦୀ ଘଣା ପେଲୁଥିବା ବେଳେ ଯଦି ଭାଗ୍ୟକୁ ବର୍ଷା ହେଲା, ସେହି ବର୍ଷା ଜଳରେ ହିଁ ସେ ସ୍ନାନ କରିବ ।

ସଭରକର୍ 'କଳାପାଣି' ଦଣ୍ଡାଦେଶ ପାଇ ବହୁ ଦୁଃଖରେ ଆଣ୍ଡାମାନ ଦ୍ୱୀପରେ ଜୀବନଯାପନ କରୁଥା'ନ୍ତି । ଦିନେ ଘଣା ପେଲିସାରି ସେ ନିଜ କୋଠରିକୁ ପ୍ରତ୍ୟାବର୍ତ୍ତନ କରୁଛନ୍ତି, ହଠାତ୍ ତାଙ୍କର ଦୃଷ୍ଟି ପଡ଼ିଲା ଅନ୍ୟ ଜଣେ କଏଦୀଙ୍କ ଉପରେ । ଦୁହେଁ ପରସ୍ପରକୁ ଚାହିଁ କିଛି ସମୟ ମୂକ ଭଳି ଠିଆହୋଇ ରହିଲେ । ଦୁହିଙ୍କ ଚକ୍ଷୁରୁ ଅଶ୍ରୁଧାରା ଝରି ପଡୁଥାଏ । ଅନ୍ୟ କଏଦୀ ଜଣକ ସଭରକରଙ୍କୁ ଆଲିଙ୍ଗନ କରି କହିଲେ, ''ଆରେ ତାତ୍ୟା, ତୁ ଏଠାକୁ ଆସିଲୁ କିପରି ?''

କଏଦୀ ଜଣକ ଅନ୍ୟ କେହି ନୁହନ୍ତି, ନିଜର ଜ୍ୟେଷ୍ଠ ଭ୍ରାତା ଗଣେଶ । ତାତ୍ୟା ସଙ୍ଗେ ଏପରି ଆକସ୍ମିକ ଭାବରେ ତାଙ୍କର ସାକ୍ଷାତ ହେବ ବୋଲି ସେ କଦାପି ଭାବି ନ ଥିଲେ । ସେ ଭାବିଥିଲେ, ତାଙ୍କ ସାନଭାଇ ହୁଏତ ଲଣ୍ଡନ କିମ୍ବା ପ୍ୟାରିସ୍‌ରେ ଥିବ । ଦେଶର ସ୍ୱାଧୀନତା ପାଇଁ ସେ ନିଶ୍ଚୟ ସେଠାରେ ସଂଗ୍ରାମ ଚଳାଇଥିବ ।

ଅଧିକ କଥାବାର୍ତ୍ତା ପାଇଁ ସେଦିନ ପ୍ରହରୀ ସୁଯୋଗ ଦେଇ ନ ଥିଲା । ସେହି ଦ୍ୱୀପରେ ବହୁ ନିର୍ଯାତନା ମଧ୍ୟରେ ତାଙ୍କୁ ଦୀର୍ଘ ଦଶବର୍ଷ କାଳ ଅତିବାହିତ କରିବାକୁ ପଡ଼ିଥିଲା । ବନ୍ଦିଶାଳାରୁ ଦୁଇଭାଇ ଏକା ସାଙ୍ଗରେ ମୁକ୍ତିଲାଭ କଲେ ଏବଂ ଗୋଟିଏ ଜାହାଜରେ ଭାରତକୁ ପ୍ରତ୍ୟାବର୍ତ୍ତନ କଲେ ।

ଇଂରେଜ ସରକାରଙ୍କର ସଭରକରଙ୍କ ପ୍ରତି ଅତିଶୟ ଭୟ ଥାଏ । ମହାବଳବାନ୍ ସିଂହକୁ ପିଞ୍ଜରାମୁକ୍ତ କରି କିଏ ବା ନିଶ୍ଚିନ୍ତ ହୋଇ ରହିପାରିବ ? ବୀର ସଭରକରଙ୍କୁ ପୁନର୍ବାର ବନ୍ଦୀ କରାଗଲା । ତାଙ୍କୁ ବଙ୍ଗପ୍ରଦେଶର ଅଲିପୁର ଜେଲ୍‌କୁ ପଠାଯାଇ ସେଠାରେ ନଜରବନ୍ଦୀ ରୂପେ ରଖାଗଲା ।

ଏହାର ଷୋଳବର୍ଷ ପରେ ସରକାର ତାଙ୍କ ଉପରୁ କଟକଣା ଉଠାଇନେଲେ । ବୟସର ଆଧିକ୍ୟ ହେତୁ ସେ କ୍ଳାନ୍ତ ଓ ଅବସନ୍ନ ହୋଇ ପଡ଼ିଥିବେ ମନେକରି ଇଂରେଜ ସରକାର ତାଙ୍କୁ କାରାମୁକ୍ତ କରିଦେଇଥିଲେ । ମାତ୍ର ଏହି ଧାରଣାକୁ ଭୁଲ୍ ପ୍ରମାଣିତ କରି ମହାନ୍ ସଂଗ୍ରାମୀ ସଭରକର୍ ଦେଶସାରା ଭ୍ରମଣ କଲେ ଏବଂ ସଶସ୍ତ୍ର ସଂଗ୍ରାମ ପାଇଁ ଲୋକମାନଙ୍କୁ ଆହ୍ୱାନ କଲେ । ତେଣୁ ତାଙ୍କୁ ପୁନର୍ବାର କାରାଦଣ୍ଡ ଭୋଗ କରିବାକୁ ପଡ଼ିଥିଲା ।

ଦେଶ ପାଇଁ ଏହି ବରେଣ୍ୟ ବିପ୍ଳବୀଙ୍କ ମହନୀୟ ତ୍ୟାଗ ଅବିସ୍ମରଣୀୟ । ଦେଶର ସ୍ୱାଧୀନତା ପାଇଁ ତାଙ୍କୁ ସାରା ଜୀବନ ବିଦେଶୀ ସରକାରଙ୍କ ସହିତ ଲଢ଼ିବାକୁ ହୋଇଥିଲା । ଦେଶ ସ୍ୱାଧୀନ ହେଲା ପରେ ମଧ୍ୟ ସେ ଶାନ୍ତିଲାଭ କରିପାରିଲେ ନାହିଁ । କାରଣ ତାଙ୍କ ସ୍ୱପ୍ନର ଭାରତ ଦୁଇ ଭାଗ ହୋଇଯାଇଥିଲା । ଏହିଭଳି ଜଣେ ମହାନ ଦେଶପ୍ରେମୀ ବୀରଙ୍କର ଜୀବନଦୀପ ଲିଭିଗଲା ୧୯୬୬ ମସିହା ଫେବୃଆରୀ ମାସ ୩ ତାରିଖରେ । ମୃତ୍ୟୁବେଳକୁ ତାଙ୍କୁ ୮୩ ବର୍ଷ ବୟସ ହୋଇଥିଲା । ତାଙ୍କ ମୃତ୍ୟୁରେ ସମଗ୍ର ଦେଶରେ ଶୋକର ଛାୟା ଖେଳିଯାଇଥିଲା ।

**ରାମପ୍ରସାଦ ମହାନ୍ତି (୧୯୨୦)** – ପୁରୀଜିଲ୍ଲା ନିମାପଡ଼ା ଥାନା ଅନ୍ତର୍ଗତ କନ୍ତିଲୋ ଗ୍ରାମରେ ଜନ୍ମ । ସେ ଜଣେ ସ୍ୱାଧୀନତା ସଂଗ୍ରାମୀ । ତାଙ୍କ ରଚିତ ଶିଶୁସାହିତ୍ୟ ପୁସ୍ତକ 'ବଜାରେ ବାଜା' ପାଇଁ ସେ ଓଡ଼ିଶା ସାହିତ୍ୟ ଏକାଡେମୀ ଦ୍ୱାରା ପୁରସ୍କୃତ । ସେ ଅନେକ ଦିନ ଧରି ଶିଶୁ ପତ୍ରିକା 'ମୀନାବଜାର' ଓ 'ଶିଶୁଲେଖା'ର ସଂପାଦକ ଥିଲେ । 'ଲୁଲୁ ଆମ ପାରିବାର', 'ଦେଶପ୍ରେମୀ କଏଦୀର କାହାଣୀ' ଆଦି ଗଳ୍ପଗୁଡ଼ିକ ତାଙ୍କ ଦ୍ୱାରା ରଚିତ ।

ସୂଚନା :

କଳାପାଣି - ବଙ୍ଗୋପସାଗର ମଧ୍ୟରେ ଥିବା ଆଣ୍ଡାମାନ ଦ୍ୱୀପରେ ଯେଉଁଠି ଇଂରେଜ ସରକାର ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ବନ୍ଦୀକରି ରଖୁଥିଲେ ।

ମହାରାଣୀ ଭିକ୍ଟୋରିଆ - ବ୍ରିଟେନ୍‌ର ପୂର୍ବତନ ରାଣୀ ।

ସେର - ପରିମାଣ ସୂଚକ, ଯାହା ବର୍ତ୍ତମାନ ପ୍ରାୟତଃ ବ୍ୟବହାର କରାଯାଉନାହିଁ । ଏହାର ପରିମାଣ ପ୍ରାୟ ୯୩୦ ଗ୍ରାମ ।

**ଆସ ଜାଣିବା କେତୋଟି ନୂଆ ଶବ୍ଦ**

ତରଙ୍ଗାୟିତ, ଆଭାସ, ବଦ୍ଧପରିକର, କୃତସଂକଳ୍ପ, ସଂଲଗ୍ନ, ଓଜସ୍ୱିନୀ, ଅବିସ୍ମରଣୀୟ, ମୁକ୍ତିକାମୀ, ଉନ୍ମତ୍ତ

# ଅଭ୍ୟାସ

୧. ଉତ୍ତର କୁହ :

(କ) ସଭରକର୍ ବନ୍ଦୀହେବାର କାରଣ କ'ଣ ?

(ଖ) ଇଂରେଜ ସାମ୍ବାଦିକ ସଭରକରଙ୍କୁ କ'ଣ କହିଥିଲେ ?

(ଗ) ବିପ୍ଳବୀ ଯୁବକ ବୀରଦର୍ପରେ କି ଉତ୍ତର ଦେଇଥିଲେ ?

(ଘ) ଜାହାଜରୁ ଡେଇଁପଡ଼ିଥିବା କଏଦୀ ଜଣକ କିଏ ଥିଲେ ?

(ଙ) ସଭରକର୍ କେଉଁ ଦଳ ଗଠନ କରିଥିଲେ ?

(ଚ) ସମ୍ବାଦପତ୍ରରୁ ସଭରକରଙ୍କ ଭାଷଣ ପଢ଼ି ତିଳକ କ'ଣ କହିଥିଲେ ?

(ଛ) ସଭରକର୍ କାହିଁକି ଲଣ୍ଡନ ଯାଇଥିଲେ ?

(ଜ) ସଭରକର୍ ଆଣ୍ଡାମାନ ଜେଲ୍‌ରେ କେତେ ବର୍ଷ କଟାଇଥିଲେ ?

୨. ଉତ୍ତର ଲେଖ :

(କ) ବନ୍ଦୀ ନିଜ ଦେହରୁ ଜାମାଟି କାଢ଼ି ଦର୍ପଣ ଆଗରେ କାହିଁକି ଝୁଲେଇ ଦେଲେ ?

(ଖ) କେଉଁ ଉଦ୍ଦେଶ୍ୟରେ ସଭରକର୍ ଜାହାଜରୁ ସମୁଦ୍ରକୁ ଡେଇଁ ପଡ଼ିଥିଲେ ?

(ଗ) ମିତ୍ରମେଳାର ସଦସ୍ୟମାନେ ଭିକ୍‌ଟୋରିଆଙ୍କ ମୃତ୍ୟୁରେ ଶୋକଦିବସ ପାଳନ କଲେ ନାହିଁ କାହିଁକି ?

(ଘ) ସଭରକରଙ୍କୁ କେଉଁ କାରଣରୁ ଆଣ୍ଡାମାନ ପଠାଯାଇଥିଲା ?

(ଙ) ଅଣ୍ଡାମାନରେ କଏଦୀମାନଙ୍କୁ କିପରି ଦଣ୍ଡଭୋଗ କରିବାକୁ ପଡୁଥିଲା ?

(ଚ) ଜେଲ୍ ଯିବା ଗୌରବର କଥା ବୋଲି ସଭରକର୍ କାହିଁକି କହିଥିଲେ ?

(ଛ) ଶେଷ ଜୀବନରେ ମଧ୍ୟ ସଭରକର୍‌ଙ୍କୁ ଆଉଥରେ କାହିଁକି କାରାଦଣ୍ଡ ଭୋଗିବାକୁ ପଡ଼ିଥିଲା ?

(ଜ) ସ୍ୱାଧୀନତା ପରେ ଭାରତ ଦୁଇଭାଗ ହେବାରୁ କେଉଁ ନୂତନ ଦେଶଟି ସୃଷ୍ଟି ହେଲା ?

**୩. ନିମ୍ନଲିଖିତ ଉକ୍ତିଗୁଡ଼ିକୁ କିଏ କେତେବେଳେ କହିଛି ଲେଖ :**

(କ) ''ବିଲାତର ରାଣୀ ଭିକ୍ଟୋରିଆ ଆମ ଶତ୍ରୁଦେଶର ରାଣୀ । ଆମେ କାହିଁକି ତାଙ୍କ ବିୟୋଗରେ ଶୋକ ପାଳିବା ?''

(ଖ) "ଆରେ ତାତ୍ୟା, ତୁ ଏଠାକୁ ଆସିଲୁ କିପରି ?"

**୪. ସରଳ ଭାଷାରେ ବୁଝାଇ ଲେଖ :**

(କ) ମହାରାଷ୍ଟ୍ରରେ କ'ଣ ଶିବାଜୀ ପୁନର୍ଜନ୍ମ ଗ୍ରହଣ କଲେ !

(ଖ) ମହାବଳବାନ୍ ସିଂହକୁ ପିଞ୍ଜରାମୁକ୍ତ କରି କିଏ ବା ନିଶ୍ଚିନ୍ତହୋଇପାରିବ !

**୫. ନିମ୍ନରେ ଦିଆଯାଇଥିବା ପ୍ରତ୍ୟେକ ଶବ୍ଦକୁ ବ୍ୟବହାର କରି ବାକ୍ୟ ଗଠନ କର :**

କୃତସଂକଳ୍ପ, ଆହ୍ୱାନ, ପ୍ରତ୍ୟାବର୍ତ୍ତନ, ଅବିସ୍ମରଣୀୟ, ଉନ୍ମତ୍ତ, ଓଜସ୍ୱିନୀ, ଆଭାସ ।

**୬. ନିମ୍ନରେ କେତୋଟି ଶବ୍ଦ ଦିଆଯାଇଛି । ସେଗୁଡ଼ିକର ଡାହାଣ ପାଖରେ 'ରତ' ଶବ୍ଦ ଯୋଗକରି ନୂଆ ଶବ୍ଦ ଲେଖ ଓ ସେଇ ନୂଆ ଶବ୍ଦକୁ ବ୍ୟବହାର କରି ଗୋଟିଏ ଗୋଟିଏ ବାକ୍ୟ ଗଠନ କର :**

ସଂଗ୍ରାମ, କାର୍ଯ୍ୟ, ଅଧ୍ୟୟନ, ସାଧନା

**୭. ନିମ୍ନ ଗଦ୍ୟାଂଶରେ ଥିବା ଭିନ୍ନ ଭିନ୍ନ ମାତ୍ରା ଓ ଫଳାଗୁଡ଼ିକୁ ଚିହ୍ନଟ କର :**

୧୯୦୧ ମସିହାରେ ଯେତେବେଳେ ବିଲାତର ରାଣୀ ଭିକ୍ଟୋରିଆଙ୍କ ମୃତ୍ୟୁହେଲା, ଭାରତରେ ସର୍ବତ୍ର ଶୋକ ପାଳିତହେଲା କିନ୍ତୁ, ମିତ୍ରମେଳାର ସଦସ୍ୟମାନେ ଶୋକଦିବସ ପାଳିଲେ ନାହିଁ । ସଭରକର୍ ଗୋଟିଏ ବୈଠକ ଡାକି ସେଥିରେ ଓଜସ୍ୱିନୀ ଭାଷଣ ଦେଲେ । ସେ କହିଲେ, ବିଲାତର ରାଣୀ ଭିକ୍ଟୋରିଆ ଆମ ଶତ୍ରୁଦେଶର ରାଣୀ ଆମେ କାହିଁକି ତାଙ୍କ ବିୟୋଗରେ ଶୋକ ପାଳିବା ?

୮. 'ଲୋକମାନେ ଶୋକ ପାଳନ କଲେ ।' ଏହି ବାକ୍ୟକୁ ଭବିଷ୍ୟତ କାଳରେ ପରିବର୍ତ୍ତନ କଲେ ହେବ - 'ଲୋକମାନେ ଶୋକ ପାଳନ କରିବେ ।' ସେହିପରି ନିମ୍ନଲିଖିତ ବାକ୍ୟଗୁଡ଼ିକୁ ଭବିଷ୍ୟତ କାଳରେ ପରିବର୍ତ୍ତନ କରି ଲେଖ :

(କ) ସିପାହୀମାନେ ତାଙ୍କ ପାଖରେ ପହଞ୍ଚିଗଲେ ।

(ଖ) ସରକାର ତାଙ୍କ ଉପରୁ କଟକଣା ଉଠାଇନେଲେ ।

(ଗ) ରାଜଦ୍ରୋହ ଅପରାଧରେ ତାଙ୍କୁ ବନ୍ଦୀ କରାଗଲା ।

(ଘ) ସେ ଭାରତକୁ ପ୍ରତ୍ୟାବର୍ତ୍ତନ କଲେ ।

୯. 'ବଳ' ଶବ୍ଦରେ 'ବାନ୍' ଲଗାଇଲେ 'ବଳବାନ୍' ହେବ । ସେହିପରି ନିମ୍ନଲିଖିତ ଶବ୍ଦରେ 'ବାନ୍' ଲଗାଇ ନୂଆ ଶବ୍ଦ ଲେଖ ।

ଧନ, ମୂଲ୍ୟ , ଜ୍ଞାନ, ଶ୍ରଦ୍ଧା, ନ୍ୟାୟ

୧୦. ''କଳାପାଣି ନାଆଁ ଶୁଣିଲେ ଅନେକ ବନ୍ଦୀଙ୍କ ........... ସେ ସ୍ଥାନ କରିବ ।''

ପାଠର ଏହି ଅନୁଚ୍ଛେଦଟି ପଢ଼ । ଏପରି ପ୍ରଶ୍ନଗୁଡ଼ିଏ ତିଆରି କର, ଯେଉଁଗୁଡ଼ିକର ଉତ୍ତର ସେହି ଅନୁଚ୍ଛେଦରୁ ହିଁ ମିଳିବ ।

୧୧. ଯେପରି – ଉଚ୍ଚ ଉଚ୍ଚତର ଉଚ୍ଚତମ

ସେହିପରି ତଳ ଶବ୍ଦଗୁଡ଼ିକ କ'ଣ ହେବ ଲେଖ :

କ୍ଷୁଦ୍ର, ପ୍ରିୟ, ଲଘୁ

୧୨. 'ମହାରାଣୀ' ଶବ୍ଦକୁ ପୁଂଲିଙ୍ଗରେ ଲେଖିଲେ ହେବ 'ମହାରାଜା' । ସେହିପରି ନିମ୍ନଲିଖିତ ଶବ୍ଦଗୁଡ଼ିକର ପୁଂଲିଙ୍ଗ ରୂପ କ'ଣ ହେବ ଲେଖ :

ସାହେବାଣୀ, ମୂଲିଆଣୀ, ସମୁଦୁଣୀ, ବାଘୁଣୀ, ଭିକାରୁଣୀ

**୧୩. ତଳଲିଖିତ ଶବ୍ଦଗୁଡ଼ିକୁ ବ୍ୟବହାର କରି ସଭରକରଙ୍କ ସଂପର୍କରେ ଅନୁଚ୍ଛେଦଟିଏ ଲେଖ :**

ଓଜସ୍ୱିନୀ, ବହିଷ୍କାର, କ୍ଷୁବ୍ଧ, ସ୍ୱଦେଶ, ଆହ୍ୱାନ

## ତୁମ ପାଇଁ କାମ

୧. ସ୍ୱାଧୀନତା ସଂଗ୍ରାମରେ ଯୋଗ ଦେଇଥିବା କିଛି ବିପ୍ଳବୀଙ୍କର ଏକ ତାଲିକା ପ୍ରସ୍ତୁତ କର ।

୨. ବାଳଗଙ୍ଗାଧର ତିଳକଙ୍କର ଜୀବନୀ ସଂଗ୍ରହ କରି ପଢ଼ ।

୩. ସଭରକରଙ୍କ ଜୀବନୀ ସଂଗ୍ରହ କରି ପଢ଼ ।

CPHLJB


# କିଏ ଭାସେ, କିଏ ବୁଡ଼େ

ଡ. କୁଳମଣି ସାମଲ

ଆମ ସହରକୁ ଥରେ ଗୋଟିଏ ଯାତ୍ରାଦଳ ଆସିଥିଲେ । ସେମାନେ ଭଲଭଲ ନାଟକ ଅଭିନୟ କରୁଥିଲେ । କେଉଁ ରାତିରେ କି ନାଟକ ଅଭିନୀତ ହେବ, ସେକଥା ସେମାନେ ଆଗରୁ ଘୋଷଣା କରିଦିଅନ୍ତି । ସକାଳୁ ଦୁଇଜଣ ଲୋକ ଡାକବାଜି ଯନ୍ତ୍ର ଧରି ରିକ୍ସାରେ ବୁଲିବୁଲି ଖୁବ୍ ସୁନ୍ଦର ସ୍ୱରରେ ପ୍ରଚାର କରନ୍ତି, ''ଭାଇ ଓ ଭଉଣୀମାନେ, ଦେଖିବାକୁ ଭୁଲନ୍ତୁ ନାହିଁ, ଆଜି ରାତିରେ ଆମର ଅମୁକ ନାଟକ ଅଭିନୀତ ହେବ । ଏଥିରେ ବଛାବଛା ଅଭିନେତା ଓ ଅଭିନେତ୍ରୀମାନେ ଅଭିନୟ କରିବେ ।''

ଦିନେ ସେମାନେ ପ୍ରଚାର କଲେ ପୂରାପୂରି ଗୋଟିଏ ନୂଆ ଧରଣର ନାଟକ କଥା । ସେଇଟି ହେଉଛି 'ଭାସିଲା ପଥର ବୁଡ଼ିଲା ସୋଲ' । ସେମାନେ କହୁଥାନ୍ତି ''ସମ୍ପୂର୍ଣ୍ଣ ଏକ ନୂଆ ଧରଣର ନାଟକ । ମନକୁ ଚମକେଇ ଦେବ । ଥରେ ଦେଖିଲେ ଜୀବନସାରା ଭୁଲିହେବ ନାହିଁ ।''

ସତକଥା, ନାଟକର ନାଆଁ ଯିଏ ଶୁଣିଲା, ସେ ଆଶ୍ଚର୍ଯ୍ୟାନ୍ୱିତ ହେଲା । ଏ କି ବିପରୀତ କଥା ! ପଥର ବୁଡ଼େ, ସୋଲ ଭାସେ, ଏକଥା ବା କିଏ ନ ଜାଣେ ? ହେଲେ ଏ ଯାତ୍ରାଦଳ କହୁଛନ୍ତି, ସମ୍ପୂର୍ଣ୍ଣ ବିପରୀତ କଥା !



ଲୋକମାନଙ୍କର କୌତୂହଳ ବଢ଼ିଲା ଏଭଳି ନାଟକଟିଏ ଦେଖିବା ପାଇଁ । ସନ୍ଧ୍ୟାବେଳେ ଯାତ୍ରା-ପଡ଼ିଆରେ ପ୍ରବଳ ଜନଗହଳି । କେତେଆଡୁ ଲୋକ ଆସି ଭିଡ଼ ଜମାଇଲେ ଯାତ୍ରା ଦେଖିବା ପାଇଁ । ସେମାନେ ଟିକେଟ କାଟି ଭିତରେ ପଶିଲେ । କିଛି ପୁଲିସ ଲୋକ ବାହାରେ ଜଗିରହି ଥାଆନ୍ତି ଶାନ୍ତିଶୃଙ୍ଖଳା ରକ୍ଷାକରିବା ପାଇଁ, ମାତ୍ର ନାଟକ ଶେଷରେ ଲୋକମାନେ ନିରାଶ ହେଲେ । କାରଣ ଯାତ୍ରାରେ ପଥର ନ ଥିଲା କି ସୋଲ ନ ଥିଲା, ପାଣି ବି ନ ଥିଲା । ନିତିଦିନିଆ ଘଟଣା ପରି ନାଟକର ବିଷୟବସ୍ତୁ । ଅଧିକ ଥିଲା ଦୁଇଜଣଙ୍କ ମଧ୍ୟରେ ଲଢ଼େଇ । ଠେଲାଠେଲି, ଗଡ଼ାଗଡ଼ି, ମୁଥ ମରାମରି ଇତ୍ୟାଦି । ବିଚରା ଯେଉଁ ଲୋକଟି ଥିଲା ନିରୀହ ଓ ନିର୍ଦ୍ଦୋଷ ତାକୁ ପୋଲିସ ଭୁଲ୍‌ରେ ଧରି ନେଇଗଲା । ଅପର ପକ୍ଷରେ ଯିଏ ସବୁଠାରୁ ଅଧିକ ଦୁଷ୍ଟ ଥିଲା, ଗୁଣ୍ଡାମି କରୁଥିଲା, ସିଏ କିଛି ଦଣ୍ଡ ନପାଇ ନିଶ ଫୁଲାଇ ଚାଲିଗଲା । ଲୋକମାନେ କୁହାକୁହି ହେଉଥାଆନ୍ତି, ''ଆହା, କଥାଟା ଓଲଟା ହୋଇଗଲା । ବିଚରା ନିରୀହ ଲୋକଟା ଦୁଃଖରେ ବୁଡ଼ିଗଲା; ଅଥଚ ଦୁଷ୍ଟ ଓ ଗୁଣ୍ଡା ସ୍ୱଭାବର ଲୋକଟା ଖୁସିରେ ଭାସିଲା । ଏଇଟା କିଛି ଭଲକଥା ହେଲା ନାହିଁ ।''

ଅଜାଙ୍କ ସାଙ୍ଗରେ ନାଟକ ଦେଖିବାକୁ ଯାଇଥିଲା ମୁନା । ସେ ଭାସିବା ବୁଡ଼ିବା କଥା କିଛି ବୁଝିପାରିଲା ନାହିଁ । ସେ ପଚାରିଲା, ''ଅଜା, କିଏ ଭାସେ, କିଏ ବୁଡ଼େ ?'' ଅଜା ଚଟ୍‌କରି କହିଲେ ''ଏତିକି ଜାଣିନୁ ? ପଥର ପାଣିରେ ବୁଡ଼େ, ସୋଲ ଭାସେ ।''

ମୁନା ଛାଡ଼ିଲା ନାହିଁ । ପଚାରିଲା ''ପଥର କାହିଁକି ବୁଡ଼େ, ସୋଲ କାହିଁକି ଭାସେ ?''

ଅଜା ହସିକରି କହିଲେ, ''ଆରେ ହୁଣ୍ଡା, ପଥର ଓଜନିଆ, ତେଣୁ ସେ ବୁଡ଼ିଯାଏ । ସୋଲ ହାଲୁକା, ତେଣୁ ସେ ଭାସେ । ଏ ତ ବିଜ୍ଞାନ ପାଠ ।''


ମୁନା ପଚାରିଲା, ''ଆଚ୍ଛା, କିଲେ ଓଜନର ଖଣ୍ଡେ ଲୁହା ବେଶି ଓଜନିଆ ନା ଦୁଇକିଲୋ ଓଜନର ବିଡ଼ାଏ ସୋଲ ବେଶି ଓଜନିଆ ?''

ଅଜା କହିଲେ, ''ଦୁଇ କିଲୋ ଓଜନର ସୋଲ ବିଡ଼ାଟା ତ ଅଧିକ ଓଜନିଆ ହେବା କଥା ।''

ମୁନା କହିଲା, ''ତା'ହେଲେ ତ ଦୁଇକିଲୋ ଓଜନର ସୋଲ ବିଡ଼ାଟା ବୁଡ଼ିଯିବ, କିଲେ ଓଜନର ଲୁହାଖଣ୍ଡଟା ଭାସିବ ।'' ଅଜା ଏଥର ହଡ଼ବଡ଼େଇ ଗଲେ । ଭାବିଲେ ନାତି ଟୋକାଟା ତ ମହା ଅଡୁଆରେ ପକାଇଲା । ଦି'କିଲୋ ସୋଲତ ଅଧିକ ଓଜନିଆ । ସୋଲ କ'ଣ ବୁଡ଼ିବ ? ଅଜା ଟିକିଏ ଭାବିକରି କହିଲେ, ''ତୁ ଭଲ କଥାଟିଏ ପଚାରିଛୁ । ଶୁଣ, ଅସଲକଥା ହେଉଛି, ପାଣିଠାରୁ ଯେଉଁ ଜିନିଷ ହାଲୁକା ସେ ଭାସିବ । ଯିଏ ଓଜନିଆ ସେ ବୁଡ଼ିବ । ଏଥିରେ କହିବାର କଅଣ ଅଛି ?''

ମୁନା କିନ୍ତୁ ଛାଡ଼ିବା ପିଲା ନୁହେଁ । ସେ କହିଲା, ''ନାହିଁମ ଅଜା, କେତେ ପରିମାଣର ଲୁହା ବା ସୋଲକୁ କେତେ ପରିମାଣର ପାଣି ଦରକାର, ସେକଥା ନ କହିଲେ, କିଏ ଓଜନିଆ, କିଏ ହାଲୁକା ଜାଣିହେବ କେମିତି ?''

ଅଜା ଏଥର ଚିଡ଼ି ଉଠିଲେ । ଟୋକାଟା ଆଚ୍ଛା ବିଜ୍ଞାନ ପାଠ ପଢ଼ିଛି । ସବୁକଥାକୁ ଏମିତି ନିଠେଇ କରି ଧରୁଛି । ଆଜିକାଲି ପିଲାଙ୍କର ଲକ୍ଷଣ ହେଉଛି ଏଇଆ । ବିନା ଯୁକ୍ତି ଓ ବିନା ପ୍ରମାଣରେ କିଛି କଥାକୁ ସତ୍ୟ ବୋଲି ମାନିନେବାକୁ ପ୍ରସ୍ତୁତ ନୁହନ୍ତି । ଆଗକାଳରେ ଲୋକମାନେ ଥିଲେ ଟିକିଏ ଅନ୍ଧବିଶ୍ୱାସୀ, ଯାହା ଗୋଟିଏ ଶୁଣିଦେଲେ ନ ବୁଝି, ନ ସୁଝି ସତ ବୋଲି ମାନି ନେଉଥିଲେ । ଇଏ ପରା ହେଉଛି ବିଜ୍ଞାନଯୁଗ । ସେକଥା ଆଉ ଚଳିବ ନାହିଁ । ଅଜା ଟିକିଏ ଚିନ୍ତାକଲେ, କ'ଣ କହି ଟୋକାଟାକୁ ବୁଝାଇବେ । ମନେପଡ଼ିଗଲା ବୈଜ୍ଞାନିକ ଆର୍କିମିଡିସ୍‌ଙ୍କ କଥା । ସେ ମୁନାକୁ କହିଲେ, "ଆଜିକୁ ଦୁଇହଜାର ବର୍ଷରୁ ଅଧିକ କାଳ ପୂର୍ବେ ଇଟାଲୀ ଦେଶରେ ଜଣେ ବୈଜ୍ଞାନିକ ଥିଲେ, ତାଙ୍କ ନାମ ଆର୍କିମିଡିସ୍ ।" ସେ ଥରେ ଗାଧୁଆଘରକୁ ଗଲେ । ଦେହରୁ ସବୁଯାକ ଲୁଗା ଖୋଲିଦେଇ ଗାଧୁଆକୁଣ୍ଡରେ ପଶିଲେ । ଖୁବ୍ ବଡ଼ କୁଣ୍ଡ । ସେଥିରେ ପାଣି ଭର୍ତ୍ତି ହୋଇଥାଏ । କୁଣ୍ଡରେ ପ୍ରବେଶ କରିବା ମାତ୍ରେ ସେଥିରୁ କିଛି ପାଣି ଉଛୁଳି ବାହାରକୁ ଚାଲିଗଲା । ସେ କୁଣ୍ଡ ଭିତରେ ବସିଥିବାବେଳେ



ଅନୁଭବ କଲେ, କେହି ଯେପରି ତାଙ୍କୁ ଉପରକୁ ଠେଲି ଦେଉଛି । ସେ ହଠାତ୍ ବିଜ୍ଞାନର ଗୋଟିଏ ନୂତନ ସତ୍ୟ ପାଇଗଲେ ବୋଲି ଜାଣିପାରିଲେ । ସେ କୁଣ୍ଡରୁ ଉଠିପଡ଼ି 'ଇଉରେକା, ଇଉରେକା' ବୋଲି ଚିତ୍କାର କରି ଦାଣ୍ଡରେ ଧାଇଁଲେ । ଗ୍ରୀକ୍ ଭାଷାରେ 'ଇଉରେକା' ଶବ୍ଦର ଅର୍ଥ ହେଉଛି 'ମୁଁ ପାଇଗଲି' । ସେ ଏତେ ଖୁସି ହୋଇଯାଇଥିଲେ ଯେ ଲୁଗା ପିନ୍ଧିବାକୁ ମଧ୍ୟ ଭୁଲି ଯାଇଥିଲେ । ଆର୍କିମିଡିସ୍‌ଙ୍କ ଭଳି ଜଣେ ବୈଜ୍ଞାନିକ ମଝିଦାଣ୍ଡରେ ଉଲଗ୍ନ ଅବସ୍ଥାରେ 'ଇଉରେକା' 'ଇଉରେକା' କହି ଧାଉଁଥିବାର ଦେଖି ଲୋକମାନେ ଭାବିଲେ ସେ ବୋଧେ ପାଗଳ ହୋଇଯାଇଛନ୍ତି ।"

ଆର୍କିମିଡିସ୍ ପ୍ରକୃତରେ ପାଗଳ ହୋଇ ନଥିଲେ । ବହୁଦିନ ଧରି ସେ ଖୋଜୁଥିବା ବିଜ୍ଞାନର ଗୋଟିଏ ତତ୍ତ୍ୱ ହଠାତ୍ ପାଇଯିବାରୁ ଖୁସିରେ ଏଭଳି ବିହ୍ୱଳ ହୋଇଯାଇଥିଲେ ଯେ ଗାଧୋଇ ସାରିବା ପରେ ଲୁଗା ପିନ୍ଧିବାକୁ ଭୁଲି ଯାଇଥିଲେ । ଲୋକେ ତେଣୁ ତାଙ୍କୁ ପାଗଳ ବୋଲି ଭାବିଥିଲେ । ଆର୍କିମିଡିସ୍‌ଙ୍କୁ ସେ ଦେଶର ରାଜା ଖୁବ୍ ଆଦର ସମ୍ମାନ କରୁଥିଲେ । ରାଜା ଥରେ ନିଜ ପାଇଁ ଏକ ସୁନାର ମୁକୁଟ ତିଆରି କରାଇଥିଲେ । ମୁକୁଟଟି ଖାଣ୍ଟି ସୁନାର କିମ୍ବା କାରିଗର ସେଥିରେ କିଛି ନକଲି ସୁନା ମିଶାଇଛି, ତାହା ଜାଣିବାକୁ ଋହିଁଥିଲେ । ମୁକୁଟଟିକୁ ନ ଭାଙ୍ଗି କିମ୍ବା ନିଆଁରେ ନ ତରଳାଇ ଏକଥାଟି କିପରି ଜାଣିହେବ ସେ ଦାୟିତ୍ୱ ଆର୍କିମିଡିସ୍‌ଙ୍କୁ ଦିଆଯାଇଥିଲା । ଆର୍କିମେଡିସ୍ ଏଥିପାଇଁ ବହୁଦିନ ଧରି ଖୁବ୍ ଚିନ୍ତାରେ ଥିଲେ । ସେଦିନ ଗାଧୁଆକୁଣ୍ଡରେ ହଠାତ୍ ଏ ସୂତ୍ରଟି ତାଙ୍କୁ ମିଳିଯାଇ ଥିଲା ।

ମୁନା ସେତେବେଳକୁ ବ୍ୟସ୍ତ ହୋଇ ପଡ଼ିଲାଣି । ଅଜା କୁଆଡ଼ କଥାକୁ ନେଇ କୁଆଡ଼େ ଉଠାଇଲେଣି । ଭାସିବା ବୁଡ଼ିବା କଥାରୁ କୋଉ ପୁରୁଣା କାଳର ଜଣେ ରାଜାଙ୍କର ସୁନା ମୁକୁଟ ପରୀକ୍ଷା କଥା ଉଠିଲାଣି ।

ଅଜା ପୁଣି ଆରମ୍ଭ କଲେ, ''ଶୁଣ୍, ତୁ ଯେଉଁ ପ୍ରଶ୍ନ ପଋରିଥିଲୁ ତାଆରି ଉତ୍ତର ଦେବା ପାଇଁ ମୁଁ ଏତେକଥା କହୁଛି । ପାଣିରେ କୌଣସି ଗୋଟିଏ ପଦାର୍ଥ ବୁଡ଼ାଇଲେ, ପାଣି ତାକୁ ଉପରକୁ ଠେଲେ । ତେଣୁ ତାର ଓଜନ କମିଗଲା ପରି ଲାଗେ । ଏବେ ତୁ ଭାବିଥିବୁ ପାଣି ତାକୁ କେତେ ଜୋରରେ ଠେଲେ ଏବଂ ସେଇ ପଦାର୍ଥର ଓଜନ କେତେ କମେ । ଆର୍କିମିଡ଼ିସ୍‌ଙ୍କୁ ସେଦିନ ଏଇ ସୂତ୍ରଟି ମିଳିଯାଇଥିଲା । ବସ୍ତୁଟି ପାଣି ଭିତରେ ଯେତିକି ସ୍ଥାନ ଦଖଲ କରେ, ସେହି ସ୍ଥାନରେ ଥିବା ପାଣିକୁ ଓଜନ କଲେ ଯେତିକି ହେବ, ବସ୍ତୁର ଓଜନ ସେତିକି କମେ । ଫଳରେ ମନେହୁଏ ବସ୍ତୁଟିକୁ ଯେପରି ସେତିକି ବଳରେ କିଏ ଉପରକୁ ଠେଲୁଛି ।

"କେବଳ ପାଣିର ନୁହେଁ, ଯେକୌଣସି ତରଳ ପଦାର୍ଥର ଏଭଳି ଗୁଣ ଅଛି । ତୁ ଜାଣୁ, ଖଣ୍ଡେ ଲୁହାକୁ ପାଣିରେ ପକାଇଲେ ତାହା ବୁଡ଼ିଯିବ; କିନ୍ତୁ ତରଳ ପାରଦରେ ତାହା ଭାସିବ । କାରଣ, ଲୁହା ପାଣିରେ ବୁଡ଼ିଲେ ଯେତେ ପାଣି ଉଛୁଳାଇ ଥାଏ ସେଇ ପାଣିର ଓଜନ ଲୁହାଠାରୁ କମ୍ । ପାଣିର ଠେଲାବଳ ଲୁହାର ଓଜନ ଠାରୁ କମ୍ ହେବାରୁ ତାହା ତଳକୁ ବୁଡ଼ିଯାଏ; କିନ୍ତୁ ଲୁହା ଖଣ୍ଡକ ଯେତିକି ପରିମାଣର ତରଳ ପାରଦକୁ ଉଛୁଳାଇ ଦିଏ , ତାହାର ଓଜନ ସେଇ ଲୁହା ଖଣ୍ଡକଠାରୁ ବେଶି । ଫଳରେ ପାରଦର ଠେଲାବଳ ଲୁହା ଖଣ୍ଡିକର ଓଜନଠାରୁ ବେଶି ହେବାରୁ ଲୁହାଖଣ୍ଡିକ ବୁଡ଼ି ନଯାଇ ଭାସେ ।"

ଅଜା ଆଉ କଅଣ କହିବାକୁ ଯାଉଥିଲେ, ମୁନା କହିଲା, ''ଅଜା, ମୁଁ ଏବେ ମୋଟାମୋଟି ବୁଝିଗଲି ଯେ ଯେଉଁ ବସ୍ତୁ ତା ସମାନ ଆୟତନର ଜଳ ବା ସେଇଭଳି କୌଣସି ତରଳ ପଦାର୍ଥଠାରୁ ଅଧିକ ଓଜନିଆ ତାହା ବୁଡ଼ିଯିବ, କମ୍ ଓଜନ ବା

ହାଲୁକା ହେଲେ ଭାସିବ। ପଥର ଭିତରେ ଫମ୍ପା ଜାଗା ରହିଲେ ତାହା ଭାସିବ, ସୋଲ ଭିତରେ ଲୁହାଖଣ୍ଡେ ରଖିଦେଲେ ବୁଡ଼ିଯିବ।''

ଅଜା କହିଲେ, ''ସାବାସ୍, ଏବେ କଥାଟା ବୁଝିଗଲୁ ତ !''

ମୁନା କହିଲା, '' ଅଜା, ରାଜାଙ୍କର ମୁକୁଟ ପରୀକ୍ଷା କଥାଟା ପୁଣି କିପରି କରାଗଲା ସେକଥା ତ କହିଲ ନାହିଁ ?''

ଅଜା କହିଲେ, ''ତୁ ଛାଡ଼ିବୁ ନାହିଁ ଦେଖୁଛି । ଆର୍କିମିଡିସ୍ ଖାଲି ଜଣେ ବଡ଼ ବୈଜ୍ଞାନିକ ନ ଥିଲେ, ସେ ଜଣେ ଗଣିତଜ୍ଞ ମଧ୍ୟ ଥିଲେ। ଗାଧୁଆଘର ପାଣିକୁଣ୍ଡରୁ ସେ ବିଜ୍ଞାନର ଯେଉଁ ତଥ୍ୟଟି ପାଇଥିଲେ, ସେଇ ତଥ୍ୟକୁ ପ୍ରୟୋଗ କରି ରାଜାଙ୍କର ମୁକୁଟ ଖାଣ୍ଟି ସୁନାରେ ତିଆରି କି ନାହିଁ ଜାଣି ପାରିଲେ। ସେ ପ୍ରଥମେ ଗୋଟିଏ ପାତ୍ରରେ ପାଣି ପୂର୍ଣ୍ଣକରି ସେଥିରେ ମୁକୁଟଟିକୁ ବୁଡ଼ାଇଦେଲେ। ପାତ୍ରରୁ ଯେତିକି ପାଣି ବାହାରକୁ ଉଛୁଳି ଆସିଲା, ତାକୁ ଅଲଗା ନେଇ ଓଜନ କଲେ। ତା'ପରେ ମୁକୁଟଟିକୁ କାଢ଼ି ନେଇ ପାତ୍ରଟିରେ ପୁଣି ଥରେ ପାଣି ପୂର୍ଣ୍ଣକଲେ। ଏଥର ମୁକୁଟ ଓଜନର ଖାଣ୍ଟି ସୁନା ଆଣି ସେଇ ପାତ୍ରରେ ବୁଡ଼ାଇଲେ। ଖାଣ୍ଟିସୁନା ପାତ୍ରରେ ବୁଡ଼ିଯିବା ଫଳରେ କିଛି ପାଣି ବାହାରକୁ ଉଛୁଳିଗଲା। ଏଥର ତାକୁ ନେଇ ଓଜନ କଲେ। ଦୁଇଥର ଉଛୁଳିଥିବା ପାଣିର ଓଜନ ଯଦି ସମାନ ହେଲା, ତେବେ ଜାଣିଯିବ ଯେ ମୁକୁଟଟି ଖାଣ୍ଟି ସୁନାରେ ତିଆରି। ସେଥିରୁ ଯଦି କମ୍ କିମ୍ବା ବେଶି ହେଲା, ତେବେ ମୁକୁଟରେ ଖାଣ୍ଟିସୁନା ବଦଳରେ କିଛି ନକଲି ଜିନିଷ ମିଶିଛି ବୋଲି ବୁଝାଯିବ।''

ମୁନା ଖୁସିରେ ତାଳିମାରି କହିଲା, ''ବଢ଼ିଆ ବଢ଼ିଆ।'' ଗୋଟିଏ ଛୋଟିଆ ଘଟଣାରୁ କେମିତି ବିଜ୍ଞାନର ଏଡ଼େବଡ଼ ତଥ୍ୟଟିଏ ମିଳିଗଲା !''

ଅଜା କାହାଣୀଟିକୁ ଶେଷ କରିବାକୁ ଯାଇ କହିଲେ, ''ମାନବ ଜଗତକୁ ଏଭଳି ଏକ ମୂଲ୍ୟବାନ ତଥ୍ୟ ଦେଇଥିବା ବୈଜ୍ଞାନିକ ଆର୍କିମିଡିସ୍ ଇଟାଲୀର ସିସିଲି ଦ୍ୱୀପ ଅନ୍ତର୍ଗତ ସିରାକ୍ୟୁଜ୍ ନାମକ ସହରରେ ଖ୍ରୀ.ପୂ. ୨୮୭ରେ ଜନ୍ମଗ୍ରହଣ କରିଥିଲେ ଓ ଖ୍ରୀ:ପୂ: ୨୧୨ ରେ ତାଙ୍କର ମୃତ୍ୟୁ ହୋଇଥିଲା। ରାଜାଙ୍କର ସେ ଖୁବ୍ ପ୍ରିୟପାତ୍ର ଥିଲେ। ସେତେବେଳେ ସିରାକ୍ୟୁଜ୍‌ର ରାଜାଙ୍କ ସହିତ ରୋମୀୟମାନଙ୍କର ବରାବର ଯୁଦ୍ଧ ହେଉଥିଲା। ରୋମୀୟ ସୈନ୍ୟମାନେ ଥରେ ସିରାକ୍ୟୁଜ୍ ସହର ଦଖଲ କଲାବେଳେ ଆର୍କିମିଡିସ୍‌ଙ୍କୁ ମଝିରାସ୍ତାରେ ବସି ବାଲିରେ ଗାରଟାଣି କ'ଣ ଗୋଟିଏ ଅଙ୍କ କଷୁଥିଲେ। ରୋମୀୟମାନେ ଚିହ୍ନି ନପାରି ଭୁଲ୍‌ରେ ତାଙ୍କୁ ହତ୍ୟା କଲେ। ଏକଥା ଜଣାପଡ଼ିବା ପରେ ସେମାନେ ଖୁବ୍ ଅନୁତାପ କରିଥିଲେ। କାରଣ ସେମାନେ ଆର୍କିମିଡିସ୍‌ଙ୍କୁ ଆଗରୁ ଦେଖି ନଥିଲେ ମଧ୍ୟ ତାଙ୍କ ନାଆଁ ଶୁଣିଥିଲେ। ଶତ୍ରୁସୈନ୍ୟ ହେଲେ ମଧ୍ୟ ଏଭଳି ଜଣେ ପ୍ରତିଭାବାନ ବୈଜ୍ଞାନିକଙ୍କ ପାଖରେ ସେମାନଙ୍କ ମୁଣ୍ଡ ନଇଁଗଲା। ତାଙ୍କ ଉଦ୍ଦେଶ୍ୟରେ ଭକ୍ତି ଓ ସମ୍ମାନ ଜଣାଇ ଶବକୁ ନେଇ ସମାଧି ଦେଲେ। ସେ କଷୁଥିବା ଅଙ୍କର ଚିତ୍ରଟିକୁ ସମାଧି ଉପରେ ଆଙ୍କି ଦିଆଗଲା।

ଡ. କୁଳମଣି ସାମଲ (୧୯୨୯) - କଟକ ଜିଲ୍ଲାର ନୃତାଙ୍ଗ ଗ୍ରାମରେ ଜନ୍ମ । ଜଣେ ଲୋକପ୍ରିୟ ବିଜ୍ଞାନ ଲେଖକ ଭାବରେ ସେ ପରିଚିତ । ବିଜ୍ଞାନ ସାହିତ୍ୟ ପାଇଁ ସେ ଓଡ଼ିଶା ବିଜ୍ଞାନ ଏକାଡ଼େମୀ ଓ ଉତ୍କଳ ସାହିତ୍ୟ ସମାଜ ତରଫରୁ ପୁରସ୍କୃତ ହୋଇଛନ୍ତି । ବୁର୍ଲା ଇଞ୍ଜିନିୟରିଂ କଲେଜର ପଦାର୍ଥ ବିଜ୍ଞାନ ବିଭାଗରେ ପ୍ରଫେସର ଭାବରେ କାର୍ଯ୍ୟକରି ଅବସର ନେଇଛନ୍ତି । ତାଙ୍କ ଲିଖିତ ଲୋକପ୍ରିୟ ବିଜ୍ଞାନ ପୁସ୍ତକଗୁଡ଼ିକ ମଧ୍ୟରେ 'ମହାକାଶର ଆହ୍ୱାନ', 'ଆଇମା କାହାଣୀ ନୁହେଁ', 'ସଭ୍ୟତାର ତିନୋଟି ସୋପାନ', 'ବିଶ୍ୱବିଖ୍ୟାତ ବୈଜ୍ଞାନିକ' ଇତ୍ୟାଦି ପ୍ରଧାନ ।

**ଆସ ଜାଣିବା କେତୋଟି ନୂଆ ଶବ୍ଦ :**

ଉଲଗ୍ନ, ତତ୍ତ୍ୱ, ସୂତ୍ର, ବସ୍ତୁ, ଗଣିତଜ୍ଞ, ଅନୁତାପ, ପ୍ରତିଭାବାନ, ବିହ୍ୱଳ

# ଅଭ୍ୟାସ

୧. **ଉତ୍ତର କୁହ :**

(କ) ଡାକବାଜି ଯନ୍ତ୍ରରେ ସକାଳୁ ଦୁଇଜଣ ଲୋକ କ'ଣ ପ୍ରଚାର କରୁଥିଲେ ?

(ଖ) ସେମାନେ କେଉଁ ନାଟକ କଥା ପ୍ରଚାର କଲେ ?

(ଗ) ପୋଲିସ୍ କାହାକୁ ଧରି ନେଇଗଲା ?

(ଘ) ଆର୍କିମିଡିସ୍ କ'ଣ କହିକହି ଦାଣ୍ଡରେ ଧାଇଁଲେ ?

(ଙ) ରାଜା କ'ଣ ପରୀକ୍ଷା କରିବାକୁ ଚାହିଁଥିଲେ ?

(ଚ) ଆର୍କିମିଡିସ୍ କେଉଁଠାରେ ଜନ୍ମଗ୍ରହଣ କରିଥିଲେ ?

୨. **ଉତ୍ତର ଲେଖ :**

(କ) ନାଟକର ନାଁ ଶୁଣି ଲୋକମାନେ କାହିଁକି ଆଶ୍ଚର୍ଯ୍ୟାନ୍ୱିତ ହେଲେ ?

(ଖ) କେଉଁ କାରଣରୁ ନାଟକ ଶେଷରେ ଲୋକମାନେ ନିରାଶ ହେଲେ ?

(ଗ) ଲୋକମାନେ କେଉଁଥି ପାଇଁ ଆର୍କିମେଡିସ୍‌ଙ୍କୁ ପାଗଳ ବୋଲି ଭାବିଲେ ?

(ଘ) ଆର୍କିମିଡିସ୍ ଏତେ ବିହ୍ୱଳ ହେବାର କାରଣ କ'ଣ ?

(ଙ) ଆର୍କିମିଡିସ୍ କେଉଁ ସକାଶେ ଚିନ୍ତିତ ଥିଲେ ?

(ଚ) ଗାଧୋଇବା ସମୟରେ ଆର୍କିମିଡିସ୍‌ଙ୍କ ମୁଣ୍ଡକୁ କେଉଁ କଥା ଜୁଟିଗଲା ?

(ଛ) ଲୁହା କାହିଁକି ତଳକୁ ବୁଡ଼ିଯାଏ ?

**୩. ସରଳ ଭାଷାରେ ବୁଝାଇ ଲେଖ :**

(କ) ସବୁ କଥାକୁ ଏମିତି ନିଠେଇ କରି ଧରୁଛି । ଆଜିକାଲି ପିଲାଙ୍କର ଲକ୍ଷଣ ହେଉଛି ଏଇଆ ।

(ଖ) ଗୋଟିଏ ଛୋଟିଆ ଘଟଣାରୁ କେମିତି ବିଜ୍ଞାନର ଏଡ଼େ ବଡ଼ ତଥ୍ୟଟିଏ ମିଳିଗଲା !

୪. ଏହି ପାଠରେ 'ଠେଲାଠେଲି' ପରି କେତେଗୁଡ଼ିଏ ଯୋଡ଼ା ଶବ୍ଦ ରହିଛି, ତାକୁ ଖୋଜି ବାହାର କର ।

**୫. ତଳ ଅନୁଚ୍ଛେଦଟିରେ କୌଣସି ବିରାମ ଚିହ୍ନ ଦିଆଯାଇ ନାହିଁ । ଉପଯୁକ୍ତ ବିରାମ ଚିହ୍ନ ଲଗାଇ ଅନୁଚ୍ଛେଦଟିକୁ ଆଉ ଥରେ ଲେଖ ।**

ମୁନା କିନ୍ତୁ ଛାଡ଼ିବା ପିଲା ନୁହେଁ ସେ କହିଲା ନାହିଁ ମ ଅଜା କେତେ ପରିମାଣର ଲୁହା ବା ସୋଲକୁ କେତେ ପରିମାଣର ପାଣି ସେ କଥା ନ କହିଲେ କିଏ ଓଜନିଆ କିଏ ହାଲୁକା ଜାଣିହେବ କେମିତି

**୬. ନିମ୍ନଲିଖିତ ଶବ୍ଦଗୁଡ଼ିକୁ ବ୍ୟବହାର କରି ମନରୁ ବାକ୍ୟ ତିଆରି କର :**

ଅନୁତାପ, ପ୍ରତିଭାବାନ୍, ସୂତ୍ର, ଗଣିତଜ୍ଞ

**୭. 'କ' ସ୍ତମ୍ଭର ଯେଉଁ ଶବ୍ଦ ସହିତ 'ଖ' ସ୍ତମ୍ଭରେ ଥିବା ଶବ୍ଦର ସମ୍ପର୍କ ଅଛି, ତାକୁ ବାଛି ଲେଖ :**

| 'କ' ସ୍ତମ୍ଭ | 'ଖ' ସ୍ତମ୍ଭ |
|---|---|
| ସୁନ୍ଦର | ସୁନା |
| ଶାନ୍ତି | ଯନ୍ତ୍ର |
| ନିଶ | ଅବସ୍ଥା |
| ଡ଼ାକବାଜି | ଲୁଗା |
| ଉଲଗ୍ନ | ସ୍ୱର |
| ଖାଣ୍ଟି | ଶୃଙ୍ଖଳା |
| | ଫୁଲାଇ |

୮. ନିମ୍ନଲିଖିତ ଶବ୍ଦଗୁଡ଼ିକୁ ବ୍ୟବହାର କରି ଆର୍କିମିଡିସ୍‌ଙ୍କ ସଂପର୍କରେ ଅନୁଚ୍ଛେଦଟିଏ ଲେଖ :

ସିସିଲି, ମୂଲ୍ୟବାନ ତଥ୍ୟ, ସିରାକ୍ୟୁଜ ରାଜା, ଅନୁତାପ, ଶତ୍ରୁ ସୈନ୍ୟ, ସମ୍ମାନ, ପ୍ରତିଭାବାନ୍

୯. 'ଅଭିନୟ' ଶବ୍ଦରୁ ଯେପରି 'ଅଭିନୀତ' ହେଉଛି, ସେହିପରି ନିମ୍ନଲିଖିତ ଶବ୍ଦଗୁଡ଼ିକର ନୂଆ ରୂପଟି କ'ଣ ହେବ ଲେଖ :

ଆବିଷ୍କାର , ଶୃଙ୍ଖଳା, ପୁରସ୍କାର, ଅନୁମାନ, ଅନୁଭବ

୧୦. 'ଗଣିତ ଯେ ଜାଣନ୍ତି' ତାଙ୍କୁ ଗୋଟିଏ ଶବ୍ଦରେ କୁହାଯାଏ 'ଗଣିତଜ୍ଞ' । ସେହିପରି ଏମାନଙ୍କୁ ଗୋଟିଏ ଶବ୍ଦରେ କ'ଣ କୁହାଯାଏ, ଲେଖ :

ସଂଗୀତ ଯେ ଜାଣନ୍ତି – ଆଇନ୍ ଯେ ଜାଣନ୍ତି –

ବେଦ ଯେ ଜାଣନ୍ତି – ରାଜନୀତି ଯେ ଜାଣନ୍ତି –

ଶାସ୍ତ୍ର ଯେ ଜାଣନ୍ତି – ସଂସ୍କୃତ ଯେ ଜାଣନ୍ତି –

## ତୁମ ପାଇଁ କାମ

୧. ଆର୍କିମିଡିସ୍‌ଙ୍କ ଫଟୋ ସଂଗ୍ରହ କରି ଶ୍ରେଣୀରେ ରଖ ।

୨. ଡ଼କ୍ଟର କୁଳମଣି ସାମଲଙ୍କ ଲିଖିତ ଅନ୍ୟ ବିଜ୍ଞାନଗଳ୍ପକୁ ସଂଗ୍ରହକରି ପଢ଼ ।

CPRHKY

# ବିଶ୍ୱବିଜୟୀ ବିବେକାନନ୍ଦ

ଡ. ଶୁଭେନ୍ଦ୍ରମୋହନ ଶ୍ରୀଚନ୍ଦନ ସିଂ



''ବିଲେ...., ବିଲେ....।'' ମାଆ ବାହାରକୁ ଆସି ଉଚ୍ଚ ସ୍ୱରରେ ଡାକିଲେ ; ମାତ୍ର କୌଣସି ଉତ୍ତର ମିଳିଲା ନାହିଁ। ମାଆ ବ୍ୟସ୍ତହୋଇ ପଡିଲେ।

ଅନେକବେଳୁ ସଞ୍ଜ ଗଡିଲାଣି। ଘରିଆଡ଼ ଅନ୍ଧକାର। ରାତି ବଢୁଛି। ପୁଅ ଘରେ ତ ନାହିଁ। ଗଲା କୁଆଡେ ? ବିଲେକୁ ନ ପାଇ ଘରେ ସମସ୍ତେ ବ୍ୟସ୍ତ ହୋଇପଡ଼ିଲେ।

ରାତି ଅଧ ହେଲା। କେହି ଜଣେ କଦଳୀବାଡି ଆଡକୁ କୌଣସି କାମରେ ଯାଇଥିଲା। ସେଇଠି ଦେଖିଲା, ବିଲେ ଚକା ପକାଇ ନିର୍ବିକାର ଭାବରେ ବସିରହିଛି। ବିଲେକୁ ଡାକି ଘରକୁ ଅଣାଗଲା। ଏହା ପରେ ପ୍ରକୃତ କଥାଟି ଜଣାପଡ଼ିଲା। ମାଆ ପୁଅକୁ ରାମାୟଣ କାହାଣୀ କହନ୍ତି। ସେ ଥରେ କହିଥିଲେ, ହନୁମାନ ଅମର। ହନୁମାନ କଦଳୀ ଖାଇବାକୁ ସୁଖ ପାଆନ୍ତି। ସେଥିପାଇଁ ବିଲେ ବସିଚି କଦଳୀ ବଣରେ, ହନୁମାନ କେତେବେଳେ ଆସିବେ, ସେ ଦେଖିବ।

ପିଲାଦିନରୁ ବିଲେର ଏଇଭଳି ବିଚିତ୍ର ଆଚରଣ। ବେଳେବେଳେ ସେ ଚକା ପକାଇ ଧ୍ୟାନରେ ବସିଯାଏ। ଅନ୍ୟର ଦୁଃଖ ଦେଖିଲେ କାନ୍ଦିପକାଏ। ଦୁଃଖୀ ଦରିଦ୍ରମାନଙ୍କ ପ୍ରତି ତା'ର ବହୁତ ଦୟା। ଘରୁ ଯାହା ପାଏ ଆଣି ସେମାନଙ୍କୁ ବାଣ୍ଟିଦିଏ।

ବିଲେର ବାପା ବିଶ୍ୱନାଥ ଦତ୍ତ କଲିକତା ଉଚ୍ଚ ବିଚାରାଳୟରେ ଓକିଲାତି କରୁଥିଲେ। ଜ୍ଞାନୀ ଓ ଦାନୀ ଭାବରେ ସେ ସୁନାମ ଅର୍ଜନ କରିଥିଲେ। ମା' ଭୁବନେଶ୍ୱରୀ ମଧ୍ୟ ଥିଲେ ଧର୍ମପରାୟଣା ଓ ଦାନଶୀଳା। ଅନେକ ଦିନ ଯାଏ ସେମାନଙ୍କର କୌଣସି ସନ୍ତାନ ଜାତ ହୋଇ ନ ଥିଲେ। ଶେଷରେ ଭୁବନେଶ୍ୱରୀ କାଶୀର ବୀରେଶ୍ୱର ମହାଦେବଙ୍କୁ ପୂଜାକରି ଏଇ ପୁଅଟିକୁ ପାଇଥିଲେ ବୋଲି କହନ୍ତି । ସେଥିପାଇଁ ତାକୁ ସେ ଡାକୁଥିଲେ 'ବିଲେ'।

୧୮୬୩ ମସିହା ଜାନୁଆରୀ ୧୨ ତାରିଖରେ ବିଲେର ଜନ୍ମ । ପିଲାଦିନେ ନାଁ ଥିଲା ନରେନ୍ଦ୍ର । ସାଙ୍ଗମାନେ ଡାକୁଥିଲେ ନରେନ୍ । ପରବର୍ତ୍ତୀ କାଳରେ ତାଙ୍କର ନାଁ ହୋଇଥିଲା ବିବେକାନନ୍ଦ ।

ନରେନ୍ ତ ଛାତ୍ରଭାବରେ ଥିଲେ ବିଚକ୍ଷଣ । ଅତି ସହଜରେ ପାଠସବୁ ତାଙ୍କର ମନେରହିଯାଏ । ପାଠ୍ୟପୁସ୍ତକ ବ୍ୟତୀତ ବିଭିନ୍ନ ବିଷୟରେ ଲେଖାହୋଇଥିବା ପୁସ୍ତକ ସବୁକୁ ସେ ପଢିପକାଉଥିଲେ ।



ବୟସ ବଢ଼ିବା ସଙ୍ଗେସଙ୍ଗେ ସେ ଅଧିକ ଚିନ୍ତାଶୀଳ ହୋଇପଡ଼ିଲେ । ବିଭିନ୍ନ ବିଷୟରେ ତାଙ୍କ ମନରେ ଅନେକ ପ୍ରଶ୍ନ ଜାତହେଲା । ଶ୍ରୀରାମକୃଷ୍ଣଙ୍କ ସହିତ ତାଙ୍କର ଦେଖାହୋଇଗଲା । ଶ୍ରୀରାମକୃଷ୍ଣ ନରେନ୍‌ଙ୍କ ମନରେ ଜାତ ହୋଇଥିବା ସବୁ ପ୍ରଶ୍ନର ସମାଧାନ କରିଦେଲେ । ସେ ତାଙ୍କୁ ବୁଝାଇ ଦେଲେ, ପୃଥିବୀରେ ସବୁ ଧର୍ମ ସମାନ । ମାନବର ସେବା ହିଁ ଭଗବାନଙ୍କର ପ୍ରକୃତ ପୂଜା ।

୧୮୮୫ ମସିହାରେ ନରେନ୍ ବି.ଏ.ପାସ୍ କଲେ । ଏହି ସମୟରେ ହଠାତ୍ ତାଙ୍କ ପିତାଙ୍କର ମୃତ୍ୟୁ ହେଲା । ପରିବାରର ଆର୍ଥିକ ଅବସ୍ଥା ଭଲ ନ ଥିଲା । ଘରେ ସାନଭାଇ, ଭଉଣୀ ଓ ମାଆ । ଘରର ସମସ୍ତ ଦାୟିତ୍ୱ ପଡ଼ିଲା ନରେନ୍‌ଙ୍କ ଉପରେ । ସେ କିଛିଦିନ ଶିକ୍ଷକତା କରି ଗୁଜୁରାଣ ମେଣ୍ଟାଇବାକୁ ଚେଷ୍ଟାକଲେ, ତଥାପି ଅଭାବ ଦୂର ହେଲା ନାହିଁ । ଏତେ ଅଭାବ ଅସୁବିଧା ମଧ୍ୟରେ ସେ ଅବିଚଳିତ ଥାଆନ୍ତି ।



ବିବାହ କରି ଘରସଂସାର କରିବା ଅଥବା ଅର୍ଥ ଉପାର୍ଜନ କରି ବିଳାସବ୍ୟସନରେ ଜୀବନ କଟାଇବା ଦିଗରେ ସେ କେବେ ଆଗ୍ରହୀ ନ ଥିଲେ । ଶ୍ରୀରାମକୃଷ୍ଣଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଜନସେବାକୁ ହିଁ ସେ ଜୀବନର ଲକ୍ଷ୍ୟ ଭାବେ ଗ୍ରହଣ କରିନେଲେ । ଏହା ପରେ ସେ ଶ୍ରୀରାମକୃଷ୍ଣଙ୍କ ସାଧନାପୀଠ କଲିକତା ନିକଟସ୍ଥ ଦକ୍ଷିଣେଶ୍ୱର କାଳିମନ୍ଦିରକୁ ଚାଲିଗଲେ । ସେଠାରେ ସେ ଗୁରୁଦେବଙ୍କ ପାଖେପାଖେ ରହି ତାଙ୍କର ଆଶୀର୍ବାଦ ଲାଭ କଲେ ।

୧୮୮୬ ମସିହାରେ ଶ୍ରୀରାମକୃଷ୍ଣ ପରମହଂସଙ୍କର ପରଲୋକ ପରେ ସେ ଭାରତ ଭ୍ରମଣରେ ବାହାରି ପଡ଼ିଲେ ।

ସେ ଯେଉଁ ସ୍ଥାନକୁ ଗଲେ ସେଠାରେ ଧର୍ମ ଓ ଈଶ୍ୱରଙ୍କ ସଂପର୍କରେ ପାଣ୍ଡିତ୍ୟପୂର୍ଣ୍ଣ ଭାଷଣମାନ ଦେଲେ । ତାଙ୍କର ଉଜ୍ଜ୍ୱଳ ମୁଖମଣ୍ଡଳ, ଜ୍ଞାନ, ପାଣ୍ଡିତ୍ୟ, ଆତ୍ମବିଶ୍ୱାସ ଓ ବାଗ୍ମିତା ଦେଖି ଲୋକମାନେ ମୁଗ୍ଧ ହୋଇଗଲେ । ଶେଷରେ ସେ ଯାଇ ପହଞ୍ଚିଲେ ଭାରତର ଶେଷ ସୀମାରେ ଥିବା ରାମେଶ୍ୱର ମଠରେ । ସେଠାରୁ ଗଲେ ତିନୋଟି ସାଗରର ମିଳନ ସ୍ଥଳ କନ୍ୟାକୁମାରୀ । କୁମାରୀ ମନ୍ଦିରଠାରୁ ଅଳ୍ପ ଦୂରରେ ସାଗର ମଧ୍ୟରେ ଥିବା ଏକ ବିରାଟ ଶିଳାଖଣ୍ଡ ଉପରେ ବସି ସେ ଧ୍ୟାନମଗ୍ନ ହୋଇଗଲେ । ଏକ ଅପୂର୍ବ ଆନନ୍ଦ ଏବଂ ଦିବ୍ୟ ଆଲୋକରେ ତାଙ୍କର ଅନ୍ତର ଉଚ୍ଛୁଳି ଉଠିଲା । ତାହାରି ମଧ୍ୟରେ ସେ ଶୁଣିପାରିଲେ ସତେ ଯେପରି ତାଙ୍କ ଗୁରୁ କହୁଛନ୍ତି, "ଯା, ଲଘି ଯା ଏ ସମୁଦ୍ର । ଦୂରଦେଶରେ ଯାଇ ଭାରତର ବାଣୀ ପହଞ୍ଚାଇ ଦେ ।"



୧୮୯୩ ମସିହା । ଆମେରିକାର ଚିକାଗୋ ସହରରେ ଗୋଟିଏ ବିରାଟ ଧର୍ମସଭାର ଆୟୋଜନ ହେଉଥାଏ । ବିବେକାନନ୍ଦଙ୍କ ମନରେ ପ୍ରବଳ ଆଗ୍ରହ ହେଲା ଥରେ ସେହି ଧର୍ମସଭାରେ ଯୋଗଦେବା ପାଇଁ । ସେ ଜାହାଜରେ ବସି ଚିକାଗୋରେ ପହଞ୍ଚିଲେ । ଜାହାଜରେ ଆମେରିକାର ଜଣେ ବିଖ୍ୟାତ ଅଧ୍ୟାପକଙ୍କ ସହିତ ତାଙ୍କର ପରିଚୟ ହେଲା । ବିବେକାନନ୍ଦଙ୍କ ଜ୍ଞାନ ଓ ପାଣ୍ଡିତ୍ୟ ଦେଖି ସେ ମୁଗ୍ଧ ହୋଇଗଲେ । ସମ୍ମିଳନୀରେ ଯୋଗଦେବା ପାଇଁ ସେ ସୁବିଧା କରିଦେଲେ ।

୧୮୯୩ ମସିହା ସେପ୍ଟେମ୍ବର ୧୧ ତାରିଖରେ ଧର୍ମ ସମ୍ମିଳନୀ ଆରମ୍ଭ ହେଲା । ପୃଥିବୀର ପ୍ରାୟ ପ୍ରତ୍ୟେକ ଧର୍ମର ପ୍ରତିନିଧି ସେଠାରେ ଯୋଗଦେଇ ଥାଆନ୍ତି । ସଭାସ୍ଥଳରେ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥାଆନ୍ତି । ଅନ୍ୟ ଧର୍ମର ପ୍ରତିନିଧିମାନେ ଜଣଜଣ ହୋଇ ନିଜର ବକ୍ତବ୍ୟ ଦେଇ ସାରିଲେଣି । ସଭାମଞ୍ଚରେ ଗଭୀର ନୀରବତା । ଭାରତର ଜଣେ ତରୁଣ ସନ୍ନ୍ୟାସୀ ବିବେକାନନ୍ଦ ଏଥର ଭାଷଣ ଦେବେ । ସେ ପିନ୍ଧିଛନ୍ତି ଗେରୁଆ ବସ୍ତ୍ର, ମୁଣ୍ଡରେ ଗେରୁଆ ପଗଡ଼ି । ଅଳ୍ପ ସମୟ ତାଙ୍କୁ ମିଳିଛି କହିବା ପାଇଁ ।

ବିବେକାନନ୍ଦ ଆରମ୍ଭ କଲେ, ''ଆମେରିକାବାସୀ ଭାଇ ଓ ଭଉଣୀମାନେ !'' 'ଭାଇ ଓ ଭଉଣୀ' ସମ୍ବୋଧନ ଶୁଣି ଶ୍ରୋତାମାନେ ଆନନ୍ଦରେ ଉଚ୍ଛୁଳି ଉଠିଲେ । ସେମାନେ କରତାଳି ଦେଇ ତାଙ୍କୁ ଅଭିନନ୍ଦନ ଜଣାଇଲେ । ଏହାପରେ ବିବେକାନନ୍ଦ ଭାରତୀୟ ଧର୍ମ ଓ ଦର୍ଶନ, ହିନ୍ଦୁ ଧର୍ମର ବିଶେଷତ୍ୱ ଓ ବିଶ୍ୱ ଭ୍ରାତୃତ୍ୱର ବାଣୀ ଇତ୍ୟାଦି ଏଭଳି ଚମତ୍କାର ଭାବରେ ବୁଝାଇଲେ ଯେ ଶ୍ରୋତାମାନେ ମନ୍ତ୍ରମୁଗ୍ଧ ହୋଇଗଲେ । ତାଙ୍କ ଭାଷଣ ଓ ଫଟୋ ଆମେରିକାର ସମ୍ବାଦପତ୍ରମାନଙ୍କରେ ଛପାଗଲା । ତାଙ୍କ ଉପରେ ପ୍ରଶଂସା ଅଜାଡ଼ି ହୋଇ ପଡ଼ିଲା । ସେ ବୁଝାଇଦେଲେ ଯେ ସବୁ ମଣିଷ ହେଉଛନ୍ତି ଈଶ୍ୱରଙ୍କ ସନ୍ତାନ । ତେଣୁ ଆମେ ସମସ୍ତେ ଭାଇ ଭାଇ । ମାନବର ସେବା ହିଁ ଈଶ୍ୱରଙ୍କ ସେବା ।

ତାଙ୍କର ଏଭଳି କଥା ଶୁଣି ସେଠାରେ ଉପସ୍ଥିତ ଥିବା ପଣ୍ଡିତମାନେ କହିଲେ, ''ସେ ହେଉଛନ୍ତି ମାନବ ଜାତିର ଅଳଙ୍କାର ସଦୃଶ ।'' ଏହି ଘଟଣା ପରେ ସ୍ୱାମୀଜୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ବିଦେଶର ବହୁ ନରନାରୀ ତାଙ୍କର

ଶିଷ୍ୟତ୍ୱ ଗ୍ରହଣ କରିଥିଲେ । ମାର୍ଗାରେଟ୍ ନୋବେଲ ନାମରେ ଜଣେ ମହିଳା ତାଙ୍କର ପ୍ରିୟଶିଷ୍ୟା ଥିଲେ । ପରେ ସେ ଭଗିନୀ ନିବେଦିତା ନାମରେ ପରିଚିତା ହୋଇଥିଲେ ।

ସ୍ୱାମୀଜୀ ୧୮୯୭ ମସିହାରେ ରାମକୃଷ୍ଣ ମିଶନ ନାମରେ ଏକ ସେବା ଅନୁଷ୍ଠାନ ଗଠନ କରିଥିଲେ । ଏଇ ସେବା ଅନୁଷ୍ଠାନର ପରିଚାଳନା ପାଇଁ ସେ ଦେଶ ବିଦେଶରୁ ଅନେକ ସାହାଯ୍ୟ ସଂଗ୍ରହ କରିଥିଲେ । ଅସ୍ପୃଶ୍ୟତା ନିବାରଣ, ନାରୀଶିକ୍ଷାର ପ୍ରସାର, ସାମ୍ପ୍ରଦାୟିକ ସଦ୍ଭାବ ରକ୍ଷା ତଥା ଦରିଦ୍ରମାନଙ୍କର ସେବା ଇତ୍ୟାଦିର ବାର୍ତ୍ତା ସେ ସାରା ଦେଶରେ ପ୍ରଚାର କରିଥିଲେ । ସାରା ମାନବ ଜାତିକୁ ସେ ଏକ ବୋଲି କହିଥିଲେ ଏବଂ ସବୁ ଧର୍ମ ପ୍ରତି ତାଙ୍କର ସମ୍ମାନ ଥିଲା ।

ଅକ୍ଲାନ୍ତ ପରିଶ୍ରମ ଫଳରେ ସ୍ୱାମୀଜୀଙ୍କର ସ୍ୱାସ୍ଥ୍ୟ ଭାଙ୍ଗିପଡ଼ିଲା । ୧୯୦୨ ମସିହା ଜୁଲାଇ ୪ ତାରିଖ ଦିନ ସବୁଦିନ ଭଳି ସେ ଖୁବ୍ ଭୋର୍‌ରୁ ଉଠିଲେ । ଦିନସାରା ବହୁବନ୍ଧୁ ଓ କର୍ମୀଙ୍କ ସହ ଆଲୋଚନାରେ କଟିଲା । ସନ୍ଧ୍ୟାବେଳକୁ ସେ ଧ୍ୟାନମଗ୍ନ ହେଲେ । ଏହି ଧ୍ୟାନମଗ୍ନ ଅବସ୍ଥାରେ ହିଁ ସେ ଦେହତ୍ୟାଗ କଲେ । ଏକାଧାରରେ ସେ ଥିଲେ ଦେଶପ୍ରେମୀ, ବିଶ୍ୱପ୍ରେମୀ ଓ ମାନବପ୍ରେମୀ ଗୁରୁ । ନିଜ ଜ୍ଞାନବଳରେ ସେ ବିଶ୍ୱଜୟ କରି କେବଳ ଭାରତର ଗୌରବ ବଢ଼ାଇ ନାହାନ୍ତି, ଯୁଗ ଯୁଗ ପାଇଁ ସାରା ଜଗତକୁ ମାନବ ପ୍ରେମର ଏକ ନୂତନ ବାର୍ତ୍ତା ଶୁଣାଇ ଯାଇଛନ୍ତି ।

—•—

**ଡ. ଶ୍ରୀଭେନ୍ଦ୍ର ମୋହନ ଶ୍ରୀଚନ୍ଦନ ସିଂ (୧୯୩୩)–** ଅନୁଗୁଳ ଜିଲ୍ଲା ଆଠମଲ୍ଲିକର ପାପସରା ଗ୍ରାମରେ ଜନ୍ମ । ଜଣେ ପ୍ରତିଷ୍ଠିତ ଶିଶୁସାହିତ୍ୟିକ ଓ ଭାଷା ବିଶାରଦ ଭାବରେ ଓଡ଼ିଶାରେ ଜଣାଶୁଣା । ତାଙ୍କ ଲିଖିତ ପୁସ୍ତକ ଗୁଡିକ ମଧ୍ୟରେ 'ସ୍ୱପ୍ନଗନ୍ଧା', 'ଆମେ ସବୁଜ', 'ଶତାବ୍ଦୀ ପୁରୁଷ' ଇତ୍ୟାଦି ପ୍ରଧାନ ।

**ଆସ ଜାଣିବା କେତୋଟି ନୂଆ ଶବ୍ଦ**

ନିର୍ବିକାର, ଅଭିଷ୍ଟ, ମୁଗ୍ଧ, ଅଧ୍ୟୟନ, ବିଜ୍ଞ, ବକ୍ତବ୍ୟ

ଅନୁପ୍ରାଣିତ, ଧ୍ୟାନମଗ୍ନ, ବାଗ୍ମିତା, ଅସ୍ପୃଶ୍ୟତା

# ଅଭ୍ୟାସ

୧. ଉତ୍ତର କୁହ :

(କ) ବିଲେ କଦଳୀବାଡ଼ିରେ ବସିବାର କାରଣ କ'ଣ ?

(ଖ) ବିଲେର ଏପରି ନାଁ କାହିଁକି ଦିଆ ଯାଇଥିଲା ?

(ଗ) ରାମକୃଷ୍ଣ ନରେନ୍‌ଙ୍କୁ କ'ଣ ବୁଝାଇ ଦେଇଥିଲେ ?

(ଘ) ନରେନ୍ ନିଜ ପରିବାରର ଦାୟିତ୍ୱ କିପରି ସମ୍ଭାଳି ଥିଲେ ?

(ଙ) ନରେନ୍ ନିଜ ଜୀବନର ଲକ୍ଷ୍ୟକୁ କିପରି ଗ୍ରହଣ କଲେ ?

୨. ଉତ୍ତର ଲେଖ :

(କ) ବିଶ୍ୱ ଧର୍ମସଭା ଆମେରିକାର କେଉଁ ସ୍ଥାନରେ ହୋଇଥିଲା ?

(ଖ) ବିବେକାନନ୍ଦ ଶ୍ରୋତାମାନଙ୍କୁ କିପରି ମନ୍ତ୍ରମୁଗ୍ଧ କଲେ ?

(ଗ) ପଣ୍ଡିତମାନେ ତାହାଙ୍କୁ ମାନବଜାତିର ଅଳଂକାର ବୋଲି କାହିଁକି କହିଥିଲେ ?

(ଘ) 'ରାମକୃଷ୍ଣ ମିଶନ' ଅନୁଷ୍ଠାନଟି କି କି ଲୋକହିତକର କାର୍ଯ୍ୟ କରୁଛି ?

(ଙ) ବିବେକାନନ୍ଦ ସାରା ଦେଶରେ କେଉଁ ବାର୍ତ୍ତା ପ୍ରଚାର କରିଥିଲେ ?

୩. ସରଳ ଭାଷାରେ ବୁଝାଇ ଲେଖ :

(କ) ମାନବର ସେବା ହିଁ ହେଉଛି ଭଗବାନଙ୍କର ପ୍ରକୃତ ପୂଜା ।

(ଖ) ସେ ହେଉଛନ୍ତି ମାନବଜାତିର ଅଳଂକାର ସଦୃଶ ।

୪. "ହନୁମାନ ଅମର । ହନୁମାନ କଦଳୀ ଖାଇବାକୁ ସୁଖ ପାଆନ୍ତି ।" ଏଥିରେ ଦ୍ୱିତୀୟ ବାକ୍ୟରେ ହନୁମାନ ବଦଳରେ ସେ' ବସାଇଲେ ବାକ୍ୟଟି ଶୁଣିବାକୁ ଭଲ ଲାଗିବ । ଏହି 'ସେ' ହେଉଛି ଏକ ସର୍ବନାମ ପଦ । ନିମ୍ନରେ ଥିବା ରେଖାଙ୍କିତ ପଦ ସ୍ଥାନରେ ଉପଯୁକ୍ତ ସର୍ବନାମ ବ୍ୟବହାର କରି ବାକ୍ୟଗୁଡ଼ିକ ସଜାଡ଼ି ଲେଖ :

(କ) ନରେନ୍ଦ୍ର ଛାତ୍ର ଭାବରେ ଥିଲେ ବିଚକ୍ଷଣ । ଅତି ସହଜରେ ପାଠସବୁ ନରେନ୍ଦ୍ରଙ୍କର ମନେରହିଯାଏ ।

(ଖ) ନରେନ୍ ଶ୍ରୀରାମକୃଷ୍ଣଙ୍କୁ ସାକ୍ଷାତ୍ କଲେ । ଶ୍ରୀରାମକୃଷ୍ଣ ନରେନ୍‌ଙ୍କୁ ଶିଷ୍ୟ ଭାବରେ ଗ୍ରହଣ କଲେ ।

୫. ନିମ୍ନରେ ଦୁଇଟି ବାକ୍ୟ ଦିଆଯାଇଛି । ସେଥିରେ ଥିବା ସ୍ୱରବର୍ଣ୍ଣ, ବ୍ୟଞ୍ଜନ ବର୍ଣ୍ଣ ଓ ଯୁକ୍ତ ବର୍ଣ୍ଣଗୁଡ଼ିକୁ ବାଛି ଲେଖ :

ସେ ରାମକୃଷ୍ଣ ମିଶନ ନାମରେ ଏକ ସେବା ଅନୁଷ୍ଠାନ ଗଠନ କରିଥିଲେ । ଏଇ ସେବା ଅନୁଷ୍ଠାନର ପରିଚାଳନା ପାଇଁ ସେ ଦେଶ ବିଦେଶରୁ ଅନେକ ସାହାଯ୍ୟ ସଂଗ୍ରହ କରିଥିଲେ ।

୬. ନିମ୍ନରେ ଯେଉଁ ଅନୁଚ୍ଛେଦଟି ଦିଆଯାଇଛି, ସେଥିରେ ବିରାମ ଚିହ୍ନ ଦିଆ ଯାଇ ନାହିଁ । ଠିକ୍ ସ୍ଥାନରେ ଠିକ୍ ଚିହ୍ନଟିକୁ ବସାଇ ଲେଖ :

ତାହାରି ମଧ୍ୟରେ ସେ ଶୁଣି ପାରିଲେ ସତେ ଯେପରି ତାଙ୍କ ଗୁରୁ କହୁଛନ୍ତି ଯା ଲଙ୍ଘିଯା ଏ ସମୁଦ୍ର ଦୂରଦେଶରେ ଯାଇ ଭାରତର ବାଣୀ ପହଞ୍ଚାଇଦେ' ।

୭. ଯେପରି 'ଡାକିବାରୁ' 'ଡାକି', 'କହିବାରୁ' 'କହି' ପଦର ବ୍ୟବହାର କରାଯାଏ, ସେହିପରି ତଳପଦଗୁଡ଼ିକର ରୂପ କ'ଣ ହେବ ଲେଖ :

ଶୁଣିବା, ଜାଣିବା, ବସିବା, ନେବା, ଦେବା, ଖାଇବା, ଦେଖିବା, କରିବା, ପଢ଼ିବା

୮. 'ବେଳ' ଶବ୍ଦର ପୂର୍ବରେ 'ଅନେକ' ଶବ୍ଦ ଯୋଡ଼ି ଯେପରି 'ଅନେକବେଳ' ହେଉଛି, ସେଇଭଳି 'ଅନେକ' ଶବ୍ଦ ଯୋଡ଼ି ଆଉ କେତୋଟି ନୂତନ ଶବ୍ଦ ଲେଖ ।

୯. 'ମାତ୍ର' ଶବ୍ଦଟି ବ୍ୟବହାର କରି ଆଉ ତିନୋଟି ବାକ୍ୟ ଲେଖ । ଯେପରି - 'ରାମ ଖେଳ ପଡ଼ିଆକୁ ଗଲା ; ମାତ୍ର ଖେଳିଲା ନାହିଁ ।'

୧୦. ମୁଁ ଯାତ୍ର ଦେଖିବାକୁ ଯାଇଥିଲି । ଫୁଲରୁ ଫଳ ଜାତ ହୁଏ - ବାକ୍ୟଦୁଇଟିରେ ରେଖାଙ୍କିତ ପଦଦୁଇଟି ଶୁଣିବାକୁ ପ୍ରାୟ ଏକା ପରି; କିନ୍ତୁ ଅର୍ଥ ଅଲଗା । ସେ ଦୁଇଟି ଶବ୍ଦର ଅର୍ଥ ଲେଖ । ସେହିପରି ଏକାଭଳି ଶୁଣାଯାଉଥିବା ଅଥଚ ଭିନ୍ନ ଅର୍ଥ ବୁଝାଉଥିବା ଆଉ କେତୋଟି ଶବ୍ଦ ଲେଖି ବାକ୍ୟରେ ବ୍ୟବହାର କର ।

୧୧. 'ଚିନ୍ତା' ଶବ୍ଦ ସହିତ 'ଶୀଳ' ଲାଗିଲେ 'ଚିନ୍ତାଶୀଳ' ହେବ । ସେହିପରି ଆଉ ପାଞ୍ଚଟି ଶବ୍ଦ ସହିତ 'ଶୀଳ' ଲଗାଇ ନୂଆ ଶବ୍ଦ ଲେଖ ।

୧୨. ଉଦାହରଣକୁ ଲକ୍ଷ୍ୟ କରି ଶୂନ୍ୟ ସ୍ଥାନ ପୂରଣ କର । ଉଦାହରଣ- ମୁଁ ସାହିତ୍ୟ ପଢ଼ିଲି । ଆମେ ସାହିତ୍ୟ ପଢ଼ିଲୁ ।

(କ) ପିଲାଟି ଆନନ୍ଦିତ ହେଲା । ପିଲାମାନେ ----------- ।

(ଖ) ମୁଁ କଟକ ଯାଇଥିଲି । ଆମ୍ଭେ କଟକ ---------- ।

(ଗ) ସେ ଦିଲ୍ଲୀ ଯିବ । ସେମାନେ ଦିଲ୍ଲୀ ---------- ।

## ତୁମ ପାଇଁ କାମ

୧. ସ୍ୱାମୀ ବିବେକାନନ୍ଦଙ୍କ ସଂପର୍କରେ ବିଭିନ୍ନ ଲେଖା ସଂଗ୍ରହ କରି ଘରେ ପଢ଼ ।

୨. ପାଠରେ ଥିବା ଛବି ଭଳି ବିବେକାନନ୍ଦଙ୍କର ଛବିଟିଏ ଅଙ୍କନ କର ।

୩. ଶୁଭେନ୍ଦ୍ରମୋହନ ଶ୍ରୀଚନ୍ଦନ ସିଂହଙ୍କର ଅନ୍ୟାନ୍ୟ ଲେଖା ସଂଗ୍ରହ କରି ପଢ଼ ।

CQ1DML

# ବୃକ୍ଷଲତା ଆମର ବନ୍ଧୁ

ଡ. ଜଗନ୍ନାଥ ମହାନ୍ତି

ସୁନ୍ଦର ଶ୍ୟାମଳ ଅରଣ୍ୟ । ତା' ମଧ୍ୟରେ ପବିତ୍ର ଋଷି ଆଶ୍ରମ । ଶିଷ୍ୟମାନେ ଅଧ୍ୟୟନରତ । ସେମାନଙ୍କର ଶିକ୍ଷା କେବଳ ପୁସ୍ତକ-ପଠନ ମଧ୍ୟରେ ସୀମିତ ନୁହେଁ । ଉଦ୍ୟାନ କର୍ମ, ଗୋ-ସେବା, କୃଷିକାର୍ଯ୍ୟ, ରନ୍ଧନ, ସମିଧ ସଂଗ୍ରହ ଇତ୍ୟାଦି ମଧ୍ୟ ଏହି ଶିକ୍ଷାର ଅନ୍ତର୍ଭୁକ୍ତ ।

ଏକଦା ଗୁରୁ ଶିଷ୍ୟମାନଙ୍କୁ ପରୀକ୍ଷା କରିବାକୁ ସ୍ଥିର କଲେ । ସେ ଆଖପାଖରେ ଥିବା ବୃକ୍ଷଲତାଗୁଡ଼ିକୁ ଦେଖିଆସିବା ପାଇଁ ସେମାନଙ୍କୁ ପଠାଇଲେ ଏବଂ କେଉଁ ବୃକ୍ଷ ବା ଲତାଟି ମନୁଷ୍ୟର ଉପକାରରେ ଆସୁ ନାହିଁ, ତାହା ଜଣାଇବା ପାଇଁ ନିର୍ଦ୍ଦେଶ ଦେଲେ ।

ଶିଷ୍ୟମାନେ ନିଜନିଜ କାର୍ଯ୍ୟରେ ଲାଗିଗଲେ । ବୃକ୍ଷଲତାମାନଙ୍କର ଗୁଣ ଦୋଷ ଅନୁଧ୍ୟାନ କଲେ । କେତେଦିନ ପରେ ସେମାନେ ଫେରିଆସି କେଉଁ ଗଛ ଦରକାରୀ ଓ କେଉଁ ଗଛ ଅଦରକାରୀ ତାହା ଗୁରୁଙ୍କୁ ଜଣାଇଲେ ।



କିନ୍ତୁ ଜଣେ ଶିଷ୍ୟଙ୍କର ଆଶ୍ରମକୁ ପ୍ରତ୍ୟାବର୍ତ୍ତନ କରିବାରେ ବିଳମ୍ବ ହେଲା । ସେତେବେଳେ ଦୀର୍ଘ ଏକ ବର୍ଷ ଅତୀତ ହୋଇଯାଇ ଥାଏ । ସେ ଆସି କହିଲେ, ''ଗୁରୁଦେବ, ମୁଁ କେତେ ଗାଁଗଣ୍ଡା, ବଣଜଙ୍ଗଲ ଓ ପାହାଡ଼ପର୍ବତ ବୁଲିଲି । କେଉଁଠି ଗୋଟିଏ ହେଲେ ଅଦରକାରୀ ଗଛ ବା ଲତା ଦେଖିଲି ନାହିଁ । ପ୍ରତ୍ୟେକ ଗଛଲତାର ଉପକାରିତା ଅଛି । ପ୍ରତ୍ୟେକ ଉଦ୍ଭିଦରେ ଔଷଧଗୁଣ ଭରିରହିଛି । ସତେ ଯେପରି ମଣିଷ ଓ ପଶୁପକ୍ଷୀଙ୍କୁ ରୋଗମୁକ୍ତ କରି ସେମାନଙ୍କୁ ସୁସ୍ଥସବଳ ରଖିବା ପାଇଁ ସେମାନେ ଜନ୍ମ ନେଇଛନ୍ତି !''

ଗୁରୁ ହସିହସି କହିଲେ, ''ତୁମ କଥା ଶୁଣି ମୁଁ ଅତ୍ୟନ୍ତ ଆନନ୍ଦିତ । ତୁମ ପାଣ୍ଡିତ୍ୟରେ ମଧ୍ୟ ଗର୍ବିତ । ତୁମ ଶିକ୍ଷା ସଂପୂର୍ଣ୍ଣ ହୋଇଛି । ଏଥର ତୁମେ ସ୍ୱଗୃହକୁ ଫେରିଯାଅ । ସମାଜ ସେବାରେ ମନୋନିବେଶ କର ।''

ସେହି ଶିଷ୍ୟ ଜଣକ ହେଉଛନ୍ତି 'ଚରକ' । ପରବର୍ତ୍ତୀ ଜୀବନରେ ସେ ଜଣେ ଚିକିତ୍ସାବିଜ୍ଞାନୀ ଭାବରେ ସୁପ୍ରତିଷ୍ଠିତ ହୋଇଥିଲେ । ତାଙ୍କ ରଚିତ ଶାସ୍ତ୍ରଟିର ନାମ 'ଚରକ ସଂହିତା' ।

ବୃକ୍ଷଲତା ମନୁଷ୍ୟର ଏକାନ୍ତ ଉପକାରୀ ବନ୍ଧୁ । ପୁରାଣରେ ବର୍ଣ୍ଣିତ ଅଛି ଯେ, ସୁସନ୍ତାନମାନଙ୍କୁ ଜନ୍ମଦେବା ଠାରୁ ବୃକ୍ଷରୋପଣ ଅଧିକ ପୁଣ୍ୟ କାର୍ଯ୍ୟ । ଏହି କାରଣରୁ ପୂର୍ବେ ବୃକ୍ଷରୋପଣ କରି ଲୋକେ ଆନନ୍ଦଲାଭ କରୁଥିଲେ । ବିଭିନ୍ନ ପର୍ବପର୍ବାଣି, ଏପରିକି ଦୈନନ୍ଦିନ ଜୀବନରେ ବୃକ୍ଷଲତାର ପୂଜା ଏକ ବିଶିଷ୍ଟ ସ୍ଥାନ ଲାଭ କରିଥିଲା ।

ବୃକ୍ଷଲତା ମଣିଷର ଯେ କେତେ ଉପକାର କରନ୍ତି, ତାହା କଳନା କରାଯାଇ ପାରିବ ନାହିଁ । ପ୍ରକୃତି ଓ ପରିବେଶର ସୁରକ୍ଷା, ମୃତ୍ତିକା ସଂରକ୍ଷଣ, ଜଳବାୟୁ ନିୟନ୍ତ୍ରଣ ଏବଂ ମନୁଷ୍ୟଙ୍କୁ ତା'ର ନିତ୍ୟ ବ୍ୟବହାର୍ଯ୍ୟ ଦ୍ରବ୍ୟ ଯୋଗାଇବାରେ ବୃକ୍ଷଲତାଙ୍କର ଅଶେଷ ଭୂମିକା ରହିଅଛି ।

ବୃକ୍ଷଲତା ବର୍ଷା ହେବାରେ ସାହାଯ୍ୟ କରନ୍ତି; ମାତ୍ର ଏବେ ଅରଣ୍ୟ ସଂପଦ ହ୍ରାସ ପାଇଥିବାରୁ ବୃଷ୍ଟିପାତରେ ଅନେକ ଅନିୟମିତତା ଦେଖାଦେଇଛି । ଏହି ଅନିୟମିତ ବର୍ଷା ପୃଥିବୀର ବହୁ ଦେଶରେ ବହୁ ଦୁର୍ଗତିର କାରଣ ବୋଲି ବିବେଚିତ ହେଉଛି ।

ଆମ ରାଜ୍ୟର କଳାହାଣ୍ଡି ଜିଲ୍ଲାରେ ବାରମ୍ବାର ଅନାବୃଷ୍ଟି ଓ ଦୁର୍ଭିକ୍ଷ ଘଟୁଛି । ଅରଣ୍ୟ ସମ୍ପଦର ବିନାଶ ହିଁ ଏହାର ପ୍ରଧାନ କାରଣ । ଠିକ୍ ଏହି କାରଣରୁ ହିଁ ପୃଥିବୀର ବିଭିନ୍ନ ସ୍ଥାନରେ ଅନାବୃଷ୍ଟି ହୋଇ ଦୁର୍ଭିକ୍ଷ ଦେଖାଦେଉଛି ଏବଂ ସମଗ୍ର ମାନବଜାତି ଏଥିପାଇଁ ଆତଙ୍କିତ ହୋଇପଡ଼ିଛି ।

ବୃକ୍ଷଲତା ଆଲୋକ ସଂଶ୍ଲେଷଣ ପ୍ରକ୍ରିୟାରେ ବାୟୁରୁ ଅଙ୍ଗାରକାମ୍ଳ ବାଷ୍ପ ଗ୍ରହଣ କରି ଅମ୍ଳଜାନ ଛାଡ଼ନ୍ତି; କିନ୍ତୁ ମନୁଷ୍ୟ ଓ ପଶୁପକ୍ଷୀ କେବଳ ଅମ୍ଳଜାନ ହିଁ ଆବଶ୍ୟକ କରିଥାନ୍ତି । ଏହିପରି ଉଦ୍ଭିଦଜଗତ ଅମ୍ଳଜାନ ଯୋଗାଇ ଦୂଷିତ ବାୟୁମଣ୍ଡଳକୁ ବିଶୁଦ୍ଧ କରିବାରେ ବିଶେଷ ସହାୟକ ହୋଇଥାଏ ।

କଳକାରଖାନାର ପ୍ରତିଷ୍ଠା, ରେଳ, ମଟର, ଟ୍ୟାକ୍ସି, ସ୍କୁଟର ପ୍ରଭୃତିର ବହୁଳ ବ୍ୟବହାରଯୋଗୁଁ ବାୟୁମଣ୍ଡଳରେ ପ୍ରଚୁର ଅଙ୍ଗାରକାମ୍ଳ ବାଷ୍ପ ମିଶିଥାଏ । ଏହା ମନୁଷ୍ୟର ସ୍ୱାସ୍ଥ୍ୟପକ୍ଷେ ବିଶେଷ କ୍ଷତିକାରକ । ବୃକ୍ଷଲତାଗୁଡ଼ିକ ଏହି ଅଙ୍ଗାରକାମ୍ଳ

ଗ୍ରହଣ କରି ପରିବେଶକୁ ପ୍ରଦୂଷଣମୁକ୍ତ କରିଥାନ୍ତି; ମାତ୍ର ବର୍ତ୍ତମାନ କାଳରେ ବୃକ୍ଷଲତା ଅଭାବରେ ମନୁଷ୍ୟ କିପରି ବିପଦର ସମ୍ମୁଖୀନ ହୋଇଛି, ତାହା ସହଜରେ ଅନୁମେୟ ।

ବୃକ୍ଷଲତା ମୃତ୍ତିକା ସଂରକ୍ଷଣରେ ମଧ୍ୟ ସାହାଯ୍ୟ କରିଥାନ୍ତି । ସେମାନେ ଭୂମି ଭିତରେ ଚେର ବିସ୍ତାରକରି ଏବଂ ଉପରେ ଡାଳପତ୍ର ଢାଙ୍କି ବର୍ଷା ଓ ଜଳ ସ୍ରୋତରୁ ମୃତ୍ତିକାକୁ ରକ୍ଷାକରନ୍ତି । ମାତ୍ର ଯେଉଁ ଅଞ୍ଚଳରେ ଜଙ୍ଗଲ ନଷ୍ଟ ହୋଇଥାଏ, ସେଠାରୁ ସହଜରେ ମାଟି ଧୋଇ ହୋଇଯାଏ । ସେହି ଭୂମି ଶୁଷ୍କ, ଟାଙ୍ଗର ଓ ଅନୁର୍ବର ହୋଇ ପଡ଼ିରହେ ।

ପୂର୍ବେ ଯେଉଁ ଅଞ୍ଚଳ ସୁନ୍ଦର ଓ ଶ୍ୟାମଳ ଶୋଭାସମ୍ପଦରେ ପରିପୂର୍ଣ୍ଣ ଥିଲା, ଅରଣ୍ୟ ନଷ୍ଟହେବା ଫଳରେ ଆଜି ତାହା ନୀରସ, କଙ୍କରିଳ ଓ ଊଷର ଭୂମିରେ ପରିଣତ ହୋଇଛି । ସେଥିପାଇଁ ବ୍ୟାପକ ବନୀକରଣ ଦ୍ୱାରା ମରୁଭୂମିର ସଂପ୍ରସାରଣରୁ ପୃଥିବୀକୁ ରକ୍ଷା କରିବାକୁ ଉଦ୍ୟମ ହେଉଛି ।

ବଣଜଙ୍ଗଲ ନଷ୍ଟହେବା ଫଳରେ ମୃତ୍ତିକା କ୍ଷୟ ଘଟି ଜଳଭଣ୍ଡାର ଓ ନଦୀ ପୁଷ୍କରିଣୀର ଶଯ୍ୟା ପୋତି ହୋଇଯାଏ । ବହୁ ଅର୍ଥ ବ୍ୟୟରେ ନିର୍ମିତ ଆମ ହୀରାକୁଦ ଜଳଭଣ୍ଡାର ଅନୁରୂପ ବିପଦର ସମ୍ମୁଖୀନ ହୋଇଛି । ଏହାର ପ୍ରତିକାର ଜଳଭଣ୍ଡାରର ଚତୁଃପାର୍ଶ୍ୱରେ ବିସ୍ତୃତ ଅରଣ୍ୟ ସୃଷ୍ଟିଦ୍ୱାରା ହିଁ ସମ୍ଭବ ।



ନିର୍ବିଚାରରେ ଜଙ୍ଗଲମାନ ଧ୍ୱଂସ କରାଯାଉଥିବାରୁ କାଠ, ଲାଖ, ମହୁ, ଝୁଣା ଆଦି ଜଙ୍ଗଲଜାତ ପଦାର୍ଥ କ୍ରମେ ଦୁର୍ମୂଲ୍ୟ ହୋଇପଡୁଛି । ଘନ ଜଙ୍ଗଲ ଅଭାବରୁ ଅନେକ ପଶୁପକ୍ଷୀ ମଧ୍ୟ ଲୋପ ପାଇଲେଣି । ଏବେ ବଞ୍ଚିରହିଥିବା ଦୁର୍ଲଭ ଜୀବଜନ୍ତୁ-ମାନଙ୍କର ସ୍ୱର ହୁଏତ ଆଉ କେତେ ଦିନ ପରେ ଶୁଣାଯିବ ନାହିଁ । ଅରଣ୍ୟଲବ୍ଧ ବହୁ ଔଷଧ, ଖାଦ୍ୟପଦାର୍ଥ ଓ ଅନ୍ୟାନ୍ୟ କଞ୍ଚାମାଲର ଅଭାବ ବଢ଼ିବାରେ ଲାଗିଛି । ମାନବର ପରମ କର୍ତ୍ତବ୍ୟ ହେଉଛି ଅରଣ୍ୟର ଯତ୍ନ ନେଇ ଏହି ପଶୁପକ୍ଷୀ ଓ ଜଙ୍ଗଲଜାତ ପଦାର୍ଥଗୁଡ଼ିକର ବିକାଶ ଘଟାଇବା ।



ଉଦ୍ଭିଦ ଓ ପ୍ରାଣୀ ପରସ୍ପର ନିର୍ଭରଶୀଳ । ପ୍ରାଣୀ ଜଗତର ବିନା ସାହାଯ୍ୟରେ ଉଦ୍ଭିଦଜଗତ ବଞ୍ଚିପାରେ; ମାତ୍ର ଉଦ୍ଭିଦଜଗତ ବ୍ୟତୀତ ପ୍ରାଣୀ ଜଗତ ବଞ୍ଚିବା ଏକାନ୍ତ ଅସମ୍ଭବ । ବାୟୁମଣ୍ଡଳର ବିଶୁଦ୍ଧତା, ବୃଷ୍ଟିପାତ, ମୃତ୍ତିକା ସଂରକ୍ଷଣ, ବିଭିନ୍ନ ଖାଦ୍ୟ, ପାନୀୟ, ବସ୍ତ୍ର ଓ ବାସଗୃହ ଇତ୍ୟାଦି ପାଇଁ ଆମେ ଉଦ୍ଭିଦଜଗତ ନିକଟରେ ଏକାନ୍ତ ଋଣୀ ।

ପୃଥିବୀରେ ଲୋକସଂଖ୍ୟାର ଦ୍ରୁତ ଅଭିବୃଦ୍ଧି ଫଳରେ ଉଦ୍ଭିଦଜଗତ ଉପରେ ପ୍ରବଳ ଚାପ ପଡୁଛି । କ୍ରମଶଃ ଜଙ୍ଗଲ ନଷ୍ଟ ହୋଇଯାଉଛି । ସତେ ଯେପରି ଆମେ ଯେଉଁ ଗଛର ଡାଳରେ ବସିଛୁ, ସେଇ ଡାଳର ମୂଳକୁ ହାଣୁଛୁ । ଏହି ଦୁଷ୍କର୍ମର ଅବସାନ ନ ଘଟିଲେ ଆମ ଦୁର୍ଦ୍ଦଶାର ସୀମା ରହିବ ନାହିଁ ।

ବୃକ୍ଷଲତା ଆମର ବନ୍ଧୁ । ଅରଣ୍ୟ ବିନାଶ ପରିବର୍ତ୍ତେ ନୂତନ ଅରଣ୍ୟ ସୃଷ୍ଟି ଆମର ଲକ୍ଷ୍ୟ ହେବା ଏକାନ୍ତ ଆବଶ୍ୟକ । ଏହି ଦୃଷ୍ଟିରୁ ଆମ ଦେଶରେ ବିଭିନ୍ନ ଯୋଜନା କାର୍ଯ୍ୟକାରୀ ହେଉଛି । ମୃତ୍ତିକା ସଂରକ୍ଷଣ, ବନ ସଂରକ୍ଷଣ, ସାମାଜିକ ବନୀକରଣ ଯୋଜନା ପ୍ରଭୃତି ଏହାର ଦୃଷ୍ଟାନ୍ତ ।

ବୃକ୍ଷଲତାକୁ 'ସବୁଜ ସ୍ୱର୍ଣ୍ଣ' ବୋଲି କୁହାଯାଏ । ଯଥାର୍ଥତଃ ଏହା ସ୍ୱର୍ଣ୍ଣଠାରୁ ମଧ୍ୟ ବହୁ ଗୁଣରେ ମୂଲ୍ୟବାନ୍ । ଆମେ ଏହି ଅମୂଲ୍ୟ ବନସମ୍ପଦର ସୁରକ୍ଷା ଓ ବିକାଶ ନ କଲେ ଆମର ସ୍ଥିତି ବିପନ୍ନ ହୋଇପଡ଼ିବ ।

**ଡ. ଜଗନ୍ନାଥ ମହାନ୍ତି (୧୯୩୭)**– ପୁରୀଜିଲ୍ଲାର ଗୋପଥାନା ଅନ୍ତର୍ଗତ ଜଙ୍ଗଲପୁରୀ ଗ୍ରାମରେ ଜନ୍ମ । ଜଣେ ବିଶିଷ୍ଟ ଶିଶୁସାହିତ୍ୟ ଲେଖକ ଭାବରେ ସୁପରିଚିତ । 'ଦରିଆ ଅଜାର ମଜାଦୁନିଆ' ପୁସ୍ତକ ପାଇଁ ସେ ଜାତୀୟ ପୁରସ୍କାର ଓ 'ଶଦର କୁହୁକ, ଆଲୁଅର ଲୁଚୁକାଳି' ପୁସ୍ତକ ପାଇଁ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର ଲାଭ କରିଛନ୍ତି । ସେ ଉଚ୍ଚଶିକ୍ଷା ବିଭାଗରେ ପ୍ରଫେସର ଭାବରେ କାର୍ଯ୍ୟକରି ଅବସର ନେଇଛନ୍ତି ।

**ସୂଚନା :**

ସମିଧ - ହୋମକାଠ    ଊଷର- କ୍ଷାରଯୁକ୍ତ ଅନୁର୍ବର ଭୂମି

ସବୁଜ ସ୍ୱର୍ଣ୍ଣ- ଗଛଲତାକୁ ଏଠାରେ ସୁନାପରି ମୂଲ୍ୟବାନ କୁହାଯାଇଛି ।

ଚରକ- ଭାରତୀୟ ଚିକିତ୍ସା ଶାସ୍ତ୍ରର ପ୍ରସିଦ୍ଧ ଲେଖକ । ତାଙ୍କ ଲିଖିତ 'ଚରକ ସଂହିତା' ଏକ ଉପାଦେୟ ଗ୍ରନ୍ଥ ।

**ଆସ ଜାଣିବା କେତୋଟି ନୂଆ ଶବ୍ଦ**

ଅନୁଧ୍ୟାନ, ଅରଣ୍ୟାନୀ, ନିର୍ଝରର, ମନୋନିବେଶ, କଙ୍କରିଳ, ଅବସାନ, ବନୀକରଣ, ଦୁର୍ଲଭ ।

# ଅଭ୍ୟାସ

୧. ଉତ୍ତର କୁହ :

(କ) ଶିଷ୍ୟ ଜଣକ ଗୁରୁଙ୍କ ପ୍ରଶ୍ନର କି ଉତ୍ତର ଦେଇଥିଲେ ?

(ଖ) ଚରକ କେଉଁ ଶାସ୍ତ୍ର ଲେଖି ପ୍ରସିଦ୍ଧି ଲାଭ କରିଛନ୍ତି ?

(ଗ) ବୃକ୍ଷରୋପଣ ଅଧିକ ପୁଣ୍ୟକାର୍ଯ୍ୟ ବୋଲି କାହିଁକି କୁହାଯାଇଛି ?

(ଘ) ଆଲୋକ ସଂଶ୍ଳେଷଣ ପ୍ରକ୍ରିୟାରେ ବୃକ୍ଷଲତା କ'ଣ କରନ୍ତି ?

(ଙ) ବୃକ୍ଷଲତା ନିକଟରେ ଆମେ ଋଣୀ ବୋଲି କହିବାର କାରଣ କ'ଣ ?

୨. ଉତ୍ତର ଲେଖ :

(କ) ଆମ ଓଡ଼ିଶାର କେଉଁ ଅଞ୍ଚଳରେ ଅଳ୍ପବୃଷ୍ଟି ହୋଇଥାଏ ?

(ଖ) ଜଙ୍ଗଲ କାଟିଦେବାଦ୍ୱାରା ଆମର କି କି କ୍ଷତି ହେଉଛି ?

(ଗ) ବୃକ୍ଷଲତାକୁ 'ସବୁଜ ସ୍ୱର୍ଣ୍ଣ' ବୋଲି କହିବାର ଯଥାର୍ଥତା କ'ଣ ?

(ଘ) କେଉଁ ଉପାୟରେ ଜଙ୍ଗଲର ବୃଦ୍ଧି କରାଯାଇ ପାରିବ ?

(ଙ) ମୃତ୍ତିକାକ୍ଷୟ ଘଟିବା ଫଳରେ କି କି କ୍ଷତି ହୁଏ ?

(ଚ) ଉଦ୍ଭିଦଜଗତର ବିନା ସାହାଯ୍ୟରେ ପ୍ରାଣୀଜଗତ ବଞ୍ଚିବା ଅସମ୍ଭବ କାହିଁକି ?

**୩. ସରଳ ଭାଷାରେ ବୁଝାଇ ଲେଖ :**

(କ) ସତେ ଯେପରି ମଣିଷ ଓ ପଶୁପକ୍ଷୀଙ୍କୁ ରୋଗମୁକ୍ତ କରି ସେମାନଙ୍କୁ ସୁସ୍ଥ ସବଳ ରଖିବା ପାଇଁ ସେମାନେ ଜନ୍ମ ନେଇଛନ୍ତି ।

(ଖ) ସମ୍ପ୍ରତି ବୃକ୍ଷଲତା ଅଭାବରେ ମନୁଷ୍ୟ କିପରି ବିପଦର ସମ୍ମୁଖୀନ ହୋଇଛି, ତାହା ସହଜରେ ଅନୁମେୟ ।

**୪. 'ମୁକ୍ତ' ଶବ୍ଦ ଲଗାଇ ଯେଉଁପରି 'ରୋଗମୁକ୍ତ' ଶବ୍ଦ ହୋଇଛି, ସେହିପରି 'ମୁକ୍ତ' ଲଗାଇ ଆଉ ତିନୋଟି ଶବ୍ଦ ଲେଖ ।**

**୫. ଯେପରି 'ସଂପ୍ରସାରଣ' ଶବ୍ଦରୁ 'ସଂପ୍ରସାରିତ', 'ନିର୍ମାଣ' ଶବ୍ଦରୁ 'ନିର୍ମିତ' ହୋଇପାରୁଛି, ସେହିଭଳି ତଳଲିଖିତ ଶବ୍ଦଗୁଡ଼ିକର ରୂପ କ'ଣ ହେବ ଲେଖ :**

ପଠନ, ଗ୍ରହଣ, ଲିଖନ, ଚର୍ବଣ, କମ୍ପନ,

**୬. ପଶୁ ଓ ପକ୍ଷୀ ମିଶିଲେ ପଶୁପକ୍ଷୀ ହେଉଛି । ସେହିପରି ପାଞ୍ଚଟି ଯୋଡ଼ାଶବ୍ଦ ଏହି ପାଠରୁ ଖୋଜି ଲେଖ ।**

**୭. 'ଶ୍ୟାମଳ ଅରଣ୍ୟ' । ଏଠାରେ 'ଶ୍ୟାମଳ' ଶବ୍ଦଟି ଏକ ବିଶେଷଣ ପଦ । ସେହିପରି 'ଅରଣ୍ୟ' ପୂର୍ବରୁ ଆଉ ୩ଟି ବିଶେଷଣ ପଦ ଲଗାଇ ନୂଆ ଶବ୍ଦ ଲେଖ ।**

**୮. 'ଉପକାର' ଶବ୍ଦ ସହିତ 'ଈ' ଲାଗିଲେ 'ଉପକାରୀ' ହେଉଛି । ସେହିପରି ଶେଷରେ 'ଈ' ଲାଗିଥିବା ପାଞ୍ଚଗୋଟି ଶବ୍ଦ ମନରୁ ଭାବି ଲେଖ ।**

୯. ତଳେ ଦିଆଯାଇଥିବା ଅନୁଚ୍ଛେଦରୁ 'ଓ' ଏବଂ 'ମାତ୍ରା' ଉଠାଇ ନିଆଯାଇଛି । ଯଥା ସ୍ଥାନରେ ସେଗୁଡ଼ିକୁ ଯୋଗକରି ଅନୁଚ୍ଛେଦଟିକୁ ଆଉଥରେ ଲେଖ ।

ବୃକ୍ଷଲତା ମୃତ୍ତିକା ସଂରକ୍ଷଣରେ ମଧ୍ୟ ସାହାଯ୍ୟ କରିଥାନ୍ତି । ସେମାନେ ଭୂମି ଉପରେ ଚେର ବିସ୍ତାର କରି ଉପରେ ଡାଳପତ୍ର ଡାଙ୍କି ବର୍ଷା ଜଳ ସ୍ରୋତରୁ ମୃତ୍ତିକାକୁ ରକ୍ଷାକରନ୍ତି । ଯେଉଁ ଅଞ୍ଚଳରେ ଜଙ୍ଗଲ ନଷ୍ଟ ହୋଇଥାଏ ସେଠାରୁ ସହଜରେ ମାଟି ଧୋଇହୋଇଯାଏ । ସେହି ଭୂମି ଶୁଷ୍କ ଟାଙ୍ଗର ଅନୁର୍ବର ହୋଇ ପଡ଼ିରହେ ।

୧୦. ବନ୍ଧନୀ ମଧ୍ୟରୁ ଉପଯୁକ୍ତ ଶବ୍ଦ ବାଛି ନିମ୍ନ ବାକ୍ୟ ଗୁଡ଼ିକରେ ଥିବା ଶୂନ୍ୟସ୍ଥାନକୁ ପୂରଣ କରି ଲେଖ :

(କ) ସେମାନଙ୍କ ଶିକ୍ଷା କେବଳ ------------- ମଧ୍ୟରେ ସୀମିତ ନୁହେଁ ।

(ଖ) ବୃକ୍ଷଲତା ------------ ହେବାରେ ସାହାଯ୍ୟ କରନ୍ତି ।

(ଗ) ଏଥର ତୁମେ ଫେରିଯାଅ । ସମାଜ ----------- ରେ ମନୋନିବେଶ କର ।

(ବର୍ଷା, ସେବା, ପୁସ୍ତକ ପଠନ, ସ୍ୱଗୃହରେ)

୧୧. ଶବ୍ଦଗୁଡ଼ିକୁ ଉପଯୁକ୍ତ କ୍ରମରେ ସଜାଇ ବାକ୍ୟଟିକୁ ଠିକ୍ ଭାବରେ ଲେଖ ।

ସଂଶ୍ଳେଷଣ ବାୟୁରୁ ଅଙ୍ଗାରକାମ୍ଳ ପ୍ରକ୍ରିୟାରେ ବୃକ୍ଷଲତା ଗ୍ରହଣ କରି ଆଲୋକ ଛାଡ଼ନ୍ତି ଅମ୍ଳଜାନ ବାଷ୍ପ ।

## ତୁମ ପାଇଁ କାମ

୧. ବୃକ୍ଷଲତାଙ୍କ ଉପକାରିତା ସମ୍ପର୍କରେ ବର୍ଣ୍ଣନାକରି ତୁମର ସାନଭାଇ ପାଖକୁ ପତ୍ରଟିଏ ଲେଖ ।

୨. ତୁମ ଘର ଚାରିପାଖରେ ଥିବା ବିଭିନ୍ନ ଗଛର ନାମ ଲେଖ । ସେଗୁଡ଼ିକ ମଧ୍ୟରୁ କେଉଁଗୁଡ଼ିକୁ ଔଷଧ ରୂପେ ବ୍ୟବହାର କରିହୁଏ, ତା'ର ଏକ ତାଲିକା ପ୍ରସ୍ତୁତ କର ।

# ଅଲିମ୍ପିକ୍ କ୍ରୀଡ଼ା

ବୀରେନ୍ଦ୍ର କୁମାର ସାମନ୍ତରାୟ

ଦେଶଦେଶ ମଧ୍ୟରେ ମୈତ୍ରୀ ଏବଂ ସଦ୍ଭାବ ପ୍ରତିଷ୍ଠା ପାଇଁ କ୍ରୀଡ଼ା ହିଁ ମୁଖ୍ୟ ଭୂମିକା ଗ୍ରହଣ କରିଆସିଛି । ଏହି କ୍ରୀଡ଼ା ଯୁବସମାଜକୁ କେବଳ ଅଗ୍ରଗାମୀ ହେବା ପାଇଁ ପ୍ରେରଣା ଯୋଗାଇ ନ ଥାଏ, ଏହା ଶରୀର ଗଠନ ତଥା ଶୃଙ୍ଖଳା ଶିକ୍ଷା ଦିଗରେ ମଧ୍ୟ ସହାୟକ ହୋଇଥାଏ । ଜାତି, ଧର୍ମ ଓ ବର୍ଣ୍ଣ ନିର୍ବିଶେଷରେ ଏହା ସମସ୍ତଙ୍କୁ ଏକତା ରଜ୍ଜୁରେ ବାନ୍ଧି ଦେଇଥାଏ । ସେଥିପାଇଁ ପୃଥିବୀର ବିଭିନ୍ନ ଦେଶରେ ବିଭିନ୍ନ ସମୟରେ ନାନା ପ୍ରକାର କ୍ରୀଡ଼ା ଉତ୍ସବମାନ ଆୟୋଜିତ ହୋଇଥାଏ । ଏ ସବୁଗୁଡ଼ିକ ମଧ୍ୟରେ ଅଲିମ୍ପିକ୍ କ୍ରୀଡ଼ାକୁ ସର୍ବଶ୍ରେଷ୍ଠ ବୋଲି ଗ୍ରହଣ କରାଯାଇଛି । ଏହା ହେଉଛି ଏକ ଆନ୍ତର୍ଜାତିକ କ୍ରୀଡା ପ୍ରତିଯୋଗିତା ଏବଂ ଏଥିରେ ଯେଉଁମାନେ ବିଜୟୀ ହୁଅନ୍ତି, ସେମାନଙ୍କୁ ବିଶ୍ୱର ଶ୍ରେଷ୍ଠ ଖେଳାଳି ଭାବରେ ସମ୍ମାନ ଦିଆଯାଏ ।

ପ୍ରାଚୀନ ଗ୍ରୀସ୍ ଦେଶ ହେଉଛି ଅଲିମ୍ପିକ୍ କ୍ରୀଡ଼ାର ଜନ୍ମସ୍ଥଳୀ । ଖ୍ରୀଷ୍ଟପୂର୍ବ ୭୭୬ରେ ସେଇ ଦେଶରେ ପ୍ରଥମ କରି ଏହା ଅନୁଷ୍ଠିତ ହୋଇଥିଲା । ଏହାର ଆରମ୍ଭ ସମ୍ପର୍କରେ ନାନା ପ୍ରକାର କାହାଣୀ ପ୍ରଚଳିତ ଅଛି । କେତେକ କହନ୍ତି, ସେତେବେଳେ ଗ୍ରୀସ୍‌ର ଅଲିମ୍ପସ ନାମକ ପାହାଡ଼ ଉପରେ ଗ୍ରୀକ୍‌ମାନଙ୍କର ପ୍ରସିଦ୍ଧ ଦେବତା ''ଜିଉସ୍' ପୂଜା ପାଉଥିଲେ । ତାଙ୍କୁ ଭକ୍ତି ଓ ସମ୍ମାନ ଜଣାଇବା ଉଦ୍ଦେଶ୍ୟରେ ପ୍ରତି ଚାରିବର୍ଷରେ ଥରେ ଲେଖାଏଁ ସେଠାରେ ଏକ ବିରାଟ ମେଳାର ଆୟୋଜନ କରାଯାଉଥିଲା । ଏହି ମେଳାରେ ଯୋଗଦେଉଥିବା ଯୁବକମାନଙ୍କ ମଧ୍ୟରେ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହେଉଥିଲା । ଏହା ଅଲିମ୍ପିକ୍ କ୍ରୀଡ଼ା ନାମରେ ପରିଚିତ ଥିଲା । ଆଉ କେହିକେହି କହନ୍ତି, ପ୍ରାଚୀନ ଗ୍ରୀସ୍‌ର ଆଲଫିଅସ୍ ନଦୀ କୂଳରେ ଥିବା 'ଅଲିମ୍ପିଆ' ନାମକ ଏକ ବିରାଟ ପଡ଼ିଆରେ ଏହି କ୍ରୀଡାର ଆୟୋଜନ ହେଉଥିଲା । ଏହା ପାଞ୍ଚଦିନ ପର୍ଯ୍ୟନ୍ତ ଚାଲୁଥିଲା । ଏହା ମଧ୍ୟ ଗ୍ରୀକ୍ ଦେବତା ''ଜିଉସ୍'ଙ୍କ ସମ୍ମାନାର୍ଥେ ଅନୁଷ୍ଠିତ ହେଉଥିଲା । ଅଲିମ୍ପିଆ ପଡ଼ିଆରେ ଅନୁଷ୍ଠିତ ହେଉଥିବାରୁ ଏହାର ନାମ ଥିଲା ଅଲିମ୍ପିକ୍ କ୍ରୀଡ଼ା ।



ପ୍ରାଚୀନ ଗ୍ରୀସ୍‌ର ଅଧିବାସୀମାନେ ଥିଲେ ଅତ୍ୟନ୍ତ କ୍ରୀଡ଼ା ପ୍ରିୟ । ସେମାନେ ଉତ୍ତମ ସ୍ୱାସ୍ଥ୍ୟ ଏବଂ ଶରୀର ଗଠନ ଉପରେ ଅଧିକ ଗୁରୁତ୍ୱ ଦେଉଥିଲେ । ସେମାନେ ବିଶ୍ୱାସ କରୁଥିଲେ ଯେ କ୍ରୀଡ଼ା କସରତ ସମୟରେ ଶରୀରରୁ ଯେଉଁ ଝାଳ ନିର୍ଗତ ହୁଏ,

ସେଥିରେ ଶରୀରର ସବୁ ଆବର୍ଜନା ବାହାରିଯାଏ ଏବଂ ତାହା ଦ୍ୱାରା ଦେହ ନିର୍ମଳ ରହେ । ଅଲିମ୍ପିକ୍ କ୍ରୀଡ଼ାକୁ ସେମାନେ ଏକ ପବିତ୍ର ଉତ୍ସବ ରୂପେ ଗଣନା କରୁଥିଲେ। ଯେଉଁ ବର୍ଷ ଏହି କ୍ରୀଡ଼ା ଅନୁଷ୍ଠିତ ହେଉଥିଲା, ସେ ବର୍ଷକୁ ଲୋକେ ଶାନ୍ତିର ବର୍ଷରୂପେ ପାଳନ କରୁଥିଲେ। ଏପରିକି ଗ୍ରୀସ୍‌ର ରାଜାମାନେ ନିଜନିଜ ମଧ୍ୟରେ ଚାଲିଥିବା ଯୁଦ୍ଧ ବନ୍ଦ କରି ଦେଉଥିଲେ। କେହି ଜଣେ ଅଲିମ୍ପିକ ଉତ୍ସବକୁ ଯାଉଛି ବୋଲି କହିଲେ, ବାଟରେ କେହି ତା'ର ପ୍ରତିରୋଧ କରୁ ନ ଥିଲେ। ଅଲିମ୍ପିକ୍ କ୍ରୀଡ଼ାରେ ଯେଉଁମାନେ ବିଜୟୀ ହେଉଥିଲେ, ପୁରସ୍କାରସ୍ୱରୂପ ତାଙ୍କ ମୁଣ୍ଡରେ ଅଲିଭ ଡାଳର ଏକ ମୁକୁଟ ପିନ୍ଧାଇ ଦିଆଯାଉଥିଲା। ଅଲିଭ ଡାଳକୁ ସେ ଦେଶର ଲୋକେ ଅତ୍ୟନ୍ତ ପବିତ୍ର ତଥା ଶାନ୍ତିର ପ୍ରତୀକଭାବେ ବିବେଚନା କରିଥାଆନ୍ତି।

ଅଲିମ୍ପିକ୍ କ୍ରୀଡ଼ା ଖ୍ରୀଷ୍ଟପୂର୍ବ ୭୭୬ ରୁ ଆରମ୍ଭ ହୋଇ ଖ୍ରୀଷ୍ଟାବ୍ଦ ୩୯୩ ପର୍ଯ୍ୟନ୍ତ ପ୍ରତି ଚାରିବର୍ଷରେ ଥରେ ଲେଖାଏଁ ନିୟମିତ ଅନୁଷ୍ଠିତ ହେଉଥିଲା। ପ୍ରତିଯୋଗିତାରେ ବହୁ ଲୋକ ଏକତ୍ର ହେଉଥିବାରୁ ନିଜ ଶାସନ ପ୍ରତି ବିପଦ ଆଶଙ୍କା କରି ତତ୍କାଳୀନ ସମ୍ରାଟ ଥିଓଡରସ୍ ୩୯୪ ଖ୍ରୀଷ୍ଟାବ୍ଦରୁ ଏହାକୁ ବନ୍ଦ କରି ଦେଇଥିଲେ। ଏହାର ପ୍ରାୟ ଦେଢ଼ ହଜାର ବର୍ଷ ପରେ 'ଫ୍ରାନ୍ସର ଜଣେ କ୍ରୀଡ଼ାପ୍ରେମୀ ଏହାର ପୁନଃ ପ୍ରତିଷ୍ଠା ପାଇଁ ଉଦ୍ୟମ କରିଥିଲେ। ତାଙ୍କ ନାମ ହେଉଛି ବାରେନ୍ ପିଏଦା କୋବର୍ତ୍ତା। ଚଉଦଟି ଦେଶର ମୋଟ ୨୪୧ ଜଣ ଖେଳାଳିଙ୍କୁ ନେଇ ୧୮୯୬ ମସିହା ଏପ୍ରିଲ୍ ଛ' ତାରିଖ ଦିନ ଗ୍ରୀସ୍ ଦେଶର ଏଥେନ୍ସ ନଗରୀରେ ସେ ପୁଣି ଥରେ ଅଲିମ୍ପିକ କ୍ରୀଡ଼ାର ଆୟୋଜନ କରିଥିଲେ। ଏହା ହିଁ ହେଉଛି ଆଧୁନିକ ଅଲିମ୍ପିକ୍ କ୍ରୀଡ଼ାର ଜନ୍ମଦିନ। ସେଇ ଦିନଠାରୁ ଏହା ପ୍ରତି ଚାରିବର୍ଷରେ ଥରେ ଲେଖାଏଁ ପୃଥିବୀର ବିଭିନ୍ନ ଦେଶରେ ଅନୁଷ୍ଠିତ ହେଉଛି। କ୍ରୀଡ଼ାରେ ଭାଗନେଉଥିବା ଦେଶ ଏବଂ ଖେଳାଳିମାନଙ୍କର ସଂଖ୍ୟା ପ୍ରତି ଥର ବୃଦ୍ଧି ପାଉଛି। ଗତ ୨୦୦୮ ମସିହାରେ ଚୀନ୍‌ର ବେଜିଙ୍ଗ୍‌ଠାରେ ଅନୁଷ୍ଠିତ ହୋଇଥିବା କ୍ରୀଡ଼ା ଉତ୍ସବରେ ଛୋଟବଡ଼ ମୋଟ ୨୦୫ଟି ଦେଶର ୧୦,୫୦୦ ଖେଳାଳି ଭାଗ ନେଇଥିଲେ।

ଅଲିମ୍ପିକ୍ କ୍ରୀଡ଼ାର ପରିଚାଳନା ପାଇଁ 'ଆନ୍ତର୍ଜାତୀୟ ଅଲିମ୍ପିକ୍' କମିଟି ନାମରେ ଗୋଟିଏ ଅନୁଷ୍ଠାନ ଅଛି। ସୁଇଜରଲ୍ୟାଣ୍ଡର ଲୁସେନ୍ ସହରରେ ଏହାର ମୁଖ୍ୟ କାର୍ଯ୍ୟାଳୟ ଅବସ୍ଥିତ। ବିଭିନ୍ନ ଦେଶର ପ୍ରତିନିଧିମାନେ ଏହି କମିଟିରେ ସଭ୍ୟ ଅଛନ୍ତି। ଏହାର ଏକ ନିୟମାବଳୀ ଅଛି ଏବଂ ପ୍ରତ୍ୟେକ ଖେଳ ପାଇଁ କେତେଗୁଡ଼ିଏ ନିର୍ଦ୍ଦିଷ୍ଟ ନିୟମ ଓ ଶୃଙ୍ଖଳା ସ୍ଥିର କରାଯାଇଛି। ସେଇ ଶୃଙ୍ଖଳାକୁ ସମସ୍ତେ ମାନିବାକୁ ବାଧ୍ୟ। ଆନ୍ତର୍ଜାତୀୟ ଅଲିମ୍ପିକ କମିଟି ଭଳି ବିଭିନ୍ନ ଦେଶରେ ନିଜନିଜର ଗୋଟିଏ ଲେଖାଁ ଅଲିମ୍ପିକ କମିଟି ଅଛି। ଏହି କମିଟି ବିଭିନ୍ନ କ୍ରୀଡ଼ା ପାଇଁ ନିଜ ଦେଶରୁ ଖେଳାଳି ନିର୍ବାଚନ କରନ୍ତି।

କ୍ରୀଡ଼ା ପ୍ରତିଯୋଗିତା ଆରମ୍ଭ ହେବା ପୂର୍ବରୁ ଗ୍ରୀକ୍ ଦେବତା ଜିଉସ୍‌ଙ୍କ ମନ୍ଦିରରୁ ଅଗ୍ନି ଆଣି ପ୍ରଧାନ ଷ୍ଟାଡ଼ିଅମ୍‌ର ସମ୍ମୁଖରେ ଜଳାଇ ରଖାଯାଏ। ତାହାକୁ 'ଅଲିମ୍ପିକ୍ ଜ୍ୟୋତି' ବୋଲି କୁହାଯାଏ। ଏହି ଅଗ୍ନିକୁ ମଶାଲରେ ଧରି ବିଭିନ୍ନ ଦେଶରେ ଶୋଭାଯାତ୍ରା କରାଯାଏ। ଶୋଭାଯାତ୍ରାବେଳେ ବିଭିନ୍ନ ଦେଶରେ ମଶାଲକୁ ସ୍ୱାଗତ କରାଯାଏ।

ଏହି ପ୍ରତିଯୋଗିତା ନୃତ୍ୟ, ଗୀତ, ବାଦ୍ୟ ଓ ନାନା ପ୍ରକାର ଆତସବାଜି କାର୍ଯ୍ୟକ୍ରମ ମଧ୍ୟରେ ଖୁବ୍ ଆଡମ୍ବର ସହକାରେ ଆରମ୍ଭ କରାଯାଏ। ଯେଉଁ ଦେଶରେ ଏହା ଅନୁଷ୍ଠିତ ହୋଇଥାଏ, ସେ ଦେଶର ଶାସନମୁଖ୍ୟ ଏହାକୁ ଉଦ୍‌ଘାଟନ କରନ୍ତି।

ଆନ୍ତର୍ଜାତିକ ଅଲିମ୍ପିକ କମିଟିର ସଭାପତି ତାଙ୍କୁ ସମ୍ମାନର ସହିତ ମଞ୍ଚ ଉପରକୁ ପାଛୋଟି ନିଅନ୍ତି । ମଞ୍ଚ ସମ୍ମୁଖରେ ସର୍ବ ପ୍ରଥମେ ଗ୍ରୀସ୍‌ଦେଶର ପ୍ରତିଯୋଗୀମାନେ ବାଦ୍ୟର ତାଳେ ତାଳେ ଶୋଭାଯାତ୍ରା କରି ଯାଆନ୍ତି । ତା'ପରେ ବର୍ଣ୍ଣମାଳାର କ୍ରମ ଅନୁସାରେ ଅନ୍ୟାନ୍ୟ ଦେଶର ପ୍ରତିଯୋଗୀମାନେ ଏବଂ ସର୍ବଶେଷରେ ଆୟୋଜକ ଦେଶର ପ୍ରତିଯୋଗୀମାନେ ଶୋଭାଯାତ୍ରାରେ ଯାଆନ୍ତି । ପ୍ରତିଯୋଗୀମାନେ ଶୋଭାଯାତ୍ରାରେ ଗଲାବେଳେ ନିଜନିଜ ଦେଶର ଜାତୀୟ ପତାକାକୁ ଭୂମି ସହିତ ସମାନ୍ତରାଳଭାବେ ଧରି ଯାଆନ୍ତି ।



ଯେଉଁ ଦେଶରେ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହେଉଥାଏ, ସେହି ଦେଶର ଜାତୀୟ ସଂଗୀତ ଗାନ କରାଯିବା ସହିତ ଜାତୀୟ ପତାକା ଏବଂ ଅଲିମ୍ପିକ୍ ପତାକା ଉତ୍ତୋଳନ କରି ଉତ୍ସବ ଉଦ୍‌ଘାଟନ କରାଯାଏ । ଅଲିମ୍ପିକ୍ ପତାକାର ରଙ୍ଗ ଧଳା ଏବଂ ଏଥିରେ ଛନ୍ଦାଛନ୍ଦି ହୋଇ ବିଭିନ୍ନ ରଙ୍ଗର ପାଞ୍ଚଟି ବଳୟ ବା ବୃତ୍ତ ଅଙ୍କିତ ହୋଇଛି । ବଳୟଗୁଡ଼ିକର ରଙ୍ଗ ଲାଲ୍, ନୀଳ, ସବୁଜ, ହଳଦୀ ଏବଂ କଳା । ବଳୟଗୁଡ଼ିକ ଏସିଆ, ଇଉରୋପ, ଆମେରିକା, ଆଫ୍ରିକା ଓ ଅଷ୍ଟ୍ରେଲିଆ– ଏହି ପାଞ୍ଚଟି ମହାଦେଶର ପ୍ରତୀକ । ଆଣ୍ଟାର୍କଟିକା ମହାଦେଶରେ ଜନବସତି ନ ଥିବାରୁ ଏହାକୁ ନିଆଯାଇ ନାହିଁ । ବଳୟଗୁଡ଼ିକ ଛନ୍ଦାଛନ୍ଦି ହୋଇ ରହିବାର ଅର୍ଥ ହେଉଛି ପରସ୍ପର ମଧ୍ୟରେ ଏକତା ଓ ବନ୍ଧୁତ୍ୱ ରକ୍ଷା କରିବା ।



ବିଭିନ୍ନ ଦେଶରୁ ଆସିଥିବା ଖେଳାଳିମାନେ ଯେଉଁ ଶିବିରରେ ରହନ୍ତି, ତାକୁ 'ଅଲିମ୍ପିକ ଗ୍ରାମ' ବୋଲି କୁହାଯାଏ । ଦେଶଦେଶ ମଧ୍ୟରେ ଭ୍ରାତୃଭାବ ଏବଂ ସୁସମ୍ପର୍କ ବୃଦ୍ଧିରେ ଏହା ସହାୟକ ହୋଇଥାଏ । ୧୮୯୬ରେ ଅନୁଷ୍ଠିତ ପ୍ରଥମ ଆଧୁନିକ ଅଲିମ୍ପିକ୍ କ୍ରୀଡ଼ାରେ ମୋଟ ନଅଟି ବିଷୟରେ ପ୍ରତିଯୋଗିତା ହେଉଥିବାବେଳେ ଏବେ ମାରାଥନ ଦୌଡ, ମୁଷ୍ଟିଯୁଦ୍ଧ, ଖଡ୍‌ଗ ଯୁଦ୍ଧ, ଭାରୋତ୍ତୋଳନ, ଲକ୍ଷ୍ୟଭେଦ, ହକି, ଫୁଟ୍‌ବଲ୍, ଟେନିସ୍, ସାଇକେଲ ଚାଳନା, ସନ୍ତରଣ, ଲମ୍ବଡିଆଁ ଓ ଉଚ୍ଚଡିଆଁ ଇତ୍ୟାଦି ୩୫ ପ୍ରକାର ଖେଳରେ ପ୍ରାୟ ୪୦୦ ପ୍ରକାର ପ୍ରତିଯୋଗିତା ଅନୁଷ୍ଠିତ ହେଉଛି । ବହୁଦିନ ପର୍ଯ୍ୟନ୍ତ ଅଲିମ୍ପିକ୍ କ୍ରୀଡ଼ାରେ ଭାଗନେବାକୁ ମହିଳାମାନଙ୍କୁ ଅନୁମତି ଦିଆଯାଉ ନଥିଲା । ଏବେ କିନ୍ତୁ ବହୁ ସଂଖ୍ୟାରେ ମହିଳା ଯୋଗଦେଇ ନିଜର କୃତିତ୍ୱ ପ୍ରଦର୍ଶନ କରୁଛନ୍ତି । ୨୦୦୦ ମସିହାରେ ଅଷ୍ଟ୍ରେଲିଆର ସିଡ଼୍‌ନୀ ଠାରେ ଅନୁଷ୍ଠିତ ଅଲିମ୍ପିକ୍ କ୍ରୀଡ଼ାରେ ଭାରତର ଜଣେ ମହିଳା କ୍ରୀଡ଼ାବିତ୍ କରନାମ ମାଲେଶ୍ୱରୀ ଭାରୋତ୍ତୋଳନରେ ବ୍ରୋଞ୍ଜ ପଦକ ଲାଭ କରିଥିଲେ ।



ବିଜୟୀ ଖେଳାଳିମାନଙ୍କୁ ପ୍ରଥମ ସ୍ଥାନ ପାଇଁ ସ୍ୱର୍ଣ୍ଣ ପଦକ, ଦ୍ୱିତୀୟ ସ୍ଥାନ ପାଇଁ ରୌପ୍ୟ ପଦକ ଏବଂ ତୃତୀୟ ସ୍ଥାନ ପାଇଁ ବ୍ରୋଞ୍ଜ ପଦକ ପ୍ରଦାନ କରାଯାଇଥାଏ । ବିଜୟୀମାନେ ପଦକ ନେବାବେଳେ ସେହିସେହି ଦେଶର ଜାତୀୟ ପତାକା ଉତ୍ତୋଳନ କରାଯାଇ ଜାତୀୟ ସଂଗୀତ ଗାନ କରାଯାଏ । ପ୍ରଥମ ଦିନ ଭଳି ଶେଷ ଦିନ ମଧ୍ୟ ନୃତ୍ୟ, ଗୀତ, ବାଦ୍ୟ ପରିବେଷଣ କରାଯାଇଥାଏ । ଖେଳର ଶେଷ ଦିନ ସବୁଦେଶର ଖେଳାଳି ନିଜନିଜ ଦେଶର ଜାତୀୟ ପତାକା ଧରି ଗୋଟିଏ ଧାଡ଼ିରେ ଶୋଭାଯାତ୍ରା କରି ପଡ଼ିଆ ମଧ୍ୟକୁ ଆସନ୍ତି । ଅଲିମ୍ପିକ ସଂଗୀତ ଗାନ କରାଯାଇ ଅଲିମ୍ପିକ ପତାକାକୁ ଅବତରଣ କରାଯାଏ । ଏହା ପରେ ପ୍ରଥମ ଦିନରୁ ଜଳୁଥିବା ଅଲିମ୍ପିକ ଜ୍ୟୋତିକୁ ଲିଭାଇ ଦେଇ ଉତ୍ସବର ପରିସମାପ୍ତି ଘୋଷଣା କରାଯାଏ ।



ଆଧୁନିକ ଅଲିମ୍ପିକ କ୍ରୀଡ଼ା ପ୍ରତିଯୋଗିତାରେ ଭାରତ ନିୟମିତ ଯୋଗଦେଇ ଆସୁଛି । ହକି ଖେଳରେ ଭାରତ ବହୁବାର ସ୍ୱର୍ଣ୍ଣ ପଦକ ଲାଭ କରି ସମଗ୍ର ବିଶ୍ୱରେ ଏକ ସ୍ୱତନ୍ତ୍ର ମର୍ଯ୍ୟାଦାର ଅଧିକାରୀ ହୋଇପାରିଛି । ହକି ପାଇଁ ଆମକୁ ଆଠଥର ସ୍ୱର୍ଣ୍ଣ ପଦକ, ଦୁଇଥର ରୌପ୍ୟ ପଦକ ଏବଂ ଥରେ ବ୍ରୋଞ୍ଜ ପଦକ ମିଳିଛି । ବେଜିଂଠାରେ ଅନୁଷ୍ଠିତ ଗତ ୨୦୦୮ ମସିହାର ଅଲିମ୍ପିକ୍ କ୍ରୀଡ଼ାରେ ଭାରତର କ୍ରୀଡ଼ାବିତ୍ ଅଭିନବ ବିନ୍ଦ୍ରା ବନ୍ଧୁକ ଚାଳନାରେ ପ୍ରଥମ ହୋଇ ସ୍ୱର୍ଣ୍ଣ ପଦକ ଲାଭ କରିଛନ୍ତି । ବ୍ୟକ୍ତିଗତ ସ୍ୱର୍ଣ୍ଣ ପଦକ ଲାଭ କରିବାରେ ସେ ହେଉଛନ୍ତି ଭାରତରେ ପ୍ରଥମ । ଏହା ବ୍ୟତୀତ କୁସ୍ତିରେ ସୁଶୀଲ କୁମାର ଏବଂ ବକ୍ସିଂରେ ବିଜେନ୍ଦ୍ର ସିଂ ପ୍ରତ୍ୟେକ ଗୋଟିଏ ଲେଖାଏଁ ବ୍ରୋଞ୍ଜ ପଦକ ଲାଭ କରିଛନ୍ତି ।



କେବଳ ପଦକ ଲାଭ ନୁହେଁ, କ୍ରୀଡ଼ାରେ ଅଂଶଗ୍ରହଣ କରି ଉତ୍ତମ କ୍ରୀଡ଼ା ନୈପୁଣ୍ୟ ପ୍ରଦର୍ଶନ କରିବା ହେଉଛି ଏହି ପ୍ରତିଯୋଗିତାର ପ୍ରଧାନ ଉଦ୍ଦେଶ୍ୟ ।

**ବୀରେନ୍ଦ୍ର କୁମାର ସାମନ୍ତରାୟ (୧୯୪୬)–** ଖୋର୍ଦ୍ଧା ଜିଲ୍ଲାର ପାଳସାହିରେ ଜନ୍ମ । ଜଣେ ପ୍ରତିଷ୍ଠିତ ଶିଶୁସାହିତ୍ୟ ଲେଖକ ଭାବରେ ପରିଚିତ । 'ରାଜାର ସ୍ୱପ୍ନ' ପୁସ୍ତକ ପାଇଁ ସେ ଜାତୀୟ ପୁରସ୍କାର ଏବଂ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର ଲାଭ କରିଛନ୍ତି । ତାଙ୍କ ରଚିତ 'ପିଲାଙ୍କ ବିଶ୍ୱକୋଷ' ଓ 'ଉତ୍କଳ ପ୍ରଦୀପ' ପୁସ୍ତକ ଦୁଇଟି ଅତ୍ୟନ୍ତ ଉପାଦେୟ ।

**ଆସ ଜାଣିବା କେତୋଟି ନୂଆ ଶବ୍ଦ**

ମୈତ୍ରୀ, ଅଗ୍ରଗାମୀ, ରଜ୍ଜୁ, ପ୍ରତିରୋଧ, ବିବେଚନା, ପ୍ରତିନିଧି, ସମାନ୍ତରାଳ ମୁଷ୍ଟିଯୁଦ୍ଧ, ଭାରୋତ୍ତୋଳନ, ସନ୍ତରଣ, ପ୍ରଦର୍ଶନ

# ଅଭ୍ୟାସ

୧. **ଉତ୍ତର କୁହ :**

(କ) କେଉଁ ଦେଶ ଅଲିମ୍ପିକ୍ କ୍ରୀଡ଼ାର ଜନ୍ମସ୍ଥଳୀ ରୂପେ ପରିଚିତ ?

(ଖ) ଗ୍ରୀସ୍ ଦେଶର କେଉଁ ଦେବତାଙ୍କ ଉଦ୍ଦେଶ୍ୟରେ ମେଳା ଆୟୋଜିତ ହେଉଥିଲା ?

(ଗ) ଗ୍ରୀସ୍ ଦେଶରେ ଅଲିଭ ଡାଳକୁ କାହାର ପ୍ରତୀକ ଭାବରେ ବିବେଚନା କରାଯାଏ ?

(ଘ) ଆନ୍ତର୍ଜାତୀୟ ଅଲିମ୍ପିକ୍ କମିଟିର ମୁଖ୍ୟ କାର୍ଯ୍ୟାଳୟ କେଉଁଠାରେ ଅବସ୍ଥିତ ?

(ଙ) ଭାରତର କେଉଁ ମହିଳା ଖେଳାଳି ସର୍ବ ପ୍ରଥମେ ବ୍ରୋଞ୍ଜ ପଦକ ଲାଭ କରିଥିଲେ ?

୨. **ଉତ୍ତର ଲେଖ :**

(କ) କ୍ରୀଡ଼ା କେଉଁ କେଉଁ ଦିଗରେ ସହାୟକ ହୋଇଥାଏ ?

(ଖ) ଅଲିମ୍ପିକ୍ କ୍ରୀଡାର ଏପରି ନାମକରଣ କାହିଁକି କରାଯାଇଛି ?

(ଗ) ଅଲିମ୍ପିକ୍ କ୍ରୀଡ଼ାରେ ବ୍ୟବହୃତ ପତାକାରେ ଥିବା ବଳୟଗୁଡ଼ିକ କାହାର ପ୍ରତୀକ ଅଟନ୍ତି ?

(ଘ) ଅଲିମ୍ପିକ୍ କ୍ରୀଡ଼ାରେ ସ୍ଥାନ ପାଇଥିବା କେତୋଟି ପ୍ରତିଯୋଗିତାର ନାମ ଲେଖ ।

(ଙ) ଅଲିମ୍ପିକ୍ କ୍ରୀଡ଼ା ପ୍ରତିଯୋଗିତାର ପ୍ରଧାନ ଉଦ୍ଦେଶ୍ୟ କ'ଣ ?

୩. **ସରଳ ଭାଷାରେ ବୁଝାଇ ଲେଖ :**

(କ) ଏହା ସମସ୍ତଙ୍କୁ ଏକତା ରଜ୍ଜୁରେ ବାନ୍ଧି ଦେଇଥାଏ ।

(ଖ) ଦେଶଦେଶ ମଧ୍ୟରେ ଭ୍ରାତୃଭାବ ଏବଂ ସୁସଂପର୍କ ବୃଦ୍ଧିରେ ଏହା ସହାୟକ ହୋଇଥାଏ ।

୪. **ପ୍ରତି ବାକ୍ୟର କିଛି ଅଂଶ 'କ' ସ୍ତମ୍ଭରେ ଓ ଅବଶିଷ୍ଟ ଅଂଶ 'ଖ' ସ୍ତମ୍ଭରେ ରହିଛି । ଦୁଇ ସ୍ତମ୍ଭରେ ଥିବା ସଂପର୍କିତ ବାକ୍ୟାଂଶଗୁଡ଼ିକୁ ଏକାଠି ମିଶାଇ ଲେଖ :**

| 'କ' ସ୍ତମ୍ଭ | 'ଖ' ସ୍ତମ୍ଭ |
|---|---|
| ପ୍ରାଚୀନ ଗ୍ରୀସ୍‌ର ଅଧିବାସୀମାନେ | ଏହାକୁ ବନ୍ଦ କରିଦେଇଥିଲେ । |
| ସୁଇଜରଲ୍ୟାଣ୍ଡର ଲୁସେନ ସହରରେ | ସର୍ବଶ୍ରେଷ୍ଠ ବୋଲି ଗ୍ରହଣ କରାଯାଉଛି । |
| ଗ୍ରୀସ୍ ଦେଶ ହେଉଛି | ଅତ୍ୟନ୍ତ କ୍ରୀଡ଼ା ପ୍ରିୟ ଥିଲେ । |
| ସବୁଗୁଡ଼ିକ ମଧ୍ୟରେ ଅଲିମ୍ପିକ୍ କ୍ରୀଡ଼ାକୁ | ଏହାର ମୁଖ୍ୟ କାର୍ଯ୍ୟାଳୟ ଅବସ୍ଥିତ । |
| ସମ୍ରାଟ ଥିଓଡ଼ରସ୍ | ଅଲିମ୍ପିକ୍ କ୍ରୀଡ଼ାର ଜନ୍ମସ୍ଥଳୀ । |

୫. **'ଖେଳ୍' ସହିତ 'ଆଳି' ଲାଗିଲେ 'ଖେଳାଳି' ଶବ୍ଦ ହୁଏ । ସେହିପରି 'ଆଳି' ଯୋଗ କରି ଆଉ ପାଞ୍ଚଟି ନୂଆ ଶବ୍ଦ ଲେଖ ।**

୬. **ନିମ୍ନ ଅନୁଚ୍ଛେଦଟିରେ ଅଶୁଦ୍ଧି ଥିଲେ ଶୁଦ୍ଧ କରି ଲେଖ :**

ଏହା ହେଉଛି ଏକ ଆନ୍ତର୍ଜାତିକ କ୍ରୀଡ଼ା ପ୍ରତିଯୋଗିତା ଏବଂ ଏଥିରେ ଯେଉଁମାନେ ବିଜୟୀ ହୁଅନ୍ତି, ସେମାନଙ୍କୁ ବିଶ୍ୱର ଶ୍ରେଷ୍ଠ ଖେଳାଳୀ ଭାବରେ ସମ୍ମାନ ଦିଆଯାଏ ।

୭. **'କ୍ରୀଡ଼ା କସରତ' ପରି ଆଉ ପାଞ୍ଚ ଯୋଡ଼ା ଶବ୍ଦ ଭାବି ଲେଖ ।**

୮. **ଏମାନେ ଯେଉଁ କ୍ରୀଡ଼ା ପ୍ରତିଯୋଗିତା ସହିତ ସଂପୃକ୍ତ, ସେହି କ୍ରୀଡ଼ାର ନାମ ଲେଖ ।**

ମାଲେଶ୍ୱରୀ, ଅଭିନବ ବିନ୍ଦ୍ରା, ସୁଶୀଲ କୁମାର, ବିଜେନ୍ଦ୍ର ସିଂ

୯. ଅଗ୍ରଗାମୀ, ସହାୟକ, ଏକତା ରଜ୍ଜୁ, ପ୍ରତିଯୋଗିତା, ଆନ୍ତର୍ଜାତିକ, ସର୍ବଶ୍ରେଷ୍ଠ, ନିର୍ବିଶେଷ

ଏହି ଶବ୍ଦଗୁଡ଼ିକୁ ବ୍ୟବହାର କରି ଅଲିମ୍ପିକ୍ କ୍ରୀଡ଼ା ସଂପର୍କରେ ଅନୁଚ୍ଛେଦଟିଏ ଲେଖ ।

୧୦. ଫୁଟ୍‌ବଲ୍ ପରି ପଡ଼ିଆରେ ଖେଳାଯାଉଥିବା ଆଉ ପାଞ୍ଚଟି ଖେଳର ନାମ ଲେଖ । ସେହି ଖେଳରେ ଆମ ଓଡ଼ିଶାରୁ ଯଦି କିଏ ଦେଶ ବିଦେଶରେ ସୁନାମ ଅର୍ଜନ କରିଥାନ୍ତି, ତେବେ ତାଙ୍କ ନାମ ଲେଖ ।

୧୧. ନିମ୍ନରେ ଥିବା କୋଠରିରେ କେତେଗୁଡ଼ିଏ ଅକ୍ଷର ଦିଆଯାଇଛି । ସେଗୁଡ଼ିକ ମଧ୍ୟରୁ କେଉଁଟି ସ୍ୱରବର୍ଣ୍ଣ, କେଉଁଟି ବ୍ୟଞ୍ଜନ ବର୍ଣ୍ଣ ଓ କେଉଁଟି ଯୁକ୍ତବର୍ଣ୍ଣ ତାକୁ ଅଲଗା କରି ଲେଖ ।

ତ, ଷ୍ଠ, ର, ମ୍ପ, ନ, ଏ

ଇ, ଙ୍କ, ଡ, ମ୍ଫ, ସ୍କ, ଟ

ଉ, ନ୍ତ, ସ, ଳ, ଙ୍ଗ, ମ,

ନ୍ନ, ଯ, ନ୍ଧ, ଷ୍ଟ, ଜ୍ଞ, ଔ

୧୨. ଅଲିମ୍ପିକ୍ କ୍ରୀଡ଼ା ଯେପରି ପ୍ରତି ଚାରିବର୍ଷରେ ଥରେ ଅନୁଷ୍ଠିତ ହୁଏ, ସେହିପରି ଆଉ କେଉଁ କ୍ରୀଡ଼ା ପ୍ରତିଯୋଗିତା ପ୍ରତି ଚାରିବର୍ଷରେ ଅନୁଷ୍ଠିତ ହୋଇଥାଏ, ତାହାର ନାମ ଲେଖ ।

## ତୁମ ପାଇଁ କାମ

୧. ଦେଶ ବିଦେଶର ବିଖ୍ୟାତ ଖେଳାଳିମାନଙ୍କର ଫଟୋ ଖବରକାଗଜ ଓ ପତ୍ରପତ୍ରିକାରୁ ସଂଗ୍ରହକର । ସେଗୁଡ଼ିକୁ ଗୋଟିଏ ଖାତାରେ ସଜାଇ ରଖ ।

# ଓଡ଼ିଶାର ସଂସ୍କୃତି

ଡ. ଗୁରୁବାଳା ମହାନ୍ତି

ଭାରତର ସଭ୍ୟତା ଖୁବ୍ ପ୍ରାଚୀନ । ଯୁଗେଯୁଗେ କେତେ ମୁନିଋଷି ଓ ମହାପୁରୁଷ ଏ ମାଟିରେ ଜନ୍ମଗ୍ରହଣ କରି ଏହାର ସଂସ୍କୃତିକୁ ପରିପୁଷ୍ଟ କରିଛନ୍ତି । ଭାରତୀୟ ସଂସ୍କୃତିର ଆଧାର ହେଉଛି ଆଧ୍ୟାତ୍ମିକତା । ଭାରତୀୟମାନଙ୍କର ବ୍ୟକ୍ତିଗତ ଓ ସାମାଜିକ ଆଦର୍ଶ ତଥା ବିଜ୍ଞାନ, ସାହିତ୍ୟ, ସଙ୍ଗୀତ, ଚିତ୍ରକଳା, ସ୍ଥାପତ୍ୟ, ଧର୍ମ, ଶିକ୍ଷା ଇତ୍ୟାଦି ସମସ୍ତ ସାଂସ୍କୃତିକ ବିଭବ ମୂଳରେ ଆଧ୍ୟାତ୍ମିକ ଭାବଧାରା ନିହିତ । ଏହି ଉଚ୍ଚ ଆଦର୍ଶବୋଧ ଭାରତୀୟମାନଙ୍କୁ ସମଗ୍ର ମାନବଜାତି ମଧ୍ୟରେ ଏକ ବିଶିଷ୍ଟ ଜାତିରୂପେ ପ୍ରତିଷ୍ଠିତ କରାଇଛି । ଆମ ଓଡ଼ିଶାର ସଂସ୍କୃତି ଏହି ମହାନ୍ ଭାରତୀୟ ସଂସ୍କୃତିର ଅବିଚ୍ଛେଦ୍ୟ ଅଙ୍ଗ ।



ସାମାଜିକ ଜୀବନର ପରମ୍ପରା, ଆଦର୍ଶ ଓ ରୀତିନୀତିକୁ ଆମେ ସଂସ୍କୃତି ବୋଲି କହିଥାଉଁ । ଯେଉଁ ଜାତିର ଆଦର୍ଶ ଚିନ୍ତାଧାରା, ଜ୍ଞାନ, ସୃଜନୀଶକ୍ତି ଓ ଆତ୍ମବିଶ୍ୱାସ ଯେତେ ବିସ୍ତୃତ ସେ ଜାତିର ସଂସ୍କୃତି ସେତେ ଉନ୍ନତ । ଏହି ଦୃଷ୍ଟିରୁ ଦେଶଦେଶ ବା ଜାତିଜାତି ମଧ୍ୟରେ ସଂସ୍କୃତିଗତ ପାର୍ଥକ୍ୟ ସର୍ବଦା ବିଦ୍ୟମାନ । ଓଡ଼ିଶା ଆପଣାର ସ୍ୱତନ୍ତ୍ର ଆଦର୍ଶ ଓ ପରମ୍ପରାକୁ ନେଇ ସମଗ୍ର ବିଶ୍ୱରେ ଖ୍ୟାତିଲାଭ କରିଛି ।

ଉତ୍କଳର ସଂସ୍କୃତିକୁ ସମୃଦ୍ଧ କରିଛି ଏହାର ଐତିହାସିକ ଘଟଣାବଳୀ । ଓଡ଼ିଆ ଜାତିର ବୀରତ୍ୱ ଯୋଗୁଁ ଓଡ଼ିଶାର ସୀମା ଦିନେ ଗଙ୍ଗାଠାରୁ ଗୋଦାବରୀ ପର୍ଯ୍ୟନ୍ତ ବିସ୍ତୃତ ହୋଇଥିଲା । ଏହି ଓଡ଼ିଶାରେ ଚଣ୍ଡାଶୋକ ଧର୍ମାଶୋକରେ ପରିଣତ ହୋଇଥିଲେ । ବ୍ୟକ୍ତିଗତ ସ୍ୱାର୍ଥକୁ ସମୂହ ସ୍ୱାର୍ଥ ପାଇଁ ଅକାତରରେ ବଳିଦେବା ଓଡ଼ିଆ ସଂସ୍କୃତିର ବୈଶିଷ୍ଟ୍ୟ । ଧର୍ମପଦ କାହାଣୀ ତାହାର ଏକ ଉଜ୍ଜ୍ୱଳ ଦୃଷ୍ଟାନ୍ତ ।

ସମଗ୍ର ବସୁଧାକୁ ଗୋଟିଏ କୁଟୁମ୍ବ ଭାବି ସମୁଦାୟ ମାନବଜାତିର ସୁଖ କାମନା କରିବା ଓଡ଼ିଆ ସଂସ୍କୃତିର ମୂଳ ଆଦର୍ଶ । ଶକ୍ତି, ଶିବ, ସର୍ବୋପରି ଜଗନ୍ନାଥ ଆରାଧନା ମାଧ୍ୟମରେ ଓଡ଼ିଶା ଏହି ଆଦର୍ଶକୁ ଯୁଗେଯୁଗେ ଅନୁସରଣ କରିଆସିଛି । ସମଗ୍ର ବିଶ୍ୱକୁ ଏହି ସଂସ୍କୃତି ଦେଇଛି ଶାନ୍ତି, ସମତା ଓ ଭ୍ରାତୃତ୍ୱର ଦିଗ୍‌ଦର୍ଶନ ।

ଓଡ଼ିଶାର ସଂସ୍କୃତି ଓ ଲୋକାଚାରରେ ପର୍ବପର୍ବାଣିର ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଅଛି । ଆନନ୍ଦ ଉତ୍ସବପ୍ରିୟ ଓଡ଼ିଆମାନେ ବର୍ଷର କେତେକ ନିର୍ଦ୍ଦିଷ୍ଟ ଦିନରେ ନାନା ପୂଜା, ଓଷା, ବ୍ରତ ପାଳନ କରନ୍ତି । ଗୃହ, ଶରୀର ଓ ମନକୁ ନିର୍ମଳ କରି ବିଶ୍ୱାସ ଓ ନିଷ୍ଠାର ସହ ପୂଜା ଅର୍ଚ୍ଚନା ମାଧ୍ୟମରେ ଜଗତର ହିତ ପାଇଁ ଦେବତାଙ୍କ ଆଶୀର୍ବାଦ ଭିକ୍ଷା କରିବା ଏହି ପୂଜା ପାର୍ବଣର ମୂଳ ଲକ୍ଷ୍ୟ । ଏହାଦ୍ୱାରା ସତ୍ୟ, ଦୟା, ନିଷ୍ଠା, ପବିତ୍ରତା ଆଦି ଗୁଣର ବିକାଶ ଘଟେ ଏବଂ ସମାଜରେ ପରସ୍ପର ମଧ୍ୟରେ ମିତ୍ରତା ବୃଦ୍ଧି ପାଏ । ମହାପ୍ରସାଦ, ମକରଚାଉଳ, ଆମ୍ବ ବଉଳ ଇତ୍ୟାଦି ଦେଇ ବନ୍ଧୁ ହେବା ଓଡ଼ିଶାର ଏକ ପ୍ରାଚୀନ ପରମ୍ପରା । ଏହା ଜାତୀୟ ସଂହତି ଓ ଏକତାର ସହାୟକ ।



ଓଡ଼ିଶାର ସ୍ଥାପତ୍ୟ ଓ ଭାସ୍କର୍ଯ୍ୟର ସ୍ୱାକ୍ଷର ବହନ କରିଛି ଏହାର ବିଭିନ୍ନ ଶିଳାଲିପି ଓ ମନ୍ଦିର । କୋଣାର୍କର ସୂର୍ଯ୍ୟ ମନ୍ଦିର, ପୁରୀର ଜଗନ୍ନାଥ ମନ୍ଦିର, ଭୁବନେଶ୍ୱରର ଲିଙ୍ଗରାଜ ଓ ରାଜାରାଣୀ

ମନ୍ଦିର, ଖିଚିଂର କୀଚକେଶ୍ୱରୀ ମନ୍ଦିର ଦେହରେ ଖୋଦିତ ମୂର୍ତ୍ତି ଓ ବିଭିନ୍ନ ଚିତ୍ରକଳା ଏ ଜାତିର କଳାଚାତୁରୀର ନିଦର୍ଶନ । ଏସବୁ କୀର୍ତ୍ତିକୁ ସ୍ୱଚକ୍ଷୁରେ ଦେଖିବା ପାଇଁ ପ୍ରତିଦିନ ଶହଶହ ପର୍ଯ୍ୟଟକ ଓଡ଼ିଶାକୁ ଆସୁଛନ୍ତି । ଭାସ୍କର୍ଯ୍ୟ ପରି ଓଡ଼ିଶାର କାରୁଶିଳ୍ପ ମଧ୍ୟ ଅତି ଉଚ୍ଚକୋଟୀର । ସୁନା ରୁପାର ତାରକସି କାମ, ପିତଳର ସୂକ୍ଷ୍ମ କାରୁକାର୍ଯ୍ୟ, ମୃଣ୍ମୟ ଶିଳ୍ପ, ଶିଙ୍ଗରୁ ତିଆରି ବିଭିନ୍ନ ପଦାର୍ଥ, ଚାନ୍ଦୁଆ, ପଟ୍ଟଚିତ୍ର ଆଦି ଦେଖିଲେ କିଏ ବିସ୍ମିତ ନ ହେବ !



ଓଡ଼ିଶାର ବସ୍ତ୍ରଶିଳ୍ପ ସମଗ୍ର ପୃଥିବୀରେ ଆଦରଲାଭ କରିଛି । ସମ୍ବଲପୁର, ବ୍ରହ୍ମପୁର ଓ ନୂଆପାଟଣାର ହାତବୁଣା ବସ୍ତ୍ର ଓଡ଼ିଆ କାରିଗର ହାତର କଳାନିପୁଣତାର ପରିଚାୟକ । ବୟନ ଶିଳ୍ପରେ ଓଡ଼ିଶା ପ୍ରାଚୀନ କାଳରୁ ସାରା ବିଶ୍ୱରେ ପ୍ରସିଦ୍ଧିଲାଭ କରିଥିଲା । ସୂକ୍ଷ୍ମବସ୍ତ୍ର ଓ ନାନା ପଣ୍ୟଦ୍ରବ୍ୟ ନେଇ ବୋଇତ ଚଳାଇ ଓଡ଼ିଆ ସାଧବ ବ୍ୟବସାୟ ବାଣିଜ୍ୟ କରୁଥିଲା । ଦରିଆ ସେପାରିରେ ବାଣିଜ୍ୟ ବ୍ୟବସାୟ କରିବା ସଙ୍ଗେସଙ୍ଗେ ସେ ବିଦେଶର ଲୋକମାନଙ୍କୁ ଭ୍ରାତୃତ୍ୱର ବନ୍ଧନରେ ବାନ୍ଧି ରଖିଥିଲା ।

ଓଡ଼ିଶାର ଜାତୀୟ ଜୀବନକୁ ପ୍ରାଣବନ୍ତ କରି ରଖିଛି ଏହାର ଭାଷା ଓ ସାହିତ୍ୟ । ଓଡ଼ିଆ ଭାଷା ପୃଥିବୀର ଅନ୍ୟାନ୍ୟ ଉନ୍ନତ ଭାଷାମାନଙ୍କ ମଧ୍ୟରେ ଅନ୍ୟତମ । ଏହାର ନିଜସ୍ୱ ଲିପି ରହିଛି । ଏହି ଭାଷାରେ ରଚିତ ମହାଭାରତ, ରାମାୟଣ, ଭାଗବତ ତଥା ବହୁ ପୁରାଣ, ବହୁ କାବ୍ୟକବିତା, ଏହାର ସଂସ୍କୃତିକୁ ସମୃଦ୍ଧ କରିଛି । ଏହି ରଚନାବଳୀ ଓଡ଼ିଶାର ପୁରପଲ୍ଲୀରେ ଘରେ ଘରେ ଅତ୍ୟନ୍ତ ଶ୍ରଦ୍ଧା ଓ ଭକ୍ତି ସହକାରେ ପାଠ କରାଯାଏ । ଓଡ଼ିଆ ଭାଷାରେ ପ୍ରଚଳିତ ବହୁ ଢଗଢମାଳି ଓ ଲୋକଗଳ୍ପ ମଧ୍ୟ ଓଡ଼ିଆ ସଂସ୍କୃତିର ଅମୂଲ୍ୟ ସମ୍ପଦ ।

ନୃତ୍ୟ ଓ ସଂଗୀତ ସଂସ୍କୃତିର ଅନ୍ୟତମ ବିଭବ । ଓଡ଼ିଶାର ଉଚ୍ଚକୋଟୀର ନୃତ୍ୟ ଓ ସଂଗୀତ ଏହାର ମହାନ୍ ସଂସ୍କୃତିର ନିଦର୍ଶନ । ଛନ୍ଦୋମୟ ସୁଲଳିତ ଭଙ୍ଗୀ ନିମନ୍ତେ ଭାରତୀୟ ନୃତ୍ୟମାନଙ୍କ ମଧ୍ୟରେ ଓଡ଼ିଶୀ ନୃତ୍ୟର ସ୍ଥାନ ସ୍ୱତନ୍ତ୍ର । ଓଡ଼ିଶାର ବିଭିନ୍ନ ଅଞ୍ଚଳର ଲୋକ-ପରମ୍ପରାକୁ ନେଇ ଗଢ଼ି ଉଠିଥିବା ସମ୍ବଲପୁରୀ, ଛଉ, ଦଣ୍ଡ, ପାଇକ, ରଣପା ଓ ଗୋଟିପୁଅ ଆଦି

ଲୋକନୃତ୍ୟ ଜୀବନକୁ ସରସ ସୁନ୍ଦର କରିଥାଏ । ପାଲା, ଦାସକାଠିଆ, ଯାତ୍ରା, ରାସଲୀଳା ପ୍ରଭୃତି ମାଧ୍ୟମରେ ଓଡ଼ିଆ ସାହିତ୍ୟ ବହୁକାଳରୁ ସୁପ୍ରଚରିତ ହୋଇ ଓଡ଼ିଶାର ସାଂସ୍କୃତିକ ଜୀବନକୁ ଉନ୍ନତ କରିଛି । କେବଳ ଓଡ଼ିଶାରେ ନୁହେଁ, ଦେଶ ଦେଶାନ୍ତରରେ ମଧ୍ୟ ଓଡ଼ିଶାର ନୃତ୍ୟକଳା ବେଶ୍ ଆଦୃତ । ଏହାଦ୍ୱାରା ଓଡ଼ିଶାର ସଂସ୍କୃତି ସମଗ୍ର ବିଶ୍ୱରେ ପ୍ରତିଷ୍ଠାଲାଭ କରିଛି ।



ଓଡ଼ିଶାର ସାମାଜିକ ଓ ପାରିବାରିକ ଜୀବନ ଅତି ମଧୁର । ଓଡ଼ିଆ ପରିବାରରେ ସମସ୍ତେ ପରସ୍ପର ସ୍ନେହ, ପ୍ରୀତି ଓ ଆଦର ଯତ୍ନରେ ବନ୍ଧା । ବିଭିନ୍ନ ପାରିବାରିକ ଉତ୍ସବରେ ବନ୍ଧୁବାନ୍ଧବମାନଙ୍କ ଉପସ୍ଥିତି ଉତ୍ସବକୁ ଆନନ୍ଦମୁଖର କରିଥାଏ । ବିପଦ ଆପଦବେଳେ ପଡ଼ୋଶୀ ତଥା ଅନ୍ୟମାନଙ୍କ ସାହାଯ୍ୟ ମଧ୍ୟ ଦୁଃଖକୁ ଅନେକ ପରିମାଣରେ ଲାଘବ କରେ । ଅତିଥିପରାୟଣତା ଓଡ଼ିଆ ଜାତିର ଅନ୍ୟତମ ବୈଶିଷ୍ଟ୍ୟ ।

ବସନ, ଭୂଷଣ ଓ ଚଳଣିରେ ଓଡ଼ିଆମାନେ ସାଧାରଣତଃ ଆଡ଼ମ୍ବରଶୂନ୍ୟ ଓ ସରଳ । ବାହ୍ୟ ଚକଚକ୍ୟ ଅପେକ୍ଷା ଅନ୍ତରର ସଦ୍‌ଗୁଣରେ ମଣ୍ଡିତ ହେବାକୁ ଓଡ଼ିଆ ଶ୍ରେୟ ମନେକରେ ।

ଜ୍ଞାନବିଜ୍ଞାନର ପ୍ରସାର ଫଳରେ ଓଡ଼ିଶାର ସାମାଜିକ ଓ ସାଂସ୍କୃତିକ ଜୀବନରେ ନାନା ପରିବର୍ତ୍ତନ ଘଟିଛି । ପୂର୍ବର କେତେକ ପର୍ବପର୍ବାଣି ଲୋପପାଇବା ସଙ୍ଗେ ସଙ୍ଗେ କେତେକ ନୂତନ ପର୍ବପର୍ବାଣିର ସୃଷ୍ଟି ହୋଇଛି । ସାହିତ୍ୟ, ସଙ୍ଗୀତ, ନୃତ୍ୟ, ଶିଳ୍ପ, ଚିତ୍ରକଳା ଓ ସାମାଜିକ ରୀତିନୀତିରେ ମଧ୍ୟ ବହୁ ପରିବର୍ତ୍ତନ ଦେଖାଦେଇଛି । ଏହି ପରିବର୍ତ୍ତନର ପ୍ରବାହରେ ଆପଣାର ମୌଳିକତାକୁ ବଜାୟ ରଖି ବିକାଶ ପଥରେ ଅଗ୍ରସର ହେବାହିଁ ଆମର ଲକ୍ଷ୍ୟ ।

**ଡକ୍ଟର ଉଷାବାଳା ମହାନ୍ତି (୧୯୫୦-୧୯୯୬) –** ଜଗତ୍‌ସିଂହପୁର ଜିଲ୍ଲାର ଅରେଇକଣା ଗ୍ରାମରେ ଜନ୍ମ। ବିଭିନ୍ନ ପତ୍ରପତ୍ରିକାରେ ତାଙ୍କର ବହୁ ପ୍ରବନ୍ଧ ଓ କବିତା ପ୍ରକାଶ ପାଇଛି। 'ଭିଜା ରାତିର ସୂର୍ଯ୍ୟୋଦୟ' ହେଉଛି ତାଙ୍କ ଲିଖିତ ଏକ କବିତା ସଂକଳନ।

**ସୂଚନା :**

ଆଦୃତ – ଆଦର ପାଇଥିବା

ପରିପୁଷ୍ଟ – ପରିବର୍ଦ୍ଧିତ

ଆଧ୍ୟାତ୍ମିକତା – ଈଶ୍ୱର ବିଶ୍ୱାସ

ସ୍ଥାପତ୍ୟ – ଗୃହ ବା ମନ୍ଦିର ନିର୍ମାଣକଳା

ଦିଗ୍‌ଦର୍ଶନ – କିଛି କାମ କରିବା ପାଇଁ ବାଟ ଦେଖାଇବା

ସଂହତି – ଏକତ୍ୱ

ଭାସ୍କର୍ଯ୍ୟ – ପଥର ଦେହରେ ମୂର୍ତ୍ତି ନିର୍ମାଣ

ଶିଳାଲିପି – ପଥର ଉପରେ ଖୋଳାଯାଇଥିବା ଲେଖା

ସ୍ୱାକ୍ଷର – ନିଜର ଅକ୍ଷର, ଦସ୍ତଖତ

ଅବିଚ୍ଛେଦ୍ୟ – ଯାହାକୁ ଅଲଗା କରିହେବ ନାହିଁ

ବୟନଶିଳ୍ପ – ବସ୍ତ୍ରଶିଳ୍ପ

ଶଙ୍ଖୁଳିବା – ସ୍ୱାଗତ କରିବା, ଆଦର ଅଭ୍ୟର୍ଥନା କରିବା

**ଆସ ଜାଣିବା କେତୋଟି ନୂଆ ଶବ୍ଦ**

| | | | |
|---|---|---|---|
| ବୟନ ଶିଳ୍ପ | ଦିଗ୍‌ଦର୍ଶନ | ଛନ୍ଦୋମୟ | ଆଦୃତ |
| ସଂହତି | କାରୁଶିଳ୍ପ | ଶ୍ରେୟ | ପରମ୍ପରା |

# ଅଭ୍ୟାସ

୧. ଉତ୍ତର କୁହ :

(କ) ସଂସ୍କୃତି କହିଲେ ଆମେ କ'ଣ ବୁଝୁ ?

(ଖ) ଦେଶଦେଶ ବା ଜାତିଜାତି ମଧ୍ୟରେ ସଂସ୍କୃତିଗତ ପାର୍ଥକ୍ୟ କାହିଁକି ରହେ ?

(ଗ) ବିଭିନ୍ନ ପର୍ବପର୍ବାଣି ପାଳନ ଦ୍ୱାରା ଆମର କି ଉପକାର ହୁଏ ?

(ଘ) ଓଡ଼ିଶାର ସାମାଜିକ ଓ ପାରିବାରିକ ଜୀବନ ମଧୁର କାହିଁକି ?

(ଙ) ଓଡ଼ିଶାର ସଂସ୍କୃତି ବିଦେଶରେ କାହିଁକି ପରିଚିତ ?

୨. ତଳଲିଖିତ ବାକ୍ୟଗୁଡ଼ିକରୁ ରେଖାଙ୍କିତ ଶବ୍ଦଗୁଡ଼ିକୁ ଉଠାଇଦେଇ ତା' ସ୍ଥାନରେ ବନ୍ଧନୀ ମଧ୍ୟରୁ ଉପଯୁକ୍ତ ଶବ୍ଦ ବାଛି ଲେଖ ।

(କ) ମୁନିଋଷିମାନେ ଏ ମାଟିରେ ଜନ୍ମଗ୍ରହଣ କରି ଏହାକୁ <u>ପରିବର୍ଦ୍ଧନ</u> କରିଛନ୍ତି ।

(ଖ) ଭାରତୀୟ ସଂସ୍କୃତିର ଆଧାର ହେଉଛି <u>ଈଶ୍ୱର ବିଶ୍ୱାସ</u> ।

(ଗ) ଓଡ଼ିଶାର ସଂସ୍କୃତି, ମହାନ୍ ଭାରତୀୟ ସଂସ୍କୃତିର <u>ଏପରି ଅଙ୍ଗ ଯାହାକୁ ଅଲଗା କରିହେବ ନାହିଁ</u> ।

(ଘ) ଧର୍ମପଦର କାହାଣୀ ତ୍ୟାଗର ଏକ ଉଜ୍ଜ୍ୱଳ <u>ଉଦାହରଣ</u> ।

(ଙ) <u>ବସ୍ତ୍ରଶିଳ୍ପରେ</u> ଓଡ଼ିଶା ପ୍ରାଚୀନ କାଳରୁ ସାରା ବିଶ୍ୱରେ ପ୍ରସିଦ୍ଧି ଲାଭ କରିଛି ।

(ଚ) ବିଦେଶରେ ମଧ୍ୟ ଓଡ଼ିଶାର ନୃତ୍ୟକଳା <u>ଆଦରଲାଭ କରିଛି</u> ।

(ସମୃଦ୍ଧ, ବୟନଶିଳ୍ପ, ଅବିଚ୍ଛେଦ୍ୟ ଅଙ୍ଗ, ଦୃଷ୍ଟାନ୍ତ, ଆଧ୍ୟାତ୍ମିକତା, ଆଦୃତ)

୩. ନିମ୍ନ ଚକ୍ରରେ ଥିବା ଶବ୍ଦଗୁଡ଼ିକ ମଧ୍ୟରୁ ଯେଉଁଗୁଡ଼ିକ ସଂସ୍କୃତିକୁ ସମୃଦ୍ଧ କରିଛି, ତାକୁ ସଂସ୍କୃତି ସହ ଯୋଡ଼ି ଲେଖ ।




୫. ଓଡ଼ିଶାର ସ୍ଥାପତ୍ୟ ଓ ଭାସ୍କର୍ଯ୍ୟର ନମୁନା ଭାବରେ କିଛି ମନ୍ଦିରର ନାମ ଦିଆଯାଇଛି । ସେହିପରି ଅନ୍ୟ କେତୋଟି ମନ୍ଦିରର ନାମ ଲେଖ :

ଜଗନ୍ନାଥ ମନ୍ଦିର, ଲିଙ୍ଗରାଜ ମନ୍ଦିର

୬. ଓଡ଼ିଶାର କାରୁଶିଳ୍ପ ମଧ୍ୟରୁ 'ସୁନା ରୁପା'ର ତାରକସି କାମ ଅନ୍ୟତମ । ସେହିପରି ଓଡ଼ିଶାର ଅନ୍ୟାନ୍ୟ କାରୁଶିଳ୍ପର ନାମ ଲେଖ ।

୭. ନିମ୍ନରେ ଗୋଟିଏ ଅନୁଚ୍ଛେଦ ଦିଆଯାଇଛି । ତାକୁ ପଢ଼ି ପ୍ରଶ୍ନସବୁ ତିଆରି କର, ଯାହାର ଉତ୍ତର ଏହି ଅନୁଚ୍ଛେଦରୁ ମିଳିବ ।

ସାମାଜିକ ଜୀବନର ପରମ୍ପରା, ଆଦର୍ଶ ଓ ରୀତିନୀତିକୁ ଆମେ ସଂସ୍କୃତି ବୋଲି କହିଥାଉ । ଯେଉଁ ଜାତିର ଆଦର୍ଶ ଭାବଧାରା, ଜ୍ଞାନ, ସୃଜନୀଶକ୍ତି ଓ ଆତ୍ମବିଶ୍ୱାସ ଯେତେ ବିସ୍ତୃତ, ସେ ଜାତିର ସଂସ୍କୃତି ସେତେ ଉନ୍ନତ । ଏହି ଦୃଷ୍ଟିରୁ ଦେଶଦେଶ ବା ଜାତିଜାତି ମଧ୍ୟରେ ସଂସ୍କୃତିଗତ ପାର୍ଥକ୍ୟ ସର୍ବଦା ବିଦ୍ୟମାନ । ଓଡ଼ିଶା ଆପଣାର ସ୍ୱତନ୍ତ୍ର ଆଦର୍ଶ ଓ ପରମ୍ପରାକୁ ନେଇ ସମଗ୍ର ବିଶ୍ୱରେ ଖ୍ୟାତିଲାଭ କରିଛି । ଉତ୍କଳର ସଂସ୍କୃତିକୁ ସମୃଦ୍ଧ କରିଛି ଏହାର ଐତିହାସିକ

ଘଟଣାବଳୀ । ଓଡ଼ିଆ ଜାତିର ବୀରତ୍ୱ ଯୋଗୁଁ ଓଡ଼ିଶାର ସୀମା ଦିନେ ଗଙ୍ଗାଠାରୁ ଗୋଦାବରୀ ପର୍ଯ୍ୟନ୍ତ ବିସ୍ତୃତ ହୋଇଥିଲା । ଏହି ଓଡ଼ିଶାରେ ଚଣ୍ଡାଶୋକ ଧର୍ମାଶୋକରେ ପରିଣତ ହୋଇଥିଲେ । ବ୍ୟକ୍ତିଗତ ସ୍ୱାର୍ଥକୁ ସମୂହ ସ୍ୱାର୍ଥ ପାଇଁ ଅକାତରରେ ବଳିଦେବା ଓଡ଼ିଆ ସଂସ୍କୃତିର ବୈଶିଷ୍ଟ୍ୟ ଧର୍ମପଦ କାହାଣୀ ତା'ର ଏକ ଉଜ୍ଜ୍ୱଳ ଦୃଷ୍ଟାନ୍ତ ।

୮. **ସରଳ ଭାଷାରେ ବୁଝାଇ ଲେଖ :**

(କ) ସମଗ୍ର ବିଶ୍ୱକୁ ଏହି ସଂସ୍କୃତି ଦେଇଛି ଶାନ୍ତି, ସମତା ଓ ଭ୍ରାତୃତ୍ୱର ଦିଗ୍‌ଦର୍ଶନ ।

(ଖ) ନୃତ୍ୟ ମାଧ୍ୟମରେ ଓଡ଼ିଶାର ସଂସ୍କୃତି ସମଗ୍ର ବିଶ୍ୱରେ ପ୍ରତିଷ୍ଠାଲାଭ କରିଛି ।

(ଗ) ବାହ୍ୟ ଚାକଚକ୍ୟ ଅପେକ୍ଷା ଅନ୍ତରର ସଦ୍‌ଗୁଣରେ ମଣ୍ଡିତ ହେବାକୁ ଓଡ଼ିଆ ଶ୍ରେୟ ମନେକରେ ।

୯. **ଯେପରି 'ସମାଜ'ରୁ 'ସାମାଜିକ' ହୁଏ, ସେହିପରି ତଳେ ଦିଆଯାଇଥିବା ଶବ୍ଦଗୁଡ଼ିକର ରୂପ କଅଣ ହେବ ଲେଖ :**

ପରିବାର, ବ୍ୟବହାର, ଶରୀର, ସମୂହ, ସଂସ୍କୃତି, ଧର୍ମ, ପରମ୍ପରା,

୧୦. **ନିମ୍ନରେ ଦିଆଯାଇଥିବା ଶବ୍ଦଗୁଡ଼ିକୁ ନେଇ ବାକ୍ୟ ଗଠନ କର ।**

ବିଭବ, ସମନ୍ୱୟ, ସ୍ୱାକ୍ଷର, ସମୃଦ୍ଧ, ବିଦ୍ୟମାନ

## ତୁମ ପାଇଁ କାମ

୧. ତୁମ ଅଂଚଳରେ ପାଳିତ ହେଉଥିବା ପର୍ବପର୍ବାଣିର ତାଲିକା କର ।

୨. ବିଭିନ୍ନ ପର୍ବ ଦିନରେ ତୁମ ଘରେ ତିଆରି କରାଯାଉଥିବା ପିଠାପଣାର ନାମ ଲେଖ ।


୩. ତୁମ ଖାତାରେ ଗୋଟିଏ ଲୁଗାଧଡ଼ିର ଚିତ୍ର ଅଙ୍କନ କର ।

# ନ୍ୟାୟ ବିଚାର

CQT1SJ

ସୁନନ୍ଦ କର

ଆଜିକୁ ପ୍ରାୟ ପାଞ୍ଚଶହ ବର୍ଷ ପୂର୍ବର କଥା। ଦିଲ୍ଲୀ ସିଂହାସନରେ ବସି ସେତେବେଳେ ଶାସନ କରୁଥାଆନ୍ତି ସୁଲ୍‌ତାନ ଗିଆସୁଦ୍ଦିନ୍ ବଲ୍‌ବନ୍। ନିଜ ସାମ୍ରାଜ୍ୟକୁ ସୁଦୃଢ଼ ରଖିବା ନିମନ୍ତେ ସୁଲ୍‌ତାନ ଶାସନ କାର୍ଯ୍ୟ ଲାଗି ଟାଣୁଆ ସୁବେଦାର ଓ ନ୍ୟାୟ ବିଚାର ଲାଗି ଅଭିଜ୍ଞ କାଜିମାନଙ୍କୁ ନିଯୁକ୍ତ କରିଥାଆନ୍ତି।



ଧନୁ ତୀର ଧରି ଲାଖ ବିନ୍ଧିବାରେ ଗିଆସୁଦ୍ଦିନ୍‌ଙ୍କର ଥାଏ ବହୁତ ସଉକ। ରାଜକାର୍ଯ୍ୟରୁ ଟିକିଏ ଅବସର ମିଳିଲେ, ସେ ହୁଏତ ଶିକାର କରିବାକୁ ଯାଆନ୍ତି, ନଚେତ୍ ଉଆସ ଭିତରେ ଥାଇ ଲାଖବିନ୍ଧାରେ ମାତନ୍ତି।

ଦିଲ୍ଲୀ ସହରର ଶେଷ ସୀମାରେ ଗୋଟିଏ ଭଙ୍ଗା କୁଡ଼ିଆରେ ନିଜର ସାତବର୍ଷର ପୁଅକୁ ଧରି ସ୍ତ୍ରୀଲୋକଟିଏ ରହୁଥାଏ। ତାର ନାଆଁ ଜାନକୀ ବାଈ। ସେ ଖୁବ୍ ଗରିବ। ଭିକ୍ଷାବୃତ୍ତି କରି ସେ ତା'ର ଶିଶୁପୁତ୍ରଟି ସହିତ ନିଜର ପେଟ ପୋଷୁଥାଏ।

ଦିନେ ସକାଳୁ ଜାନକୀ ପୁଅଟିକୁ ଧରି ବାହାରିଲା ଭିକ୍ଷା ମାଗିବା ପାଇଁ। ସୁଲ୍‌ତାନଙ୍କ ପ୍ରାସାଦ ପଛପଟେ ଥିବା ଗୋଟିଏ ସଂକୀର୍ଣ୍ଣ ରାସ୍ତାରେ ସେ ଯାଉଥିବାବେଳେ ହଠାତ୍ ଉଲ୍‌କା ବେଗରେ ଗୋଟିଏ ତୀର ଆସି ପିଲାଟିର ତଣ୍ଟିରେ ଫୁଟିଗଲା। ପିଲାଟି ତଳେ ପଡ଼ିଯାଇ ଚିତ୍କାର କରିବାକୁ ଲାଗିଲା। ବହୁ ସମୟ ଧରି ହାତଗୋଡ଼ ଛାଟି ଛଟପଟ ହେଲା। ତା' ପରେ ତା'ର

ପ୍ରାଣବାୟୁ ଉଡ଼ିଗଲା । ଜାନକୀ ବାଈ ଉଚ୍ଚ ସ୍ୱରରେ ବୁକୁ ଫଟାଇ କାନ୍ଦିବାକୁ ଲାଗିଲା । ସେ ଜାଣିଲା ଏ କାର୍ଯ୍ୟଟି ଖୋଦ୍ ସୁଲ୍‌ତାନଙ୍କର । କାରଣ ସେ ପୂର୍ବରୁ ଜାଣିଥିଲା, ସୁଲ୍‌ତାନ ନିଜର ପ୍ରାସାଦ ଉପରେ ବସି ଲାଖବିନ୍ଧା ଅଭ୍ୟାସ କରନ୍ତି । ବିନା ଦୋଷରେ ତାର ଅଲିଅଳ ପୁତ୍ରଟିର ଆଜି ଜୀବନ ଗଲା ।

ଜାନକୀ ନିଜର ମୃତ ଶିଶୁଟିକୁ ଛାତିରେ ଚପିଧରି ସିଧାସିଧା ଯାଇ ପହଞ୍ଚିଲା କାଜିଙ୍କ ଦରବାରରେ । କାଜି ସେତେବେଳକୁ ନିଜ ଦରବାରକୁ ଆସି ଆସନ ଗ୍ରହଣ କରି ସାରିଥାଆନ୍ତି । ସ୍ତ୍ରୀଲୋକଟିଏ ଗୋଟିଏ ମୃତଶିଶୁକୁ ଧରି ଦରବାରରେ ପ୍ରବେଶ କରୁଥିବାର ଦେଖି ତା'ର କ'ଣ ହୋଇଛି ବୋଲି ସେ ଜାଣିବାକୁ ଚାହିଁଲେ । ଜାନକୀ ନିଜର ମୃତପୁତ୍ରକୁ କାଜିଙ୍କ ସମ୍ମୁଖ ଚଟାଣରେ ଶୁଆଇ ଦେଇ କହିଲା, "ଧର୍ମାବତାର ! ଏ ସଂସାରରେ ମୋର ଏଇ ଏକମାତ୍ର ପୁତ୍ର ଛଡ଼ା ଆଉ କେହି ନାହିଁ । ମୁଁ ଜଣେ ଅସହାୟା ନାରୀ । ପ୍ରତିଦିନ ଭିକ୍ଷାବୃତ୍ତି କରି ପେଟ ପୋଷେ । ମୁଁ ଆଜି ସମ୍ରାଟଙ୍କ ରାଜନଅର ପଛପଟ ରାସ୍ତାରେ ଏଇ ପୁତ୍ର ସହିତ ଭିକ୍ଷା ଉଦ୍ଦେଶ୍ୟରେ ଯାଉଥିବା ସମୟରେ, ବିନା ଦୋଷରେ କେହି ଜଣେ ତୀର ମାରି ତାକୁ ହତ୍ୟା କରିଛି । ମୋର ପ୍ରାର୍ଥନା, ଦୋଷୀକୁ ଆପଣ ଉଚିତ ଦଣ୍ଡ ଦିଅନ୍ତୁ ।" ଏତିକି କହି ସେ ଉଚ୍ଚ ସ୍ୱରରେ କ୍ରନ୍ଦନ କରିବାକୁ ଲାଗିଲା ।



କାଜି ପଚାରିଲେ, ''ଏ କାର୍ଯ୍ୟ କିଏ କରିଛି କୁହ ।'' ଜାନକୀ କହିଲା, ''ଆପଣ ଯଦି ଦୋଷୀକୁ ଦଣ୍ଡ ଦେଇପାରିବେ ବୋଲି ସତ୍ୟ କରି କହିବେ, ତେବେ ମୁଁ ତାର ନାମ ପ୍ରକାଶ କରିବି ।''

କାଜି ଅନୁମାନ କରିପାରିଲେ ଯେ ତାଙ୍କ ନ୍ୟାୟ ବିଚାର ପ୍ରତି ସ୍ତ୍ରୀଲୋକଟିର ମନରେ ସନ୍ଦେହ ଜାତ ହୋଇଛି । ସେ ତେଣୁ ଦୃଢ଼ ସ୍ୱରରେ କହିଲେ, ''ନିଶ୍ଚିନ୍ତ ହୁଅ ମା' ! ଦୋଷୀ ଯେତେବଡ଼ ଲୋକ ହେଉ ନା କାହିଁକି, ମୁଁ ନିଶ୍ଚେ ତାକୁ ଉଚିତ୍ ଦଣ୍ଡ ଦେବି । କୁହ କିଏ ସେହି ଅପରାଧୀ ?''

ଜାନକୀ କହିଲା, '' ସେ ହେଉଛନ୍ତି ସୁଲ୍‌ତାନ ଗିଆସୁଦ୍ଦିନ୍ ନିଜେ ।''

ଅଦାଲତରେ ଲୋକ ଭରପୂର ହୋଇ ରହିଥାନ୍ତି । ସୁଲ୍‌ତାନ ଗିଆସୁଦ୍ଦିନ୍‌ଙ୍କ ନାମ ଶୁଣି ସମସ୍ତେ ସ୍ତବ୍ଧ ହୋଇଗଲେ ।

ଦରିଦ୍ର ଭିକାରୁଣୀଟି ଅଭିଯୋଗ କରୁଛି ସମଗ୍ର ହିନ୍ଦୁସ୍ଥାନର ମାଲିକ ସୁଲ୍‌ତାନ ଗିଆସୁଦ୍ଦିନ୍‌ଙ୍କ ନାଆଁରେ ! ତାର ସାହସ ତ କମ୍ ନୁହେଁ ! ଏପରି ଘଟଣାରେ କାଜି କଅଣ କରିବେ, ସେଇକଥା ଜାଣିବା ପାଇଁ ସମସ୍ତେ ଉତ୍କଣ୍ଠାର ସହିତ ଅପେକ୍ଷା କରି ରହିଲେ ।

ଜାନକୀର ଅଭିଯୋଗ ଶୁଣି କାଜି କିଛି ସମୟ ନୀରବ ହୋଇଗଲେ । ତା' ପରେ ନିଜ ଦସ୍ତଖତରେ ଗୋଟିଏ ପରୱାନା ପିଆଦା ହାତରେ ସୁଲ୍‌ତାନଙ୍କ ନିକଟକୁ ପଠାଇଦେଲେ । ବିଚାର ନିମନ୍ତେ ତୁରନ୍ତ ଦରବାରରେ ହାଜର ହେବା ପାଇଁ ସେଥିରେ କୁହାଯାଇଥିଲା । କାଜିଙ୍କର ଏଭଳି ସାହସ ଦେଖି ଲୋକେ ଭାବିଲେ ସୁଲ୍‌ତାନ ତାଙ୍କୁ ନିଶ୍ଚେ ଆଜି ଚାକିରିରୁ ବରଖାସ୍ତ କରିବେ । ତେବେ ଘଟଣାର ଶେଷ ପରିଣତି କଅଣ ହେଉଛି ତାହା ଦେଖିବା ପାଇଁ ସମସ୍ତେ ଅପେକ୍ଷା କରି ରହିଲେ ।

କିଛି ସମୟ ପରେ ପିଆଦା ସହିତ ଅଦାଲତ ଭିତରକୁ ପଶି ଆସିଲେ ସୁଲ୍‌ତାନ ଗିଆସୁଦ୍ଦିନ୍ । ସୁଲ୍‌ତାନଙ୍କୁ ଦେଖିବା ମାତ୍ରେ ଉପସ୍ଥିତ ଲୋକମାନେ ଆଣ୍ଠୁମାଡ଼ି ତାଙ୍କୁ ସଲାମ ଜଣାଇଲେ । ସେମାନେ ଭାବିଲେ, ଏଇକ୍ଷଣି ନିଶ୍ଚେ କିଛି ଗୋଟାଏ ଭୟଙ୍କର କାଣ୍ଡ ଘଟିବ ।

ଗିଆସୁଦ୍ଦିନ୍ କୌଣସି ପଟକୁ ଦୃଷ୍ଟି ନ ପକାଇ ସିଧା ସିଧା କାଜିଙ୍କ ଆସନ ସମ୍ମୁଖକୁ ଯାଇ ତାଙ୍କୁ ସଲାମ ଜଣାଇଲେ । କାଜି ଗମ୍ଭୀର ସ୍ୱରରେ ପଚାରିଲେ, ''ଏଇ ନିଃସହାୟା ଜାନକୀ ବାଈ ଅଭିଯୋଗ କରୁଛି ଯେ ଆଜି ସକାଳେ ତାର ଏକମାତ୍ର ପୁତ୍ରକୁ ଆପଣ ତୀର ବିନ୍ଧି ହତ୍ୟା କରିଛନ୍ତି । ଏହା କ'ଣ ସତ୍ୟ ?''

ଗିଆସୁଦ୍ଦିନ୍ ଥରୁଟିଏ ଜାନକୀ ବାଈ ଏବଂ ଚଟାଣରେ ଶୁଆଇ ଦିଆଯାଇଥିବା ତା'ର ଶିଶୁପୁତ୍ରର ଶବ ପ୍ରତି ଦୃଷ୍ଟି ବୁଲାଇ ଆଣିଲେ । ତା'ପରେ ନମ୍ର ସ୍ୱରରେ କହିଲେ, ''ଧର୍ମାବତାର, ଏହା ଅବଶ୍ୟ ସତ୍ୟ । ମୁଁ ଆଜି ସକାଳେ ଉଆସର ଛାତ ଉପରେ ଲାଖବିନ୍ଧା ଅଭ୍ୟାସ କରୁଥିବାବେଳେ ଅକସ୍ମାତ୍ ମୋର ଅସାବଧାନତା ବଶତଃ ତୀରଟିଏ ଖସିଯାଇ ପିଲାଟି ଦେହରେ ବାଜିଯାଇଛି । ଫଳରେ ଏଭଳି ଦୁର୍ଘଟଣା ଘଟିଛି । ମୁଁ ଜାଣିଜାଣି ଏହା କରି ନାହିଁ ।''

କାଜି କହିଲେ, '' ଏଭଳି ଅପରାଧ ପାଇଁ ଆପଣଙ୍କୁ କିଛି ଦଣ୍ଡ ଭୋଗ କରିବାକୁ ହେବ । ଆପଣ ସେଥିପାଇଁ ପ୍ରସ୍ତୁତ ତ ?''

ସୁଲ୍‌ତାନ କହିଲେ, ''ଆପଣ ଯାହା ଦଣ୍ଡ ଘୋଷଣା କରିବେ, ମୁଁ ତାହାକୁ ଗ୍ରହଣ କରିବାକୁ ପ୍ରସ୍ତୁତ ।''

କାଜି କହିଲେ, '' ଏଇ ନିରାଶ୍ରୟା ସ୍ତ୍ରୀଲୋକଟିର ଏକମାତ୍ର ପୁତ୍ରର ମୃତ୍ୟୁ ଫଳରେ ତା'ର ସମସ୍ତ ସାହା ଭରସା ତୁଟି ଯାଇଛି । ସେ ଏକ ଗରିବ ମହିଳା, ଭିକ୍ଷାବୃତ୍ତି କରି ପେଟ ପୋଷେ । ଆପଣଙ୍କ ଅସାବଧାନତା ଯୋଗୁଁ ତା'ର ପୁତ୍ରର ମୃତ୍ୟୁ ଘଟିଥିବାରୁ, ଅଦାଲତ ତରଫରୁ ଏଇ ଆଦେଶ ଦିଆଯାଉଛି ଯେ, ଆପଣ ସାରା ଜୀବନ ସେଇ ସ୍ତ୍ରୀଲୋକଟିର ଭରଣପୋଷଣ ଦାୟିତ୍ୱ ଗ୍ରହଣ କରିବେ ।''

ଗିଆସୁଦ୍ଦିନ୍ ମୁଣ୍ଡପାତି କହିଲେ, ''ଧର୍ମାବତାର, ଆପଣଙ୍କ ଆଦେଶ ମୁଁ ଅକ୍ଷରେ ଅକ୍ଷରେ ପାଳନ କରିବି । ମୋର ତ୍ରୁଟି ଯୋଗୁଁ ଏଇ ଗରିବ ମାଆଟି ତାଙ୍କର ଏକମାତ୍ର ପୁତ୍ରକୁ ହରାଇଥିବାରୁ ଆଜିଠାରୁ ମୁଁ ତାଙ୍କର ପୁତ୍ର ହେଲି । ସେ ବଞ୍ଚିଥିବା ପର୍ଯ୍ୟନ୍ତ ତାଙ୍କ ଭରଣପୋଷଣର ସମସ୍ତ ଦାୟିତ୍ୱ ଏଇ ମୁହୂର୍ତ୍ତରୁ ମୁଁ ଗ୍ରହଣ କରୁଛି ।''

ବିଚାର ଶେଷହେଲା, ଅଦାଲତରେ ଉପସ୍ଥିତ ଲୋକେ କାଠପିତୁଳା ପରି ଠିଆ ହୋଇଥାଆନ୍ତି । ରାୟ ଘୋଷଣା ପରେ କାଜି ନିଜ ଆସନରୁ ଓହ୍ଲାଇ ଆସି ସୁଲତାନଙ୍କୁ ସଲାମ କଲେ । କହିଲେ, ''ଜାହାଁପନା, ଆପଣ ମୋତେ କ୍ଷମା କରିବେ । ମୁଁ କେବଳ ମୋର କର୍ତ୍ତବ୍ୟ କରିଛି, ଆପଣ ମୋ ଉପରେ ରାଗ କରିନାହାନ୍ତି ତ ?''

କାଜିଙ୍କୁ କୁଣ୍ଢାଇ ପକାଇ ଗିଆସୁଦ୍ଦିନ୍ କହିଲେ, ''ଆପଣ ମୋ ରାଜ୍ୟର ଗୌରବ, ନ୍ୟାୟ ବିଚାର ହେଉଛି ଆପଣଙ୍କର କର୍ତ୍ତବ୍ୟ । ଆପଣ ଯେ ନିର୍ଭୀକ ଓ ନିରପେକ୍ଷ ଭାବରେ ବିଚାର କରୁଛନ୍ତି, ସେଥିପାଇଁ ଆପଣଙ୍କୁ ମୁଁ ଧନ୍ୟବାଦ ଜଣାଉଛି ।''

କାଜିଙ୍କର ନିରପେକ୍ଷତା ଓ ଗିଆସୁଦ୍ଦିନ୍‌ଙ୍କର ମହନୀୟତା ଦେଖି ସମସ୍ତଙ୍କ ହୃଦୟ ଭକ୍ତି ଓ ଶ୍ରଦ୍ଧାରେ ପୂରିଉଠିଲା ।

**ସୁନନ୍ଦ କର (୧୯୨୭-୧୯୮୫)** - କଟକ ସହରରେ ଜନ୍ମ । ବାଗ୍ମୀ ବିଶ୍ୱନାଥଙ୍କଦ୍ୱାରା ପ୍ରତିଷ୍ଠିତ ମାସିକ 'ଉତ୍କଳ ସାହିତ୍ୟ' ପତ୍ରିକାର ସଂପାଦକ ଥିଲେ । ଇଂରାଜୀ ଦୈନିକ 'ନ୍ୟୁଜ୍ ଅଫ୍ ଦି ୱାର୍ଲଡ୍' ଏବଂ ଦୈନିକ 'ସମାଜ'ରେ କିଛି ଦିନ ସେ ସାମ୍ବାଦିକ ଭାବରେ କାର୍ଯ୍ୟ କରିଥିଲେ । କେତୋଟି ବଙ୍ଗଳା ଓ ଇଂରାଜୀ ପୁସ୍ତକକୁ ସେ ଓଡ଼ିଆରେ ଅନୁବାଦ କରିଛନ୍ତି । ସେ ଜଣେ କବି ଓ ଗଳ୍ପ ଲେଖକ ମଧ୍ୟ ।

**ସୂଚନା :**

କାଜି – ମୋଗଲ ଶାସନ କାଳରେ ବିଚାରପତିମାନଙ୍କୁ 'କାଜି' ବୋଲି କୁହାଯାଉଥିଲା ।

ବରଖାସ୍ତ କରିବା – କୌଣସି ବ୍ୟକ୍ତିକୁ କାର୍ଯ୍ୟରୁ ଅନ୍ତର କରିବା

ପରୱାନା – ଆଦେଶ ପତ୍ର

**ଆସ ଜାଣିବା କେତୋଟି ନୂଆ ଶବ୍ଦ**

ଉଆସ, ଉତ୍କଣ୍ଠା, ସଂକୀର୍ଣ୍ଣ, ସ୍ତବ୍ଧ, ନିଃସହାୟା, ନିରପେକ୍ଷ

# ଅଭ୍ୟାସ

୧. ଉତ୍ତର କୁହ :

(କ) ରାଜକାର୍ଯ୍ୟରୁ ଅବସର ପାଇଲେ, ଗିୟାସୁଦ୍ଦିନ୍ କ'ଣ କରୁଥିଲେ ?

(ଖ) ଜାନକୀ ବାଈ କିପରି ପେଟ ପୋଷୁଥିଲା ?

(ଗ) କାଜିଙ୍କ ଅଦାଲତରେ ଥିବା ଲୋକେ ସ୍ତବ୍ଧ ହୋଇଗଲେ କାହିଁକି ?

(ଘ) ଅଦାଲତରେ ସୁଲତାନଙ୍କୁ ଦେଖି ଲୋକମାନେ କ'ଣ କଲେ ?

(ଙ) ରାୟ ଘୋଷଣା ପରେ କାଜି ସୁଲତାନଙ୍କୁ କ'ଣ କହିଲେ ?

୨. ଉତ୍ତର ଲେଖ :

(କ) ଜାନକୀ ବାଈ ପୁଅର କିଭଳି ମୃତ୍ୟୁ ଘଟିଲା ?

(ଖ) ସ୍ତ୍ରୀଲୋକଟି କାଜିଙ୍କୁ କ'ଣ କହିଲା ?

(ଗ) ଜାନକୀ ବାଈର ଅଭିଯୋଗ ଶୁଣି କାଜି କ'ଣ କଲେ ?

(ଘ) କାଜିଙ୍କର ସାହସ ଦେଖି ଲୋକେ କ'ଣ ଭାବିଲେ ?

(ଙ) କାଜିଙ୍କର ଆଦେଶକୁ ସୁଲତାନ କିପରି ପାଳନ କଲେ ?

୩. ସରଳ ଭାଷାରେ ବୁଝାଇ ଲେଖ :

(କ) ''ମୁଁ କେବଳ ମୋର କର୍ତ୍ତବ୍ୟ କରିଛି ।''

(ଖ) "ଧର୍ମାବତାର, ଆପଣଙ୍କ ଆଦେଶ ମୁଁ ଅକ୍ଷରେ ଅକ୍ଷରେ ପାଳନ କରିବି ।''

(ଗ) ''ଆପଣ ମୋ ରାଜ୍ୟର ଗୌରବ ।''

୪. ବାକ୍ୟଟିରେ ଉପଯୁକ୍ତ ବିରାମ ଚିହ୍ନଦେଇ ଲେଖ :

ସେ ତେଣୁ ଦୃଢ଼ ସ୍ୱରରେ କହିଲେ ନିଶ୍ଚିନ୍ତ ହୁଅ ମା' ଦୋଷୀ ଯେତେବଡ଼ ହେଉନା କାହିଁକି ମୁଁ ନିଶ୍ଚେ ତାକୁ ଉଚିତ ଦଣ୍ଡ ଦେବି କୁହ କିଏ ସେହି ଅପରାଧୀ

**୫. ତଳେ ଦିଆଯାଇଥିବା ଶବ୍ଦଗୁଡ଼ିକ ମଧ୍ୟରେ ଯେଉଁଗୁଡ଼ିକର ବନାନ ଠିକ୍, ତାକୁ ବାଛି ଲେଖ :**

(କ) ଯାନକି, ଜାନକୀ, ଜାନକି

(ଗ) ସମୁଖ, ସମ୍ମୁଖ, ସମୂଖ

(ଖ) ସଂକିର୍ଣ୍ଣ, ଶଂକୀର୍ଣ୍ଣ, ସଂକୀର୍ଣ୍ଣ

(ଘ) ଭିକାରିଣୀ, ଭିକାରୁଣି, ଭିକାରୁଣୀ

**୬. ''ଭରଣପୋଷଣ' ପରି ଆଉ ଚାରିଗୋଟି ଯୋଡ଼ାଶବ୍ଦ ମନରୁ ଭାବି ଲେଖ ।**

**୭. ରାଜା ଧନୁ ତୀର ଧରି ଲାଖ ବିନ୍ଧନ୍ତି । ନଦୀ ତୀରରେ ବୁଲିବାକୁ ଭଲ ଲାଗେ ।**

ଉପର ବାକ୍ୟ ଦୁଇଟିରେ ରେଖାଙ୍କିତ ପଦଦୁଇଟିର ଅର୍ଥ ଅଲଗା । ସେ ଦୁଇଟି ଶବ୍ଦର ଅର୍ଥ ବୁଝି ଓ ସେହିପରି ଏକାଭଳି ଶୁଣାଯାଉଥିବା ଆଉ କେତୋଟି ଶବ୍ଦ ଲେଖି ତାହାକୁ ବାକ୍ୟରେ ବ୍ୟବହାର କର ।

**୮. ଉପଯୁକ୍ତ ଶବ୍ଦ ଦେଇ ନିମ୍ନ ପାଠରେ ଥିବା ଶୂନ୍ୟ ସ୍ଥାନ ପୂରଣ କର :**

ପ୍ରତିଦିନ —————————— ପେଟ ପୋଷେ । ————— ତ କମ୍ ନୁହେଁ ! ——————————— ମୁଁ ଅକ୍ଷରେ ଅକ୍ଷରେ ———————— ।

**୯. 'ଭିକାରୁଣୀ' ଶବ୍ଦର ଲିଙ୍ଗ ପରିବର୍ତ୍ତନ କଲେ ହେବ 'ଭିକାରି' । ସେହିପରି ନିମ୍ନଲିଖିତ ଶବ୍ଦଗୁଡ଼ିକର ଲିଙ୍ଗ ପରିବର୍ତ୍ତନ କରି ଲେଖ :**

ଠାକୁରାଣୀ, ଅସୁରୁଣୀ, ସମୁଦୁଣୀ, ମାଲୁଣୀ, ବାଘୁଣୀ, ସଙ୍ଗାତୁଣୀ

## ତୁମ ପାଇଁ କାମ

୧. ଏହିପରି ଇତିହାସ ସମ୍ବନ୍ଧୀୟ ଗଳ୍ପ ସଂଗ୍ରହ କରି ଶ୍ରେଣୀରେ ପାଠ କର ।

୨. ମନରୁ ଆଉ ଗୋଟିଏ ଏପରି ଗପ ଭାବି ଲେଖ ଓ ଶ୍ରେଣୀ ଶିକ୍ଷକଙ୍କୁ ଦେଖାଅ ।

# ରାଜୋଚିତ ବ୍ୟବହାର

CR2H07

ସାରଦା ପ୍ରସନ୍ନ ନାୟକ

## ୧ମ ଦୃଶ୍ୟ

(ପୁରୁରାଜାଙ୍କର ରାଜପ୍ରାସାଦର ଅଭ୍ୟନ୍ତର। ଦରବାର କକ୍ଷରେ ଚିନ୍ତିତ ଭାବରେ ପଦଚାରଣ କରୁଛନ୍ତି ରାଜା ପୁରୁ। ଏତିକିବେଳେ ପ୍ରହରୀ ପ୍ରବେଶ କରି ରାଜାଙ୍କୁ ପ୍ରଣାମ କଲା ।)



ପ୍ରହରୀ : ମହାରାଜ, ସେନାପତି ଆସିବା ପାଇଁ ବାହାରେ ଅପେକ୍ଷା କରିଛନ୍ତି।

ପୁରୁ : ଭିତରକୁ ଆସିବା ପାଇଁ କୁହ।
(ପ୍ରହରୀ ପୁଣି ଥରେ ପ୍ରଣାମ ଜଣାଇ ଚାଲିଗଲା। କିଛି ସମୟ ପରେ ପ୍ରବେଶ କଲେ ସେନାପତି।)

ପୁରୁ : ସମ୍ବାଦ କ'ଣ ସେନାପତି ?

ସେନାପତି : ଗ୍ରୀସ୍‌ର ରାଜା ଆଲେକ୍‌ଜାଣ୍ଡର ଅତି ଦ୍ରୁତ ଗତିରେ ଆଗେଇ ଆସୁଛନ୍ତି ମହାରାଜ । ସମଗ୍ର ଭାରତକୁ ଜୟ କରିବା ତାଙ୍କର ଇଚ୍ଛା। ଆମ ଦେଶର ଅନେକ ରାଜ୍ୟର ରାଜା ଜଣକ ପରେ ଜଣେ ପରାସ୍ତ ହୋଇ ତାଙ୍କର ଅଧୀନତା ସ୍ୱୀକାର କରିସାରିଲେଣି।

ପୁରୁ : (ଦୀର୍ଘନିଃଶ୍ୱାସ ପକାଇ) ସ୍ୱର୍ଣ୍ଣପ୍ରସୂ ବୀରଭୂମି ଭାରତ। ଏ ଦେଶର ଶିକ୍ଷା, ସଂସ୍କୃତି ଓ ପରମ୍ପରା ମହାନ୍। ଏହାର ସୁନାମ ସାରା ଜଗତରେ ପ୍ରଚାରିତ। ଭାରତର ଧନ ସମ୍ପତ୍ତିରେ ଆକୃଷ୍ଟ ହୋଇ ସୁଦୂର ଗ୍ରୀସ୍‌ଦେଶରୁ ଆଗେଇ ଆସିଛନ୍ତି ଆଲେକ୍‌ଜାଣ୍ଡର । ଦୁଃଖ ଲାଗେ ସେନାପତି, ବୀର ଓ ବୀରାଙ୍ଗନାମାନଙ୍କର ଭୂମି ଏଇ ଭାରତବର୍ଷର ରାଜ୍ୟରାଜ୍ୟ ମଧ୍ୟରେ ଏକତା ଓ ବୁଝାମଣା ନ ଥିବାରୁ ଆମର ଆଜି ଏଭଳି ପରାଜୟ ଘଟୁଛି। ବିତସ୍ତା ଓ ବିପାଶା ନଦୀ ଦ୍ୱୟର ମଧ୍ୟବର୍ତ୍ତୀ ଅଞ୍ଚଳରେ ଆମର

ଏହା ଗୋଟିଏ କ୍ଷୁଦ୍ର ରାଜ୍ୟ ହେଲେ ମଧ୍ୟ ଆମେ କେବେ ପଛଘୁଞ୍ଚା ଦେବା ନାହିଁ । ମୁଁ ପଣ କରୁଛି, ମୋ ଶରୀରରେ ଶେଷ ରକ୍ତବିନ୍ଦୁ ଥିବା ପର୍ଯ୍ୟନ୍ତ ମୁଁ ଲଢ଼ିବି । ଆଲେକ୍‌ଜାଣ୍ଡରଙ୍କୁ ଏ ମାଟିରୁ ବିତାଡ଼ିତ ନ କରିବା ପର୍ଯ୍ୟନ୍ତ ମୁଁ କେବେ ଶାନ୍ତିରେ ରହିପାରିବି ନାହିଁ ।

ସେନାପତି : କିନ୍ତୁ ମଣିମା ଆଲେକ୍‌ଜାଣ୍ଡରଙ୍କ ସୈନ୍ୟବଳ ଅପରିସୀମ । ସେମାନେ ଯେପରି ଯୁଦ୍ଧବିଦ୍ୟାରେ ସୁଶିକ୍ଷିତ, ସେହିପରି ସୁଶୃଙ୍ଖଳ ।

ପୁରୁ : (ଉଚ୍ଚ ସ୍ୱରରେ ହସି ଉଠିଲେ) ସେନାପତି, କାପୁରୁଷ ମୃତ୍ୟୁ ପୂର୍ବରୁ ସହସ୍ରବାର ମୃତ୍ୟୁବରଣ କରିଥାଏ । ବର୍ତ୍ତମାନ ହତୋତ୍ସାହ ହେବାର ବେଳ ନୁହେଁ । ଜନନୀ ଜନ୍ମଭୂମି ନିମନ୍ତେ ପ୍ରାଣ ଉତ୍ସର୍ଗ କରିବା ପାଇଁ ସମସ୍ତ ଦେଶବାସୀଙ୍କୁ ଆହ୍ୱାନ କର । ଆମର ପଚାଶ ହଜାର ପଦାତିକ, ତିନି ହଜାର ଅଶ୍ୱାରୋହୀ, ଏକ ହଜାର ଗଜାରୋହୀଙ୍କୁ ଯୁଦ୍ଧ ପାଇଁ ପ୍ରସ୍ତୁତ ହେବାକୁ କୁହ । ଯାଅ ସେନାପତି, ବିଳମ୍ବ କର ନାହିଁ ।
(ସେନାପତି ଅଭିବାଦନ କରି ଚାଲିଗଲେ । ପୁରୁ କ୍ରୋଧରେ ଉତ୍ତେଜିତ ଭାବେ ପଦଚାଳନା କରିବାକୁ ଲାଗିଲେ । )

## ୨ୟ ଦୃଶ୍ୟ

(ଶତଦ୍ରୁ ନଦୀକୂଳରେ ଆଲେକ୍‌ଜାଣ୍ଡରଙ୍କ ସୈନ୍ୟ ଶିବିର । ଆଲେକ୍‌ଜାଣ୍ଡର ନିଜ ହାତରେ ଭାରତର ଗୋଟିଏ ମାନଚିତ୍ର ଧରି ଦେଖୁଛନ୍ତି । ପାଖରେ ଠିଆ ହୋଇଛନ୍ତି ତାଙ୍କ ସେନାପତି ସେଲ୍ୟୁକାସ୍ । )



ଆଲେକ୍‌ଜାଣ୍ଡର : ସେଲ୍ୟୁକାସ୍ !

ସେଲ୍ୟୁକାସ୍ : ସମ୍ରାଟ !

ଆଲେକ୍‌ଜାଣ୍ଡର : ଶୁଣୁଛି, ଝେଲମ୍ ନଦୀକୂଳରେ ଥିବା ଗୋଟିଏ କ୍ଷୁଦ୍ର ରାଜ୍ୟର ରାଜା ପୁରୁ ଆମ ପରାକ୍ରମୀ ସୈନ୍ୟବାହିନୀକୁ ପ୍ରତିରୋଧ କରିବାର ଆୟୋଜନ କରୁଛନ୍ତି । ତାଙ୍କର ସାହସ ତ କମ୍ ନୁହେଁ । ତୁମେ ତାଙ୍କ ପାଖକୁ ଦୂତ ପଠାଇ ତାଙ୍କୁ ବାରଣ କର ।

ସେଲ୍ୟୁକାସ୍ : ଯଥା ଆଜ୍ଞା ସମ୍ରାଟ ।

ଆଲେକ୍‌ଜାଣ୍ଡର : ହଁ, ଶୁଣ । ପୁରୁରାଜାଙ୍କୁ ଆହୁରି ମଧ୍ୟ ଜଣାଇଦେବ, ତାଙ୍କର ଏକ କ୍ଷୁଦ୍ର ରାଜ୍ୟକୁ ଜୟ କରିଦେଲେ ଯେ ଆମର ଅଭିଯାନ ଶେଷ ହୋଇଯିବ ତାହା ନୁହେଁ । ସମଗ୍ର ଭାରତବର୍ଷକୁ ଜୟ କରିବା ହେଉଛି ଆମର ଅଭିପ୍ରାୟ । ଯଦି ପୁରୁରାଜା ମୋ ପାଖରେ ଆସି ଆତ୍ମସମର୍ପଣ କରନ୍ତି, ତେବେ ଆଉ ଅଯଥା ଯୁଦ୍ଧ ଓ

ରକ୍ତପାତ ଘଟିବ ନାହିଁ; ବରଂ ଆମ ବିରୋଧରେ ସେ ଯୁଦ୍ଧ ଘୋଷଣା କରିଥିବାରୁ ମୁଁ ତାଙ୍କୁ କ୍ଷମା କରିଦେବି । (ସେଲ୍ୟୁକାସ୍ ଚାଲିଗଲେ । ଆଲେକ୍‌ଜାଣ୍ଡର ଦମ୍ଭର ସହିତ ପଦଚାଳନା କରୁକରୁ ମନକୁ ମନ କହିବାକୁ ଲାଗିଲେ ।)

ଆଲେକ୍‌ଜାଣ୍ଡର : ମୋର ବହୁଦିନର ବାସନା ଆଜି ପୂର୍ଣ୍ଣ ହେବାକୁ ଯାଉଛି । ସ୍ୱର୍ଣ୍ଣପ୍ରସୂ ଭାରତଭୂମି ବିଷୟରେ ପିଲାଦିନରୁ କେତେକେତେ କଥା ମୁଁ ଶୁଣିଥିଲି । ଶୁଣିଥିଲି ଏ ଦେଶର ମାଟିରେ ସୁନା ଫଳେ । ଏ ଦେଶ ଘିଅମହୁରେ ପରିପୂର୍ଣ୍ଣ । ଆଜି ଏହି ମହାନ୍ ଦେଶ ମୋର କରଗତ ହେବାକୁ ଯାଉଛି । ସମଗ୍ର ଭାରତକୁ ଜୟକରି ମୁଁ ହେବି ଦିଗ୍‌ବିଜୟୀ ସମ୍ରାଟ । ହାଃ-ହାଃ-ହାଃ

## ୩ୟ ଦୃଶ୍ୟ

(ଦରବାରରେ ଉପବେଶନ କରିଛନ୍ତି ପୁରୁରାଜା । ପାଖରେ ଦଣ୍ଡାୟମାନ ହୋଇଛନ୍ତି ସେନାପତି । କିଛି ଦୂରରେ ଦଣ୍ଡାୟମାନ ଆଲେକ୍‌ଜାଣ୍ଡରଙ୍କ ଦୂତ । ଆଲେକ୍‌ଜାଣ୍ଡର ପଠାଇଥିବା ଚିଠିଟି ପୁରୁରାଜା ହାତରେ ଧରିଛନ୍ତି ।)

ପୁରୁ : ହାଃ-ହାଃ-ହାଃ । ଆତ୍ମସମର୍ପଣ ! ଆଲେକ୍‌ଜାଣ୍ଡର ଏହି ପତ୍ରରେ ମୋତେ ଲେଖିଛନ୍ତି ଆତ୍ମସମର୍ପଣ କରିବାକୁ ! ସେ ଜାଣନ୍ତି ନାହିଁ, ଏହି ମହାନ୍ ଭାରତଭୂମି ହେଉଛି ବେଦ ଉପନିଷଦର ଦେଶ । ଏ ଦେଶ ରାମାୟଣ ଓ ମହାଭାରତର ଦେଶ । ଆଲେକ୍‌ଜାଣ୍ଡର ଅତିଥି ଭାବରେ ଆସିଥିଲେ ମୁଁ ତାଙ୍କୁ ସମ୍ମାନର ସହିତ ପାଛୋଟି ଆଣିଥାଆନ୍ତି; କିନ୍ତୁ ସେ ଆସିଛନ୍ତି ଜଣେ ଆକ୍ରମଣକାରୀ ଭାବରେ, ରାଜ୍ୟ ବିସ୍ତାର କରିବାର ଅଭିଳାଷ ନେଇ । ଯୁଦ୍ଧ ନ କରି ତାଙ୍କ ନିକଟରେ ଆତ୍ମସମର୍ପଣ କରିବା ହେବ ଚରମ ଭୀରୁତା ଓ କାପୁରୁଷତା । ଫେରିଯାଅ ଦୂତ, କହିଦିଅ ତୁମର ସମ୍ରାଟଙ୍କୁ, ପୁରୁରାଜା ଏହି ମହାନ୍ ଦେଶର ସମ୍ମାନକୁ ଜଣେ ବିଦେଶୀ ଆକ୍ରମଣକାରୀର ପାଦତଳେ ଲୋଟାଇ ଦେବାକୁ ଚାହେଁ ନାହିଁ । ଯୁଦ୍ଧ ଅବଶ୍ୟ ହେବ । ପୁରୁରାଜା ତା'ର ସମସ୍ତ ଶକ୍ତି ପ୍ରୟୋଗ କରି ଆକ୍ରମଣର ଜବାବ ଦେବ ।

ଦୂତ : ଥରେ ଚିନ୍ତା କରନ୍ତୁ ପୁରୁରାଜ ! ମହାବୀର ଆଲେକ୍‌ଜାଣ୍ଡରଙ୍କ ଶକ୍ତିଶାଳୀ ସୈନ୍ୟବାହିନୀ ଆଗରେ ଆପଣ ଠିଆହୋଇ ପାରିବେ ନାହିଁ ବରଂ ଆତ୍ମସମର୍ପଣ କରିଯିବା ବୁଦ୍ଧିମାନ କାର୍ଯ୍ୟ ହେବ ।

ପୁରୁ : ତୁମେ ସାମାନ୍ୟ ଜଣେ ଦୂତ । ଉପଦେଶ ଦେବାର ଅଧିକାର ତୁମର ନାହିଁ ।

ସେନାପତି : (କ୍ରୋଧ ଜର୍ଜ୍ଜରିତ ହୋଇ) ଏହି ଦୂତର ଦୁଃସାହସ ତ କମ୍ ନୁହେଁ । ଆଦେଶ କରନ୍ତୁ ମହାରାଜ, ଏହି ଦୂତକୁ ବାନ୍ଧି କାରାଗାରରେ ନିକ୍ଷେପ କରିବି ।

ପୁରୁ : ନା ସେନାପତି । ଦୂତ କେବଳ ଜଣେ ପ୍ରତିନିଧି । ତାଙ୍କୁ ବନ୍ଦି କରିବା ଆମ ଦେଶର ପରମ୍ପରା ବିରୋଧୀ। ତାଙ୍କର ବାଚାଳତାକୁ ବରଂ କ୍ଷମା କରିଦିଅ । ଯାଅ, ଯୁଦ୍ଧ ପାଇଁ ପ୍ରସ୍ତୁତ ହୋଇଯାଅ ।

ଦୂତ : ମୁଁ ତେବେ ଫେରିଯାଉଛି ।

ପୁରୁ : ହଁ-ହଁ, ତୁମକୁ ଫେରିଯିବାକୁ ହେବ। ତୁମ ସମ୍ରାଟଙ୍କୁ ଯାଇ କହିଦିଅ, ଏଭଳି ଅପମାନଜନକ ପ୍ରସ୍ତାବ ଆମ ପକ୍ଷେ କଦାପି ଗ୍ରହଣୀୟ ନୁହେଁ। ଆମେ ଯୁଦ୍ଧ ପାଇଁ ପ୍ରସ୍ତୁତ ।

(ଦୂତ ଫେରିଗଲା। ସେନାପତି ଚାଲିଗଲେ ଯୁଦ୍ଧ ପାଇଁ ପ୍ରସ୍ତୁତ ହେବାକୁ।)

## ୪ର୍ଥ ଦୃଶ୍ୟ

(ଦୁଇ ଦେଶର ସୈନ୍ୟଙ୍କ ମଧ୍ୟରେ ଯୁଦ୍ଧ ଆରମ୍ଭ ହୋଇଯାଇଛି। ଶିବିର ଆଗରେ ଆଲେକ୍‌ଜାଣ୍ଡର ଓ ତାଙ୍କ ସେନାପତି ସେଲ୍ୟୁକାସ୍ ଠିଆ ହୋଇ ଯୁଦ୍ଧର ଗତିବିଧି ଲକ୍ଷ୍ୟ କରୁଛନ୍ତି। ଦୂରରୁ ଯୁଦ୍ଧର କୋଳାହଳ ଶୁଣାଯାଉଛି।)

ଆଲେକ୍‌ଜାଣ୍ଡର : ଦେଖୁଛ, ଦେଖୁଛ ସେଲ୍ୟୁକାସ୍ ପୁରୁରାଜାଙ୍କର ବୀରତ୍ୱ ! ଗୋଟିଏ କ୍ଷୁଦ୍ର ରାଜ୍ୟର ରାଜା ହେଲେ ମଧ୍ୟ ସାହସିକତା ଓ କୌଶଳର ସହିତ ସେ କିପରି ସୈନ୍ୟଚାଳନା କରୁଛନ୍ତି ! ଦକ୍ଷିଣ ପାର୍ଶ୍ୱରେ ଥିବା ଆମ ଘେରକୁ ଭେଦକରି କିଭଳି ବୀରଦର୍ପରେ ତାଙ୍କ ସୈନ୍ୟମାନେ ମାଡ଼ି ଆସୁଛନ୍ତି। ଓଃ ! ଲଢୁଆ ହାତୀମାନଙ୍କ ପାଦତଳେ ଆମ ସୈନ୍ୟମାନେ କିପରି ଦଳି ହୋଇଯାଉଛନ୍ତି !

ସେଲ୍ୟୁକାସ୍ : ତାହା ହିଁ ତ ଦେଖୁଛି ସମ୍ରାଟ ! ପୁରୁଙ୍କ ପାଖରେ ବୋଧେ ଆମକୁ ପରାଜୟ ସ୍ୱୀକାର କରିବାକୁ ପଡ଼ିବ।

ଆଲେକ୍‌ଜାଣ୍ଡର : (ଚିତ୍କାର କଲେ) ନା ନା, ସେକଥା ହୋଇପାରିବ ନାହିଁ। ଆମକୁ କିଛି ଗୋଟାଏ କୌଶଳ ଅବଲମ୍ବନ କରିବାକୁ ହେବ।

ସେଲ୍ୟୁକାସ୍ : କି କୌଶଳ ସମ୍ରାଟ ?

ଆଲେକ୍‌ଜାଣ୍ଡର : କାଳ ବିଳମ୍ବ ନ କରି ସୈନ୍ୟମାନଙ୍କୁ ନିର୍ଦ୍ଦେଶ ଦିଅ। ସେମାନେ ଏଥର ଶତ୍ରୁ ପକ୍ଷର ହାତୀମାନଙ୍କ ଉପରକୁ ତୀର ଓ ବର୍ଚ୍ଛା ପ୍ରୟୋଗ କରନ୍ତୁ। ତା'ହେଲେ ହାତୀମାନେ କ୍ଷତବିକ୍ଷତ ହୋଇ ପଛଘୁଞ୍ଚା ଦେଇ ପଳାୟନ କରିବେ। ପଳାୟନ କରିବାବେଳେ ନିଜ ପକ୍ଷର ସୈନ୍ୟମାନଙ୍କୁ ହିଁ ଦଳି ଚକଟି ଦେବେ। ତା'ହେଲେ ଭାରତୀୟ ସୈନ୍ୟମାନେ ଆଉ ଆଗେଇ ପାରିବେ ନାହିଁ। ଯୁଦ୍ଧରେ ଜୟ କରିବା ଆମମାନଙ୍କ ପକ୍ଷେ ସହଜ ହେବ।



ସେଲ୍ୟୁକାସ୍ : କିନ୍ତୁ ସମ୍ରାଟ, ଅସ୍ତ୍ରହୀନ ପଶୁମାନଙ୍କ ଉପରେ ତୀର ପ୍ରୟୋଗ କରିବା ଯୁଦ୍ଧନୀତିର ବିରୁଦ୍ଧ ଅଟେ।

ଆଲେକ୍‌ଜାଣ୍ଡର : (ଉତ୍ତେଜିତ ହୋଇ) ନୀତି, ନିୟମ, ଆଦର୍ଶ ଇତ୍ୟାଦି ଭାରତୀୟ ସୈନ୍ୟମାନଙ୍କୁ ସାଜେ, ଆମକୁ ନୁହେଁ। ଆମର ଲକ୍ଷ୍ୟ, ଯେକୌଣସି ଉପାୟରେ, ଯେକୌଣସି ପନ୍ଥାରେ ଯୁଦ୍ଧ ଜୟ କରିବା । ତୁମେ ଯାଅ ସେନାପତି, ବିଳମ୍ବ କଲେ ଆମର ବିଜୟ ଆଶା ଧୂଳିସାତ୍ ହୋଇଯିବ। ମୋର ଆଦେଶ କାର୍ଯ୍ୟକାରୀ କର। (ସେଲ୍ୟୁକାସ୍ ଦ୍ରୁତ ଗତିରେ ଚାଲିଗଲେ। ଆଲେକ୍‌ଜାଣ୍ଡର ବିଚଳିତ ଭାବରେ



ଶିବିର ଆଗରେ କେବଳ ପଦଚାରଣ କରିବାକୁ ଲାଗିଲେ। ଦୂରରୁ ଖାଲି ଶୁଭୁଥାଏ 'ଜୟ ମହାରାଜ ପୁରୁଙ୍କର ଜୟ ।')

ଆଲେକ୍‌ଜାଣ୍ଡର : (ଦୁଇ କାନକୁ ଦୁଇ ହାତରେ ଚାପିଧରି) ନା-ନା, ଏ ଜୟଧ୍ୱନି ମୁଁ ସହିପାରିବି ନାହିଁ। ଏହା ମୋ ପାଇଁ ଅସହ୍ୟ । ଆମକୁ ଯେକୌଣସି ଉପାୟରେ ଜୟ କରିବାକୁ ହେବ ଯେକୌଣସି ଉପାୟରେ ଜୟ କରିବାକୁ ହେବ।

(ଦୂରରେ କୋଳାହଳ ବଢ଼ିଗଲା। କ୍ରମେ କ୍ରମେ ପୁରୁରାଜାଙ୍କର ଜୟଧ୍ୱନି ନୀରବ ହୋଇ ଆସିଲା। ଏତିକିବେଳେ ଫେରିଆସିଲେ ସେଲ୍ୟୁକାସ୍।)

ସେଲ୍ୟୁକାସ୍ : (ଖୁସିର ସହ) ସମ୍ରାଟ୍, ସମ୍ରାଟ୍ !

ଆଲେକ୍‌ଜାଣ୍ଡର : ସମ୍ବାଦ କ'ଣ ସେଲ୍ୟୁକାସ୍ ?

ସେଲ୍ୟୁକାସ୍ : ଆପଣଙ୍କ ନିର୍ଦ୍ଦେଶ ଠିକ୍ ଭାବରେ କାର୍ଯ୍ୟକାରୀ ହୋଇଛି। ଭାରତୀୟ ସୈନ୍ୟବାହିନୀର ହାତୀମାନଙ୍କ ଉପରକୁ ଅସ୍ତ୍ର ପ୍ରୟୋଗ କରିବା ଫଳରେ ସେମାନେ କ୍ଷତବିକ୍ଷତ ହୋଇ ପୃଷ୍ଠଭଙ୍ଗ ଦେଇ ପଳାଇ

ଯାଇଛନ୍ତି । ଗଲାବେଳେ ତାଙ୍କ ନିଜ ପକ୍ଷର ସୈନ୍ୟମାନଙ୍କୁ ଦଳିଚକଟି ଦେଇ ଯାଇଛନ୍ତି । ଯୁଦ୍ଧ କ୍ଷେତ୍ରରେ ପୁରୁରାଜ୍ ବର୍ତ୍ତମାନ ଶକ୍ତିହୀନ ଓ ଏକାକୀ । ଅଦେଶ କଲେ ତାହାଙ୍କୁ ଆପଣଙ୍କ ପାଖରେ ଆଣି ହାଜର କରିବୁ ।

ଆଲେକ୍‌ଜାଣ୍ଡର : ସାବାସ୍ ସାବାସ୍ ସେନାପତି । ଆମର ତେବେ ଜୟ ହୋଇଛି । ତୁମେ ଏବେ ଯାଇ ପୁରୁଙ୍କୁ ମୋ ସମ୍ମୁଖକୁ ନେଇ ଆସ । (ସେନାପତି ଚାଲିଯାଉଥିଲେ ।) ହଁ ଶୁଣ, ପୁରୁରାଜାଙ୍କୁ ବନ୍ଦିକରି ଆଣିବ ନାହିଁ । ପରାଜିତ ହେଲେ ମଧ୍ୟ ସେ ଜଣେ ଦେଶପ୍ରେମୀ ବୀର । ତାଙ୍କୁ ସମ୍ମାନର ସହିତ ଶିବିରକୁ ନେଇ ଆସ । (ସେନାପତି ଚାଲିଗଲେ) ।

## ଶେଷ ଦୃଶ୍ୟ

(ଶିବିର ମଧ୍ୟରେ ଗୋଟିଏ ଆସନ ଉପରେ ବସିଛନ୍ତି ଆଲେକ୍‌ଜାଣ୍ଡର । ତାଙ୍କ ଦୁଇପାଖରେ ଠିଆ ହୋଇଛନ୍ତି ଦୁଇଜଣ ପ୍ରହରୀ । ଏହି ସମୟରେ ସେଲ୍ୟୁକାସ୍ ସାଙ୍ଗରେ ପ୍ରବେଶକଲେ ପୁରୁ ।)

ଆଲେକ୍‌ଜାଣ୍ଡର୍ : ପୁରୁରାଜ୍, ଯୁଦ୍ଧ ପୂର୍ବରୁ ଆତ୍ମସମର୍ପଣ କରିବାକୁ ମୁଁ ଦୂତ ହାତରେ ଖବର ପଠାଇଥିଲି । ଆପଣ ମୋ ପ୍ରସ୍ତାବକୁ ଗ୍ରହଣ ନ କରି ଦୂତକୁ ଫେରାଇ ଦେଇଥିଲେ । ଆଜି କିନ୍ତୁ ଆପଣ ପରାଜିତ, ମୋ ନିକଟରେ ବନ୍ଦୀ ।

ପୁରୁ : ପରାଜୟକୁ ମୁଁ ସ୍ୱୀକାର କରୁଛି ।

ଆଲେକ୍‌ଜାଣ୍ଡର : ଏବେ କୁହନ୍ତୁ, ମୋ'ଠାରୁ ଆପଣ କି ପ୍ରକାର ବ୍ୟବହାର ଆଶା କରୁଛନ୍ତି ।

ପୁରୁ : ମୁଁ ପରାଜିତ ହେଲେ ମଧ୍ୟ ଗୋଟିଏ ସ୍ୱାଧୀନ ରାଜ୍ୟର ନରପତି । ତେଣୁ ମୁଁ ଚାହେଁ ରାଜୋଚିତ ବ୍ୟବହାର ।

ଆଲେକ୍‌ଜାଣ୍ଡର : ଅର୍ଥାତ୍ ?

ପୁରୁ : ଜଣେ ରାଜା ଆଉ ଜଣେ ରାଜା ପ୍ରତି ଯେଉଁ ପ୍ରକାର ବ୍ୟବହାର ପ୍ରଦର୍ଶନ କରିବା ଉଚିତ, ମୁଁ ଆପଣଙ୍କଠାରୁ ସେଇଭଳି ବ୍ୟବହାର ଆଶା କରେ ।

ଆଲେକ୍‌ଜାଣ୍ଡର : (ନିଜ ଆସନରୁ ଉଠିପଡ଼ି) ଧନ୍ୟ, ଧନ୍ୟ ପୁରୁରାଜ୍ । ଆପଣ ପ୍ରକୃତରେ ହେଉଛନ୍ତି ଭାରତ ମାଟିର ବୀର ସନ୍ତାନ । ଆଜି ମୁଁ ଅନୁଭବ କରୁଛି ଯେ ସୁଜଳା, ସୁଫଳା, ଶସ୍ୟଶ୍ୟାମଳା ଭାରତବର୍ଷ ପ୍ରକୃତରେ ବୀରମାନଙ୍କର ଲୀଳାଭୂମି । ପରାଜିତ ହେଲେ ମଧ୍ୟ ଆପଣଙ୍କର ମନୋବଳ ଦୃଢ଼ ରହିଛି । ଆପଣ ଆଜିଠାରୁ ହେଲେ ମୋର ବନ୍ଧୁ । (ଏହାପରେ ସେଲ୍ୟୁକାସ୍‌ଙ୍କ ଆଡ଼କୁ ଚାହିଁ) ସେଲ୍ୟୁକାସ୍ !

ସେଲ୍ୟୁକାସ୍ : ସମ୍ରାଟ !

ଆଲେକ୍‌ଜାଣ୍ଡର : ମୋର ବନ୍ଧୁ ପୁରୁଙ୍କୁ ତାଙ୍କ ରାଜ୍ୟ ଫେରାଇ ଦିଅ । ସମ୍ମାନର ସହିତ ତାଙ୍କୁ ନେଇ ତାଙ୍କ ଶିବିରରେ ପହଞ୍ଚାଇ ଦିଅ ।



ପୁରୁ : ମହାବୀର ଆଲେକ୍‌ଜାଣ୍ଡର କ'ଣ ମୋ ପ୍ରତି ଦୟା କରୁଛନ୍ତି ?

ଆଲେକ୍‌ଜାଣ୍ଡର : ନା, ନା ପୁରୁରାଜ ! ଆପଣ ସେଭଳି ଭାବନ୍ତୁ ନାହିଁ । ମୋତେ ଆଉ ଲଜ୍ଜା ଦିଅନ୍ତୁ ନାହିଁ । ମୁଁ ମୋର ଗର୍ବ ଓ ଅହଂକାରର ଉତ୍ତର ପାଇସାରିଛି ।

ସେଲ୍ୟୁକାସ୍ : ଏ କ'ଣ କହୁଛନ୍ତି ସମ୍ରାଟ୍ ? ସମଗ୍ର ହିନ୍ଦୁସ୍ଥାନ ଉପରେ ଜୟପତାକା ଉଡ଼ାଇବା ଯେ ଆମର ଇଚ୍ଛା ।

ଆଲେକ୍‌ଜାଣ୍ଡର : ସେ ଇଚ୍ଛାକୁ ପରିତ୍ୟାଗ କର ସେନାପତି । ଏହି ବୀରଭୂମିରେ ଆଉ ପାଦେହେଲେ ଅଗ୍ରସର ହେବା ଆମ ପକ୍ଷେ ଉଚିତ ହେବ ନାହିଁ । ଆମେ ଏବେ ଫେରିଯିବା ଆମ ଦେଶକୁ । ଯାଆନ୍ତୁ ବନ୍ଧୁ ପୁରୁରାଜ୍ ! ଆପଣ ନିଜର ଏହି ବୀରତ୍ୱ, ସାହସିକତା ଓ ଦେଶଭକ୍ତି ପାଇଁ କାଳେକାଳେ ସ୍ମରଣୀୟ ହୋଇ ରହିବେ । ଆପଣଙ୍କ ନିକଟରେ ମୁଁ ମୋର ଶ୍ରଦ୍ଧା ଓ ସମ୍ମାନ ଜଣାଉଛି ।

(ଏହା ପରେ ମଞ୍ଚ ଅନ୍ଧକାର ହୋଇଆସିଲା ।)

**ସାରଦା ପ୍ରସନ୍ନ ନାୟକ (୧୯୨୬)** – କଟକରେ ଜନ୍ମ । ଜଣେ ନାଟ୍ୟକାର ଭାବରେ ସେ ସୁପରିଚିତ । 'ସୁନାମାଟି', 'ପରିଶୋଧ', 'ଲକ୍ଷ୍ମୀ', 'ପତ୍ନୀ' ଇତ୍ୟାଦି କେତେଖଣ୍ଡ ନାଟକ ରଚନା କରିଛନ୍ତି । କଟକ ଆକାଶବାଣୀ ଓ ଦୂରଦର୍ଶନରେ ପ୍ରଯୋଜକ ଭାବରେ କାର୍ଯ୍ୟକରି ଅବସର ଗ୍ରହଣ କରିଛନ୍ତି ।

**ସୂଚନା :**

ବିତାଡ଼ିତ – ଯାହାକୁ ବାହାର କରି ଦିଆଯାଇଛି ।

ପଦାତିକ – ପାଦରେ ଚାଲି ଚାଲି ଯାଉଥିବା ସୈନ୍ୟ

ହତୋତ୍ସାହ – ଉତ୍ସାହ ହରାଇବା ।

ପ୍ରତିରୋଧ – ବାଧା

ପୃଷ୍ଠଭଙ୍ଗ – କୌଣସି ଘଟଣାକୁ ମୁକାବିଲା କରି ନ ପାରି ଭୟରେ ପଛକୁ ପଳାଇବା ।

ଧୂଳିସାତ୍ – ମାଟିରେ ମିଶିଯିବା ।

## ଆସ ଜାଣିବା କେତୋଟି ନୂଆ ଶବ୍ଦ

| | | | |
|---|---|---|---|
| ଅଭ୍ୟନ୍ତର | ସ୍ୱର୍ଣ୍ଣପ୍ରସୂ | ଉତ୍ସର୍ଗ | ପରିତ୍ୟାଗ |
| ପଦଚାରଣ | ଆକୃଷ୍ଟ | ପ୍ରତିରୋଧ | ସ୍ମରଣୀୟ |
| ସ୍ୱୀକାର | ବିତାଡ଼ିତ | ଅଭିପ୍ରାୟ | |
| ହତୋତ୍ସାହିତ | ଅପରିସୀମ | ନିକ୍ଷେପ | |

# ଅଭ୍ୟାସ

**୧. ପାଠଟି ପଢ଼ିସାରିବା ପରେ ନିମ୍ନରେ ଦିଆଯାଇଥିବା ଚରିତ୍ରମାନଙ୍କର ଯେଉଁ ଉକ୍ତି ତୁମକୁ ଭଲଲାଗୁଛି, ସେହି ଉକ୍ତିଗୁଡ଼ିକୁ ଅଭିନୟ ସହ କୁହ :**

(କ) ଆଲେକ୍‌ଜାଣ୍ଡର (ଗ) ସେଲ୍ୟୁକାସ୍

(ଖ) ପୁରୁ (ଘ) ସେନାପତି

**୨. ନିମ୍ନରେ କେତେଗୁଡ଼ିଏ ଉକ୍ତି ଦିଆଯାଇଛି । ସେହି ଉକ୍ତିଗୁଡ଼ିକ କିଏ କହିଛନ୍ତି, ତାଙ୍କ ନାମ ଲେଖ :**

(କ) "ସ୍ୱର୍ଣ୍ଣପ୍ରସୂ ବୀରଭୂମି ଭାରତ । ଏ ଦେଶର ଶିକ୍ଷା, ସଂସ୍କୃତି ଓ ପରମ୍ପରା ମହାନ୍ । ଏହାର ସୁନାମ ସାରା ଜଗତରେ ପ୍ରଚାରିତ ।"

(ଖ) "ସମଗ୍ର ଭାରତବର୍ଷକୁ ଜୟ କରିବା ହେଉଛି ଆମର ଅଭିପ୍ରାୟ ।"

(ଗ) "ମୁଁ ପଣ କରୁଛି, ମୋ ଶରୀରର ଶେଷ ରକ୍ତବିନ୍ଦୁ ଥିବା ପର୍ଯ୍ୟନ୍ତ ମୁଁ ଲଢ଼ିବି ।"

(ଘ) "ଶୁଣିଥିଲି ଏଦେଶର ମାଟିରେ ସୁନା ଫଳେ, ଏ ଦେଶ ଘିଅମହୁରେ ପରିପୂର୍ଣ୍ଣ ।"

(ଙ) "କାପୁରୁଷ ମୃତ୍ୟୁ ପୂର୍ବରୁ ସହସ୍ରବାର ମୃତ୍ୟୁବରଣ କରିଥାଏ ।"

(ଚ) "ଅସ୍ତ୍ରହୀନ ପଶୁମାନଙ୍କ ଉପରେ ତୀର ପ୍ରୟୋଗ କରିବା ଯୁଦ୍ଧନୀତିର ବିରୁଦ୍ଧ ଅଟେ ।"

୩. ନିମ୍ନରେ କେତେଗୁଡ଼ିଏ ଉକ୍ତି ଦିଆଯାଇଛି । ସେହି ଉକ୍ତିଗୁଡ଼ିକ କିଏ, କାହାକୁ, କେଉଁ ପ୍ରସଙ୍ଗରେ କହିଛି, ଲେଖ:

(କ) "ଆମର ଲକ୍ଷ୍ୟ, ଯେକୌଣସି ଉପାୟରେ, ଯେକୌଣସି ପନ୍ଥାରେ ଯୁଦ୍ଧ ଜୟକରିବା ।"

(ଖ) "ଆପଣଙ୍କର ନିର୍ଦ୍ଦେଶ ଠିକ୍ ଭାବରେ କାର୍ଯ୍ୟକାରୀ ହୋଇଛି । ଭାରତୀୟ ସୈନ୍ୟବାହିନୀର ହାତୀମାନଙ୍କ ଉପରକୁ ଅସ୍ତ୍ରପ୍ରୟୋଗ କରିବା ଫଳରେ ସେମାନେ କ୍ଷତବିକ୍ଷତ ହୋଇ ପୃଷ୍ଠଭଙ୍ଗ ଦେଇ ପଳାଇ ଯାଇଛନ୍ତି ।

(ଗ) "ପୁରୁଙ୍କୁ ବନ୍ଦିକରି ଆଣିବ ନାହିଁ । ପରାଜିତ ହେଲେ ମଧ୍ୟ ସେ ଜଣେ ଦେଶପ୍ରେମୀ ବୀର ।"

(ଘ) "ମୁଁ ପରାଜିତ ହେଲେ ମଧ୍ୟ ଗୋଟିଏ ସ୍ୱାଧୀନ ରାଜ୍ୟର ନରପତି ।"

(ଙ) "ଆଜି ମୁଁ ଅନୁଭବ କରୁଛି ଯେ ସୁଜଳା, ସୁଫଳା, ଶସ୍ୟଶ୍ୟାମଳା ଭାରତବର୍ଷ ପ୍ରକୃତରେ ବୀରମାନଙ୍କର ଲୀଳାଭୂମି ।"

୪. ନିମ୍ନରେ ଦିଆଯାଇଥିବା ଅନୁଚ୍ଛେଦଟି ପାଠକରି ସେଥିରୁ ପ୍ରଶ୍ନ ତିଆରି କର :

ଆତ୍ମସମର୍ପଣ ! ଆଲେକ୍‌ଜାଣ୍ଡର ଏହି ପତ୍ରରେ ମୋତେ ଲେଖିଛନ୍ତି ଆତ୍ମ ସମର୍ପଣ କରିବାକୁ ! ସେ ଜାଣନ୍ତି ନାହିଁ, ଏହି ମହାନ୍ ଭାରତଭୂମି ହେଉଛି ବେଦ ଉପନିଷଦର ଦେଶ । ଏ ଦେଶ ରାମାୟଣ ଓ ମହାଭାରତର ଦେଶ । ଆଲେକ୍‌ଜାଣ୍ଡର ଅତିଥି ଭାବରେ ଆସିଥିଲେ ମୁଁ ତାଙ୍କୁ ସମ୍ମାନର ସହିତ ପାଛୋଟି ଆଣିଥାଆନ୍ତି । ସେ ଆସିଛନ୍ତି ଜଣେ ଆକ୍ରମଣକାରୀ ଭାବରେ, ରାଜ୍ୟ ବିସ୍ତାର କରିବାର ଅଭିଳାଷ ନେଇ, ଯୁଦ୍ଧ ନ କରି ତାଙ୍କ ନିକଟରେ ଆତ୍ମସମର୍ପଣ କରିବା ହେବ ଚରମ ଭୀରୁତା ଓ କାପୁରୁଷତା ! ଫେରିଯାଅ ଦୂତ, କହିଦିଅ ତୁମର ସମ୍ରାଟଙ୍କୁ ପୁରୁରାଜ ଏହି ମହାନ୍ ଦେଶର ସମ୍ମାନକୁ ଜଣେ ବିଦେଶୀ ଆକ୍ରମଣକାରୀର ପାଦ ତଳେ ଲୋଟାଇ ଦେବାକୁ ଋହେଁ ନାହିଁ ।

୫. ତଳେ ଦିଆଯାଇଥିବା ପ୍ରଶ୍ନର ଉତ୍ତର ଲେଖ :

(କ) ଆଲେକ୍‌ଜାଣ୍ଡର କେଉଁ ଦେଶର ରାଜା ଥିଲେ ?

(ଖ) ସେ ଭାରତ ପ୍ରତି କାହିଁକି ଆକୃଷ୍ଟ ହୋଇଥିଲେ ?

(ଗ) କେଉଁ କାରଣ ଯୋଗୁଁ ଆଲେକ୍‌ଜାଣ୍ଡର ଭାରତ ଆକ୍ରମଣ କରିବା ପାଇଁ ସମର୍ଥ ହେଲେ ?

(ଘ) ଆଲେକ୍‌ଜାଣ୍ଡର ପିଲାଦିନୁ ଭାରତ ବିଷୟରେ କ'ଣ ଶୁଣିଥିଲେ ?

**୬. ନିମ୍ନରେ ଦିଆଯାଇଥିବା ଅନୁଚ୍ଛେଦରେ ବିରାମ ଚିହ୍ନ ଯୋଗକରି ଲେଖ :**

ନୀତି ନିୟମ ଆଦର୍ଶ ଇତ୍ୟାଦି ଭାରତୀୟ ସୈନ୍ୟମାନଙ୍କୁ ସାଜେ ଆମକୁ ନୁହେଁ ଆମର ଲକ୍ଷ୍ୟ ଯେକୌଣସି ଉପାୟରେ ଯେକୌଣସି ପନ୍ଥାରେ ଯୁଦ୍ଧ ଜୟ କରିବା ତୁମେ ଯାଅ ସେନାପତି ବିଳମ୍ବ କଲେ ଆମର ବିଜୟ ଆଶା ଧୂଳିସାତ୍ ହୋଇଯିବ ମୋର ଆଦେଶ କାର୍ଯ୍ୟକାରୀ କର ।

**୭. ତଳେ ଡାହାଣ ପଟେ କେତୋଟି ଅର୍ଥ ସୂଚକ ଉକ୍ତି ଦିଆଯାଇଛି । ବାମପଟେ ଦିଆଯାଇଥିବା ଉପଯୁକ୍ତ ଶବ୍ଦ ସହ ତାହାକୁ ମିଳାଇ ଲେଖ :**

| | |
|---|---|
| ବିତାଡ଼ିତ | କୌଣସି ଆଶା ପୂରଣ ନ ହେବା |
| ହତୋତ୍ସାହ | କୌଣସି ପରିସ୍ଥିତି ବା ଘଟଣାକୁ ଦେଖି ଡରି ପଳାଇବା |
| ପ୍ରତିରୋଧ | ଯାହାକୁ ବାହାର କରି ଦିଆଯାଇଛି |
| ପୃଷ୍ଠଭଙ୍ଗ | ଉତ୍ସାହ ହରାଇବା |
| ଧୂଳିସାତ୍ | ବାଧାଦେବା |

**୮. ଏକାଙ୍କିକାଟିକୁ ଭଲ ଭାବରେ ପଢ଼ି ତଳେ ଦିଆଯାଇଥିବା ସୂଚନା ଅନୁଯାୟୀ ଦୁଇଟି ଲେଖାଏଁ ବାକ୍ୟ ଲେଖ :**

(କ) ପୁରୁଙ୍କର ଦେଶପ୍ରେମ ।

(ଖ) ଆଲେକ୍‌ଜାଣ୍ଡରଙ୍କର ଭାରତ ପ୍ରତି ଧାରଣା ।

(ଗ) ପୁରୁଙ୍କର ଆଲେକ୍‌ଜାଣ୍ଡରଙ୍କ ପ୍ରତି ଭକ୍ତି ।

(ଘ) ଆଲେକ୍‌ଜାଣ୍ଡରଙ୍କର ପୁରୁଙ୍କୁ ପ୍ରଶଂସାବାଣୀ ।

୯. ଅଭିଧାନ ଦେଖି ତଳେ ଦିଆଯାଇଥିବା ଶବ୍ଦଗୁଡ଼ିକର ଅର୍ଥ ଲେଖ :

ସ୍ୱର୍ଣ୍ଣପ୍ରସୂ, ଧୂଳିସାତ୍, ବୀରାଙ୍ଗନା, ଅଭିପ୍ରାୟ, ନିକ୍ଷେପ

୧୦. ନିମ୍ନରେ କେତୋଟି ଶବ୍ଦ ଦିଆଯାଇଛି, ସେହି ଶବ୍ଦଗୁଡ଼ିକୁ ବ୍ୟବହାର କରି ଏକ ଅନୁଚ୍ଛେଦ ଲେଖ ।

ବେଦ ଉପନିଷଦ, ଘିଅମହୁ, ବୀରାଙ୍ଗନା, ସ୍ୱର୍ଣ୍ଣପ୍ରସୂ,

ଶକ୍ତିଶାଳୀ, ସମ୍ମାନ, ଶେଷ ରକ୍ତବିନ୍ଦୁ

## ତୁମ ପାଇଁ କାମ

୧. ତୁମ ଅଞ୍ଚଳରେ ଏକତା ବଳରେ କରାଯାଇଥିବା କିଛି କାର୍ଯ୍ୟ ସଂପର୍କରେ ଜାଣିଥିଲେ ପାଞ୍ଚଟି ବାକ୍ୟରେ ଲେଖ ।

୨. ତୁମ ଗ୍ରାମରେ କିମ୍ବା ଅଞ୍ଚଳରେ ଥିବା ସ୍ୱାଧୀନତା ସଂଗ୍ରାମୀମାନଙ୍କ ସଂପର୍କରେ ଯାହା ଜାଣିଛ ଲେଖ ।

୩. ସାଙ୍ଗମାନେ ଏକାଠି ମିଶି ଏକାଙ୍କିକାର ଯେକୌଣସି ଗୋଟିଏ ଦୃଶ୍ୟ ଅଭିନୟ କର ।

# ସମୂହ ଗୀତ

ତୁହି ମା ! ଜନମଭୂମି ପବିତ୍ର ଭାରତଭୂମି
ତୋହର ସନ୍ତାନ ଆମ୍ଭେ ଅଟୁ ସରବେ,
ତୋର ଶ୍ରୀଚରଣ ସେବା– ପାଇଁ ମନ ପ୍ରାଣ ଦେବା
ଗାଇବା ତୋହର ଗୀତ ଆନନ୍ଦ–ରବେ;
ତୋ ଆନନ୍ଦେ ହୋଇବା ସୁଖୀ
କାନ୍ଦିବା ଦୁଃଖରେ ତୋର ହୋଇଣ ଦୁଃଖୀ ।
ଧନ୍ୟ ମହିମା ତୋହର ନାହିଁ ତାର ପଟାନ୍ତର
ମସ୍ତକରେ ହିମାଳୟ ପର୍ବତ ବର,
ଦୁଇ ପାରୁଶେ ଜଳଧି ବ୍ରହ୍ମପୁତ୍ର ସିନ୍ଧୁ ନଦୀ
ଚରଣରେ ବିରାଜିତ ମହାସାଗର;
ବିନ୍ଧ୍ୟ ଗିରିବର କଟିରେ,
ଗଙ୍ଗା ଆଦି କେତେ ନଦୀ ଶୋଭେ ଶରୀରେ ।
ଜନମିଲେ ତୋ କୋଳରେ କେତେ ସୁର ବୀର ନରେ
ରାମଚନ୍ଦ୍ର ଭୀଷ୍ମ ଦ୍ରୋଣ କର୍ଣ୍ଣ ଅର୍ଜୁନ,
ମହାକବି ବେଦବ୍ୟାସ ବାଲମୀକ କାଳିଦାସ
ଗାଇଲେ ପବିତ୍ର କଣ୍ଠେ ତୋହର ଗୁଣ;
ଚୈତନ୍ୟାଦି ମହାତ୍ମା ଜନେ
ପ୍ରଚାରିଲେ ବିଷ୍ଣୁ ନାମ ଆନନ୍ଦ–ମନେ ।
କେତେ କେତେ ପୁଣ୍ୟବତୀ କେତେ ପତିବ୍ରତା ସତୀ
କେତେ ବୀରନାରୀ କେତେ ବୀରଜନନୀ,
ସମସ୍ତେ ତୋର ଦୁହିତା ପଦ୍ମିନୀ ସାବିତ୍ରୀ ସୀତା
ଦୁର୍ଗାବତୀ ଆଦି କେତେ ବୀର ରମଣୀ;
ନମଇ ମା ! ଭକତି ଭରେ
ଅଧମ ଅକ୍ଷମ ସୁତ ତୋ ଚରଣରେ ।

ମଧୁସୂଦନ ରାଓ

# ଭାରତୀୟ ସ୍ଥଳ ସେନା

## ଜୀବନ ଓ ଜୀବିକା ଗଢ଼ିବାରେ ସହଯୋଗୀ

| କ୍ରମିକ ସଂଖ୍ୟା | ପାଠ୍ୟକ୍ରମ | ପାଠ୍ୟକ୍ରମ ନିମନ୍ତେ ଖାଲିଥିବା ସ୍ଥାନ | ଯୋଗ୍ୟତା ମାନଦଣ୍ଡ | | ବୈବାହିକ ସ୍ଥିତି | ଅଗ୍ରଣୀ ସମ୍ବାଦପତ୍ରରେ ବିଜ୍ଞାପନ ଦିଆଯାଏ | ଚାକିରୀ ଚୟନ ପରିଷଦ (ଏସ୍.ଏମ୍.ବି.) ବସିବାର ଆନୁମାନିକ ତାରିଖ | ପ୍ରଶିକ୍ଷଣ ଏକାଡେମୀର ନାମ | ପ୍ରଶିକ୍ଷଣର ସମୟସୀମା |
|---|---|---|---|---|---|---|---|---|---|
| | | | ବୟସସୀମା | ଯୋଗ୍ୟତା | | | | | |
| ୧. | ଏନ୍.ଡି.ଏ ଜାତୀୟ ପ୍ରତିରକ୍ଷା ଏକାଡେମୀ | ୩୦୦ ସ୍ଥଳସେନା ୧୯୫ ବାୟୁସେନା ୬୬ ନୌସେନା ୩୯ (ପ୍ରତ୍ୟେକ ବର୍ଷ ଜାନୁୟାରୀ ଏବଂ ଜୁଲାଇ ମାସ) | ୧୬ବର୍ଷ ୬ ମାସରୁ ୧୯ ବର୍ଷ | ୧୦+୨ ଶିକ୍ଷା ବ୍ୟବସ୍ଥାରେ ଦ୍ୱାଦଶ ଶ୍ରେଣୀ କିମ୍ବା ସମତୁଲ୍ୟ କେବଳ ସ୍ଥଳସେବା ନିମନ୍ତେ ଏବଂ ପଦାର୍ଥ ବିଜ୍ଞାନ ଓ ଗଣିତ ବିଷୟ ସହିତ କେବଳ ବାୟୁ ଓ ନୌସେନା ନିମନ୍ତେ | ଅବିବାହିତ | କେନ୍ଦ୍ରୀୟ ଲୋକସେବା ଆୟୋଗଙ୍କ ଦ୍ୱାରା ମାର୍ଚ୍ଚ ଓ ଅକ୍ଟୋବର ମାସରେ ବିଜ୍ଞାପନ ଦିଆଯାଏ | ସେପ୍ଟେମ୍ବର ରୁ ଅକ୍ଟୋବର ମାସ ଜାନୁୟାରୀରୁ ଏପ୍ରିଲ୍ ମାସ | ଜାତୀୟ ପ୍ରତିରକ୍ଷା ଏକାଡେମୀ (ଏନ୍.ଡି.ଏ.) ଖଡ଼ଗ ଭାଁସଲା, ପୁନା | ଜାତୀୟ ପ୍ରତିରକ୍ଷା ଏକାଡେମୀ (ଏନ୍.ଡି.ଏ.)ରେ ୩ବର୍ଷ ଓ ରାଷ୍ଟ୍ରୀୟ ମିଲିଟାରୀ ଏକାଡେମୀ (ଆଇ.ଏମ୍.ଏ)ରେ ୧ ବର୍ଷ |
| ୨. | ୧୦+୨ ସ୍ତରରେ ବୈଷୟିକ ପ୍ରବେଶ ଯୋଜନା | ୮୫ (ପ୍ରତ୍ୟେକ ବର୍ଷ ଜାନୁୟାରୀ ଏବଂ ଜୁଲାଇ ମାସ) | ୧୬ ବର୍ଷ ୬ ମାସରୁ ୧୯ ବର୍ଷ ୬ ମାସ | ପଦାର୍ଥ ବିଜ୍ଞାନ, ରସାୟନ ବିଜ୍ଞାନ ଓ ଗଣିତ ବିଷୟ ରଖି ୧୦+୨ ପାଶ୍ (ହାରାହାରି ୭୦%ରୁ ଅଧିକା ନମ୍ବର ରଖିଥିବା ପ୍ରାର୍ଥୀ ଆବେଦନ କରିବେ) | ଅବିବାହିତ | ଏପ୍ରିଲ୍ ଓ ସେପ୍ଟେମ୍ବର ମାସ | ଅଗଷ୍ଟରୁ ଅକ୍ଟୋବର ଏବଂ ଫେବ୍ରୁୟାରୀରୁ ଏପ୍ରିଲ୍ ମାସ | ରାଷ୍ଟ୍ରୀୟ ମିଲିଟାରୀ ଏକାଡେମୀ ଡେରାଡୁନ୍ | ୫ବର୍ଷ (ରାଷ୍ଟ୍ରୀୟ ମିଲିଟାରୀ ଏକାଡେମୀରେ ୧ବର୍ଷ ଏବଂ ଇଞ୍ଜିନିୟରିଂ ସ୍ନାତକରେ ୪ ବର୍ଷ, ୪ବର୍ଷ ପରେ ସ୍ଥାୟୀ କମିଶନ୍) |
| ୩. | ଆଇ.ଏମ୍. ଏ. (ଡି.ଇ) ରାଷ୍ଟ୍ରୀୟ ମିଲିଟାରୀ ଏକାଡେମୀ (ଶିକ୍ଷାଦାନ) | ୨୫୦ (ପ୍ରତ୍ୟେକ ବର୍ଷ ଜାନୁୟାରୀ ଏବଂ ଜୁଲାଇ ମାସ) | ୧୯ ବର୍ଷରୁ ୨୪ ବର୍ଷ | ସ୍ୱୀକୃତିପ୍ରାପ୍ତ ବିଶ୍ୱବିଦ୍ୟାଳୟରୁ ସ୍ନାତକ ପାଶ୍ | ଅବିବାହିତ | ମାର୍ଚ୍ଚ/ଏପ୍ରିଲ୍ ଓ ସେପ୍ଟେମ୍ବର / ଅକ୍ଟୋବର ମାସ | ସେପ୍ଟେମ୍ବର / ଅକ୍ଟୋବର ଏବଂ ମାର୍ଚ୍ଚ / ଏପ୍ରିଲ୍ ମାସ | ରାଷ୍ଟ୍ରୀୟ ମିଲିଟାରୀ ଏକାଡେମୀ, ଡେରାଡୁନ୍ | ୧ ବର୍ଷ ୬ମାସ |
| ୪. | ଏସ୍.ଏସ୍.ସି (ଏନ୍.ଟି) ସ୍ୱଳ୍ପ ମିଆଦି ସେବା ମିଶନ୍ (ଅଣବୈଷୟିକ ପୁରୁଷ) | ୧୭୫ (ପ୍ରତ୍ୟେକ ବର୍ଷ ଏପ୍ରିଲ୍ ଏବଂ ଅକ୍ଟୋବର) | ୧୯ ବର୍ଷରୁ ୨୫ ବର୍ଷ | ସ୍ୱୀକୃତିପ୍ରାପ୍ତ ବିଶ୍ୱବିଦ୍ୟାଳୟରୁ ସ୍ନାତକ ପାଶ୍ | ଅବିବାହିତ/ ବିବାହିତ | ମାର୍ଚ୍ଚ / ଏପ୍ରିଲ୍ ଓ ସେପ୍ଟେମ୍ବର / ଅକ୍ଟୋବର ମାସ | ଅକ୍ଟୋବର / ନଭେମ୍ବର ଏବଂ ଜୁଲାଇ / ଅଗଷ୍ଟ | (ଓ.ଟି.ଏ., ଚେନ୍ନାଇ) ଅଧିକାରୀ ପ୍ରଶିକ୍ଷଣ ଏକାଡେମୀ, ଚେନ୍ନାଇ | ୪୯ ସପ୍ତାହ |

| | | | | | | | | | |
|---|---|---|---|---|---|---|---|---|---|
| ୫. | ଏସ୍.ଏସ୍.ସି. (ଏନ୍.ଟି.) ସ୍ୱଳ୍ପ ମିଆଦି ସେବା କମିଶନ୍ (ଅଣବୈଷୟିକ (ମହିଳା) (ବିଶେଷଜ୍ଞ ଅଣ ବୈଷୟିକ ସମେତ ଜେ.ଏ.ଜି. ପ୍ରବେଶ ନିମନ୍ତେ) | ପ୍ରତ୍ୟେକ ବର୍ଷ ଏପ୍ରିଲ୍ ଓ ଅକ୍ଟୋବର ମାସରେ ଯେତୋଟି ସ୍ଥାନ ପାଇଁ ବିଜ୍ଞାପନ ପ୍ରକାଶ ପାଇବ | ସ୍ନାତକ ଉପାଧି ନିମନ୍ତେ ୧୯ ରୁ ୨୫ ବର୍ଷ ଓ ସ୍ନାତକୋତ୍ତର / ବିଶେଷଜ୍ଞ / ଜେ.ଏ.ଜି. ନିମନ୍ତେ ୨୧ ରୁ ୨୭ ବର୍ଷ | ସ୍ୱୀକୃତି ପ୍ରାପ୍ତ ବିଶ୍ୱବିଦ୍ୟାଳୟରୁ ଡିପ୍ଲୋମା ସମେତ ସ୍ନାତକ/ ସ୍ନାତକୋତ୍ତର/ ଆଇନ ସ୍ନାତକ ପାଶ୍ | ଅବିବାହିତ | ଏପ୍ରିଲ୍ ଓ ଅକ୍ଟୋବର ମାସ | ନଭେମ୍ବରରୁ ଜାନୁୟାରୀ ଏବଂ ମେ' ଜୁଲାଇ | ଅଧିକାରୀ ପ୍ରଶିକ୍ଷଣ ଏକାଡେମୀ (ଓ.ଟି.ଏ) ଚେନ୍ନାଇ | ୪୯ ସପ୍ତାହ |
| ୬. | ଏନ୍.ସି.ସି. (ସମଗ୍ର ଶିକ୍ଷାର୍ଥୀ ବାହିନୀ) (ସ୍ୱତନ୍ତ୍ର) ପୁରୁଷଙ୍କ ପ୍ରବେଶ ନିମନ୍ତେ | ୫୦ ପ୍ରତ୍ୟେକ ବର୍ଷ ଏପ୍ରିଲ୍ ଓ ଅକ୍ଟୋବର ମାସ | ୧୯ରୁ ୨୫ବର୍ଷ | ସ୍ନାତକ ଉପାଧିରେ ହାରାହାରି ୫୦% ନମ୍ବର ରଖି ପାଶ୍ କରିଥିବେ ସମର ଶିକ୍ଷାର୍ଥୀ ବାହିନୀ (ସ୍ଥଳ ବାହିନୀରେ) ୨ ବର୍ଷର ସେବା ସମେତ 'ସି' ସାର୍ଟିଫିକେଟ୍ ପରୀକ୍ଷାରେ 'ବି' ଶ୍ରେଣୀ ପ୍ରାପ୍ତ ହୋଇଥିବେ | ଅବିବାହିତ | ବିଜ୍ଞାପନ ଭାବେ ପ୍ରକାଶ ପାଇବ | ଜାନୁୟାରୀ ଓ ଅଗଷ୍ଟ କେବଳ ମହିଳାଙ୍କ ନିମନ୍ତେ, ନଭେମ୍ବରରୁ ଜାନୁୟାରୀ ଏବଂ ମେ' ରୁ ଜୁଲାଇ ପୁରୁଷଙ୍କ ନିମନ୍ତେ | ଅଧିକାରୀ ପ୍ରଶିକ୍ଷଣ ଏକାଡେମୀ, ଚେନ୍ନାଇ | ୪୯ ସପ୍ତାହ |
| | ଏନ୍.ସି.ସି. (ସମର ଶିକ୍ଷାର୍ଥୀ ବାହିନୀ) (ସ୍ୱତନ୍ତ୍ର) ମହିଳାଙ୍କ ପ୍ରବେଶ ନିମନ୍ତେ | ଯେତୋଟି ସ୍ଥାନ ନିମନ୍ତେ ବିଜ୍ଞାପନ ପ୍ରକାଶ ହେବ | | | | | | | |
| ୭. | ଜେ. ଏଜି. (ବିଚାରକ ମହା ଅଧିବକ୍ତା) (ପୁରୁଷ) | ଯେତୋଟି ସ୍ଥାନ ନିମନ୍ତେ ଏପ୍ରିଲ୍ / ଅକ୍ଟୋବର ମାସରେ ବିଜ୍ଞାପନ ପ୍ରକାଶ ହେବ | ୨୧ ରୁ ୨୭ବର୍ଷ | ସ୍ନାତକ ସମେତ ହାରାହାରି ୫୫% ନମ୍ବର ରଖି ଆଇନରେ ସ୍ନାତକ/ ସ୍ନାତକୋତ୍ତର, ଭାରତ ବର୍ଷରେ ଯେକୌଣସି ରାଜ୍ୟର ବାର୍ କାଉନ୍‌ସିଲରେ ନିଜ ନାମ ପଞ୍ଜୀକୃତ କରିଥିବେ | ଅବିବାହିତ / ବିବାହିତ | ମେ' | ଜାନୁୟାରୀ ଓ ଅଗଷ୍ଟ | ଅଧିକାରୀ ପ୍ରଶିକ୍ଷଣ ଏକାଡେମୀ, ଚେନ୍ନାଇ | ୪୯ ସପ୍ତାହ |
| ୮. | ଇଉ.ଇ.ଏସ୍. (ଅନୁ ଇଂଜିନିୟରିଂ ସେବା) | ୬୦ ପ୍ରତ୍ୟେକ ବର୍ଷ ଜୁଲାଇ ମାସ | ଶେଷ ବର୍ଷ ନିମନ୍ତେ ୧୯ରୁ୨୫ ବର୍ଷ ପ୍ରାକ୍ ଶେଷ ବର୍ଷ ନିମନ୍ତେ ୧୮ରୁ୨୪ ବର୍ଷ | ଇଂଜିନିୟରିଂ ଡିଗ୍ରୀ ପାଠକ୍ରମର ଶେଷ ବର୍ଷ ବା ପ୍ରାକ୍ ଶେଷ ବର୍ଷ ଛାତ୍ର ହୋଇଥିବେ | ଅବିବାହିତ | ଏପ୍ରିଲ୍ ଓ ଅକ୍ଟୋବର | ଶେଷ ବର୍ଷ ନିମନ୍ତେ ଜାନୁୟାରୀରୁ ମାର୍ଚ୍ଚ ପ୍ରାକ୍ ଶେଷ ବର୍ଷ ନିମନ୍ତେ ଅଗଷ୍ଟରୁ ଅକ୍ଟୋବର ମାସ | ରାଷ୍ଟ୍ରୀୟ ମିଲିଟାରୀ ଏକାଡେମୀ | ଏକ ବର୍ଷ |

| | | | | | | | | | |
|---|---|---|---|---|---|---|---|---|---|
| ୯. | ଟି.ଜି.ସି. (ଇଂଜିନିୟରିଂ) ତାଲିମ ପ୍ରାପ୍ତ ସ୍ନାତକ ବାହିନୀ (ଇଂଜିନିୟରିଂ) | ପ୍ରତ୍ୟେକ ବର୍ଷ ଜାନୁୟାରୀ ଓ ଜୁଲାଇ ମାସରେ ଯେତୋଟି ସ୍ଥାନ ନିମନ୍ତେ ବିଜ୍ଞାପନ ପ୍ରକାଶ ପାଇବ | ୨୦ରୁ ୨୭ବର୍ଷ | ଇଂଜିନିୟରିଂ ସ୍ରୋତର ପ୍ରକାଶିତ ହୋଇଥିବା ବିଷୟରେ ବି.ଇ./ବି.ଟେକ୍ (ଇଂଜିନିୟରିଂ/ ବୈଷୟିକ ସ୍ନାତକ) | ଅବିବାହିତ/ ବିବାହିତ | ପୁରୁଷଙ୍କ ନିମନ୍ତେ ଏପ୍ରିଲ୍ ଏବଂ ଅକ୍ଟୋବର ଓ ମହିଳାଙ୍କ ନିମନ୍ତେ ଜୁନ୍-ଜୁଲାଇ, ଡିସେମ୍ବର-ଜାନୁୟାରୀ | ମାର୍ଚ୍ଚ/ଏପ୍ରିଲ୍ ଓ ସେପ୍ଟେମ୍ବର/ ଅକ୍ଟୋବର | ରାଷ୍ଟ୍ରୀୟ ମିଲିଟାରୀ ଏକାଡେମୀ | ଏକ ବର୍ଷ |
| ୧୦. | ଟି.ଜି.ସି. (ଶିକ୍ଷା) ଏ.ଇ.ସି. ତାଲିମପ୍ରାପ୍ତ ସ୍ନାତକ ବାହିନୀ (ଶିକ୍ଷା) ସ୍ଥଳସେନା ଶିକ୍ଷା ବାହିନୀ | ପ୍ରତ୍ୟେକ ବର୍ଷ ଜାନୁୟାରୀ ଓ ଜୁଲାଇ ମାସରେ ଯେତୋଟି ସ୍ଥାନ ନିମନ୍ତେ ବିଜ୍ଞାପନ ପ୍ରକାଶ ପାଇବ | ୨୩ରୁ ୨୭ବର୍ଷ | ସ୍ୱୀକୃତିପ୍ରାପ୍ତ ବିଶ୍ୱବିଦ୍ୟାଳୟରୁ ବିଜ୍ଞାପିତ ହୋଇଥିବା ବିଷୟରେ କଳା/ ବିଜ୍ଞାନରେ ସ୍ନାତକୋତ୍ତର ପାଶ୍ | ଅବିବାହିତ | ମାର୍ଚ୍ଚ ଓ ଅଗଷ୍ଟ | ମାର୍ଚ୍ଚ/ଏପ୍ରିଲ୍ ଓ ସେପ୍ଟେମ୍ବର/ ଅକ୍ଟୋବର | ରାଷ୍ଟ୍ରୀୟ ମିଲିଟାରୀ ଏକାଡେମୀ | ଏକ ବର୍ଷ |
| ୧୧. | ଏସ୍.ଏସ୍.ସି (ଟି)/ସ୍ୱଳ୍ପ ମିଆଦି ସେବା କମିଶନ୍ (ବୈଷୟିକ) (ପୁରୁଷ) | ୫୦ ପ୍ରତ୍ୟେକ ବର୍ଷ ଏପ୍ରିଲ୍ ଓ ଅକ୍ଟୋବର | ୨୦ରୁ ୨୭ବର୍ଷ | ବିଜ୍ଞାପିତ ହୋଇଥିବା ବିଷୟରେ ଇଞ୍ଜିନିୟରିଂ ଉପାଧି | ଅବିବାହିତ / ବିବାହିତ | ଏପ୍ରିଲ୍ ଓ ଜୁଲାଇ | ଡିସେମ୍ବର-ଜାନୁୟାରୀ ଓ ଜୁନ୍-ଜୁଲାଇ | ଅଧିକାରୀ ପ୍ରଶିକ୍ଷଣ ଏକାଡେମୀ | ୪୯ ସପ୍ତାହ |
| ୧୨. | ଏସ୍.ଏସ୍.ସି. (ଟି)/ସ୍ୱଳ୍ପ ମିଆଦି ସେବା (ବୈଷୟିକ) (ମହିଳା) | ପ୍ରତ୍ୟେକ ବର୍ଷ ଏପ୍ରିଲ୍ ଓ ଅକ୍ଟୋବର ମାସରେ ଯେତୋଟି ସ୍ଥାନ ପାଇଁ ବିଜ୍ଞାପନ ପ୍ରକାଶ ପାଇବ | ୨୦ରୁ ୨୭ବର୍ଷ | ବିଜ୍ଞାପିତ ହୋଇଥିବା ବିଷୟରେ ଇଂଜିନିୟରିଂ ଉପାଧି | ଅବିବାହିତ | ଜାନୁୟାରୀ ଓ ଜୁଲାଇ | ଏପ୍ରିଲ୍ ପାଠ୍ୟକ୍ରମ ପାଇଁ ନଭେମ୍ବରରୁ ଜାନୁୟାରୀ ଓ ଅକ୍ଟୋବର ପାଠ୍ୟକ୍ରମ ପାଇଁ ମଇରୁ ଜୁଲାଇ | ଅଧିକାରୀ ପ୍ରଶିକ୍ଷଣ ଏକାଡେମୀ | ୪୯ ସପ୍ତାହ |